CMYK

- Vol.- 45, Issue No. 341
- Sunday, 15 March 2026
- ରବିବାର, ୧୫ ମାର୍ଚ୍ଚ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

ମଧ୍ୟପ୍ରାଚ୍ୟ ମହାଯୁଦ୍ଧ

## ଖାର୍ଗ ଦ୍ୱୀପରେ ବୋମା ମାଡ଼

- ବାଗଦାଦ ସ୍ଥିତ ଆମେରିକୀୟ ଦୂତାବାସ ଉପରେ ଇରାନର ଆକ୍ରମଣ
- ଆମେରିକା-ଇସ୍ରାଏଲ ମିଳିତ ଆକ୍ରମଣରେ ପ୍ରାୟ ୪୩ ହଜାର ଘର ନଷ୍ଟ
- ୧୨୦ ସ୍କୁଲ, ୪୩ ଜରୁରୀକାଳୀନ ୟୁନିଟ୍ ଏବଂ ୩୨ ଆମ୍ବୁଲାନ୍ସ ପ୍ରଭାବିତ
- ୯୨,୭୦୦ ମେଟ୍ରିକ୍ ଟନ୍ ଗ୍ୟାସ୍ ନେଇ ଭାରତ ଆସୁଛି ୨ଜାହାଜ
- ଖାମେନେଇ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସୂଚନା ପାଇଁ ପୁରସ୍କାର ରାଶି ଘୋଷଣା



ନୂଆଦିଲ୍ଲୀ, ୧୪ ।୩: ଇରାନ ଉପରେ ମିଳିତ ଭାବରେ ଇସ୍ରାଏଲ ଓ ଆମେରିକା ଆକ୍ରମଣ କରିବା ଏବଂ ଇରାନ ପ୍ରତିଜବାବ ରଖିବା ୧୫ ଦିନରେ ପହଞ୍ଚିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଶ୍ଚିତ କରିଛନ୍ତି ଯେ ଆମେରିକୀୟ ସେନା ଇରାନର ତୈଳ ରପ୍ତାନି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଖାର୍ଗ ଦ୍ୱୀପରେ ସାମରିକ ସ୍ଥାନ ଉପରେ ବୋମା ମାଡ଼ କରିଛି।ଖାର୍ଗ ଦ୍ୱୀପ ହେଉଛି ଯେଉଁଠାରୁ ଇରାନ ୯୦ ପ୍ରତିଶତରୁ ଅଧିକ ତେଲ ରପ୍ତାନି କରିଥାଏ। ପ୍ରତିଶୋଧ ସ୍ୱରୂପ ଇରାନ ଇରାକର ବାଗଦାଦରେ ଥିବା ଆମେରିକୀୟ ଦୂତାବାସ ଉପରେ ଆକ୍ରମଣ କରିଛି। ଆକ୍ରମଣ ପରେ ତୁରନ୍ତ ଦୂତାବାସ ପରିସରରୁ କଳା ଧୂଆଁ ବାହାରୁଥିବା ଦେଖାଯାଇଥିଲା, ଯାହା ଫଳରେ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଏକ ଆତ୍ମଘାତୀ ଡ୍ରୋନ ଆମେରିକୀୟ ଦୂତାବାସର ରାଡାର ସିଷ୍ଟମକୁ ଟାର୍ଗେଟ କରିଥିବା ଜଣାପଡିଛି। ଏଥର ତୈଳ ଭିତ୍ତିଭୂମିରୁ ବର୍ତ୍ତିଥିଲେ ମଧ, ଟ୍ରମ୍ପ ଚେତାବନୀ ଦେଇଛନ୍ତି ଯେ ଯଦି ତେହେରାନ ପ୍ରତିଶୋଧ ନେବା ଜାରି ରଖେ ତେବେ ତେହରାନ ପରବର୍ତ୍ତୀ ନିଶାଣ ହୋଇପାରେ। ଏପରି ସମୟରେ, ୟୁଏଇ ଅଧିକ ସତର୍କତାରେ ରହିଛି। ୧୪ ମାର୍ଚ୍ଚ, ୨୦୨୬ ର ରିପୋର୍ଟ ମୁତାବକ ଇରାନ ସରକାର କହିଛି ଯେ ଆମେରିକା-ଇସ୍ରାଏଲର ମିଳିତ ଆକ୍ରମଣରେ ପ୍ରାୟ ୪୩,୦୦୦ ଆବାସିକ ଏବଂ ବାଣିଜ୍ୟିକ ୟୁନିଟ୍ କ୍ଷତିଗ୍ରସ୍ତ କିମ୍ବା ନଷ୍ଟ ହୋଇଛି । କ୍ଷତି ମଧ୍ୟରେ ପ୍ରାୟ ୩୬,୫୦୦ ଆବାସିକ ୟୁନିଟ୍ ଏବଂ ୬,୧୭୯ ବାଣିଜ୍ୟିକ ସୁବିଧା ଅନ୍ତର୍ଭୁକ୍ତ।ଇରାନ ସରକାରଙ୍କ ମୁଖପାତ୍ର ଫାତେମେହ ମୋହାଜେରାନି ଏହି ରିପୋର୍ଟ ଦେଇଛନ୍ତି। କେବଳ ରାଜଧାନୀ ତେହେରାନରେ ଏହି ୟୁନିଟ୍ ମଧ୍ୟରୁ ପ୍ରାୟ ୧୦,୦୦୦ କ୍ଷତିଗ୍ରସ୍ତ ହୋଇଛି। ଆକ୍ରମଣରେ ୧୨୦ଟି ସ୍କୁଲ, ୪୩ଟି ଜରୁରୀକାଳୀନ ୟୁନିଟ୍ ଏବଂ ୩୨ଟି ଆମ୍ବୁଲାନ୍ସ ମଧ୍ୟ ପ୍ରଭାବିତ ହୋଇଛି।ଇରାନ ରିପୋର୍ଟ କରିଛି ଯେ ଅତି କମ୍‌ରେ ୨୨୩ ଜଣ ମହିଳା ଏବଂ ଝିଅଙ୍କ ମୃତ୍ୟୁ ହୋଇଛି, ଏବଂ ପୂର୍ବ ରିପୋର୍ଟ ଅନୁଯାୟୀ ୨୮ ଫେବୃଆରୀ, ୨୦୨୬ ରେ ସଂଘର୍ଷ ଆରମ୍ଭ ହେବା ପରଠାରୁ ମୋଟ ୧୨୦୦ ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ନୂଆଦିଲ୍ଲୀ ଏବଂ ତେହେରାନ ମଧ୍ୟରେ ଘନିଷ୍ଠ କୂଟନୈତିକ ପ୍ରୟାସ ଫଳରେ ଦୁଇଟି ଭାରତୀୟ ଜାହାଜ, 'ଶିବାଲିକ୍' ଏବଂ 'ନନ୍ଦା ଦେବୀ', ଏଲପିଜିର ବଡ଼ କଣ୍ଟେନର ନେଇ ଭାରତ ଅଭିମୁଖେ ଆସୁଛନ୍ତି। ଏହି ଜାହାଜଗୁଡ଼ିକ ମାର୍ଚ୍ଚ ୧୫-୧୭ ସୁଦ୍ଧା ମୁନ୍ଦ୍ରା ଏବଂ କାଣ୍ଡଲା ବନ୍ଦରରେ ପହଞ୍ଚିବ। ଜାହାଜଗୁଡ଼ିକ ପ୍ରାୟ ୯୨,୭୦୦ ମେଟ୍ରିକ୍ ଟନ୍ ଗ୍ୟାସ୍ ବହନ ହେଉଛି। ଇରାନର ନୂତନ ସର୍ବୋଚ୍ଚ ନେତା ମୋଜତାବା ଖାମେନେଇ ଏବଂ ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ୍ ସହିତ ଜଡିତ ଅନ୍ୟ ଅନେକ ବରିଷ୍ଠ ଅଧିକାରୀଙ୍କ ବିଷୟରେ ସୂଚନା ପାଇଁ ଆମେରିକା ୧୦ ନିୟୁତ ଡଲାର କିମ୍ବା ବର୍ତ୍ତମାନର ବିନିମୟ ହାରରେ ୯୨,୪୭, ୪୮,୦୦୦ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ଘୋଷଣା କରିଛି। ଏହି ଘୋଷଣା ଆମେରିକାର ଷ୍ଟେଟ୍ ଡିପାର୍ଟମେଣ୍ଟର 'ରିୱାର୍ଡସ୍ ଫର୍ ଜଷ୍ଟିସ୍' କାର୍ଯ୍ୟକ୍ରମ ମାଧ୍ୟମରେ କରାଯାଇଛି, ଯାହା କୂଟନୈତିକ ସୁରକ୍ଷା ସେବା ଦ୍ୱାରା ପରିଚାଳିତ।

ରାଜ୍ୟରେ ନୂଆ ଅଧ୍ୟାୟ ଆରମ୍ଭ ହେବ

## ଭୁବନେଶ୍ୱର-କଟକକୁ ଗଡ଼ିବ ନମୋ ଭାରତ

### ଖୁବଶୀଘ୍ର ହେବ ସୁବିଧାଜନକ ଯାତ୍ରା



ଭୁବନେଶ୍ୱର, ୧୪ ।୩ : ଓଡିଶାର ଦୁଇ ପ୍ରମୁଖ ସହର ଭୁବନେଶ୍ୱର ଓ କଟକ ମଧ୍ୟରେ ଯାତାୟାତକୁ ଆହୁରି ଦ୍ରୁତ ତଥା ସୁବିଧାଜନକ କରିବା ପାଇଁ ଶୀଘ୍ର 'ନମୋ ଭାରତ' ଟ୍ରେନ୍ ସେବା ଆରମ୍ଭ ହେବାକୁ ଯାଉଛି। ଏହି ଆଧୁନିକ ଓ ଉଚ୍ଚଗତିର ଟ୍ରେନ୍ ଚାଲୁ ହେଲେ ଦୁଇ ସହର ମଧ୍ୟରେ ଯାତ୍ରା ସମୟ ଅନେକ କମିଯିବ ଓ ଯାତ୍ରୀମାନେ ଆରାମଦାୟକ ଯାତ୍ରାର ଅନୁଭବ ପାଇବେ। ଏଥିପାଇଁ କେନ୍ଦ୍ର ସରକାର ନମୋ ଭାରତ ନାମକ ବିକଳ୍ପ ଦ୍ରୁତ ରେଳ ବ୍ୟବସ୍ଥା ଉପରେ ବିଚାର କରୁଛନ୍ତି। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନିକଟରେ ରାଜ୍ୟସଭାରେ ଏହି ସୂଚନା ଦେଇଛନ୍ତି।ରେଳ ବିଭାଗର ଯୋଜନା ଅନୁସାରେ ଭୁବନେଶ୍ୱର-କଟକ କରିଡୋରକୁ ଏକ ଆଧୁନିକ ରିଜିଅନାଲ ରାପିଡ୍ ଟ୍ରାନ୍‌ଜିଟ୍ ସିଷ୍ଟମ ଭାବେ ବିକଶିତ କରାଯିବ। 'ନମୋ ଭାରତ' ଟ୍ରେନ୍ ଆସିଲେ ଦିନକୁ ହଜାର ହଜାର ଯାତ୍ରୀ ଏହାର ସୁବିଧା ଉଠାଇ ପାରିବେ ଓ ଦୁଇ ସହର ମଧ୍ୟରେ ଯାତାୟାତ ଆହୁରି ସହଜ ଓ ଦ୍ରୁତ ହୋଇପାରିବ। ଏହି ଟ୍ରେନରେ ରହିବ ଆଧୁନିକ ସୁବିଧା-ଏସି କୋଚ୍, ଆରାମଦାୟକ ସିଟ୍, ଉନ୍ନତ ସୁରକ୍ଷା ବ୍ୟବସ୍ଥା ଓ ଡିଜିଟାଲ୍ ସୂଚନା ପ୍ରଣାଳୀ। ଏହା ଦ୍ୱାରା କେବଳ ଯାତ୍ରା ସୁବିଧା ବଢିବ ନୁହେଁ, ଭୁବନେଶ୍ୱର-କଟକ ମହାନଗର ଅଞ୍ଚଳର ବ୍ୟବସାୟ, ଶିଳ୍ପ ଓ ଅର୍ଥନୈତିକ କାର୍ଯ୍ୟକଳାପକୁ ମଧ୍ୟ ନୂଆ ଗତି ମିଳିବ। ଫଳରେ ଓଡିଶାର ସହରୀୟ ଯାତାୟାତ ବ୍ୟବସ୍ଥାରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହେବ।

## ହର୍ମୁଜ୍ ପ୍ରଣାଳୀକୁ ମୁକ୍ତ କରିବୁ: ଟ୍ରମ୍ପ



ନୂଆଦିଲ୍ଲୀ, ୧୪ ।୩: ଇରାନର ବୈଦେଶିକ ମନ୍ତ୍ରୀ ହୋସେନ୍ ଆରାକଚି ଶନିବାର କହିଛନ୍ତି ଯେ ହରମୁଜ୍ ପ୍ରଣାଳୀ କେବଳ 'ଶତ୍ରୁ ଏବଂ ସେମାନଙ୍କ ସହଯୋଗୀଙ୍କ ଟ୍ୟାଙ୍କର ଏବଂ ଜାହାଜ' ପାଇଁ ବନ୍ଦ ଅଛି।ସରକାରୀ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଆରାକଚି ଚେତାବନୀ ଦେଇଛନ୍ତି ଯେ ଯଦି ଇରାନର ଶକ୍ତି ସୁବିଧାଗୁଡ଼ିକୁ ନିଶାଣ କରାଯାଏ ତେବେ ଇରାନ ଜବାବ ଦେବ। ସେ ଆହୁରି କହିଛନ୍ତି ଯେ ଇରାନ ସେନା ଏହି ଅଞ୍ଚଳରେ ଥିବା ଆମେରିକୀୟ କମ୍ପାନୀଗୁଡ଼ିକର ସୁବିଧା କିମ୍ବା ଆମେରିକାର ଅଂଶୀଦାର ଥିବା ସ୍ଥାନଗୁଡ଼ିକୁ ଆକ୍ରମଣ କରିବ। ସେ ଜୋର ଦେଇଛନ୍ତି ଯେ ତେହେରାନ ଜନବସତି ଅଞ୍ଚଳକୁ ଆକ୍ରମଣ କରିବାରୁ ରକ୍ଷା ପାଇବା ପାଇଁ ସତର୍କତାର ସହିତ କାର୍ଯ୍ୟ କରିବ। ଇତିମଧ୍ୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଇରାନ ଦ୍ୱାରା ହରମୁଜ୍ ପ୍ରଣାଳୀ ବନ୍ଦ କରିବାର ପ୍ରୟାସ ଦ୍ୱାରା ପ୍ରଭାବିତ ଦେଶମାନେ ଆମେରିକା ସହିତ ଯୁଦ୍ଧଜାହାଜ ପଠାଇବେ ଯାହା ଦ୍ୱାରା ଜଳପଥ ଖୋଲା ଏବଂ ସୁରକ୍ଷିତ ରହିବ। ଏକ ବିବୃତିରେ, ଟ୍ରମ୍ପ ଦାବି କରିଛନ୍ତି ଯେ ଆମେରିକା 'ଇରାନର ୧୦୦ପ୍ରତିଶତ ସାମରିକ କ୍ଷମତା ନଷ୍ଟ କରିଦେଇଛି'। କିନ୍ତୁ ସେ ଚେତାବନୀ ଦେଇଛନ୍ତି ଯେ ଇରାନ ଏବେ ବି ଡ୍ରୋନ୍, ମାଇନ୍ କିମ୍ବା କ୍ଷୁଦ୍ର ଦୂରଗାମୀ କ୍ଷେପଣାସ୍ତ୍ର ସହିତ ଜାହାଜ ଚଳାଚଳ ବାଧାପ୍ରାପ୍ତ କରିବାକୁ ଚେଷ୍ଟା କରିପାରିବ। ସେ ଚୀନ୍, ଫ୍ରାନ୍ସ, ଜାପାନ, ଦକ୍ଷିଣ କୋରିଆ ଏବଂ ୟୁକେ ସମେତ ରାଷ୍ଟ୍ରଗୁଡ଼ିକୁ ଏହି ଅଞ୍ଚଳରେ ସେନା ମୁତୟନ କରିବାକୁ ଅନୁରୋଧ କରିଛନ୍ତି। ଟ୍ରମ୍ପ ଆହୁରି କହିଛନ୍ତି ଯେ ଆମେରିକା କୂଳରେ ଇରାନୀ ସ୍ଥାନଗୁଡ଼ିକ ଉପରେ ଆକ୍ରମଣ ଜାରି ରଖିବ ଏବଂ ଇରାନୀ ବୋଟ୍ ଏବଂ ଜାହାଜକୁ ଟାର୍ଗେଟ କରିବ। ଯେଉଁ ଉପାୟରେ ହେଉ, ଆମେ ଶୀଘ୍ର ହର୍ମୁଜ୍ ପ୍ରଣାଳୀକୁ ଖୋଲା, ନିରାପଦ ଏବଂ ମୁକ୍ତ କରିବୁ।

## ପେଟ୍ରୋଲ ଢାଳି କରୁଥିଲେ ଆତ୍ମହତ୍ୟା ଉଦ୍ୟମ

### ବର୍ତ୍ତିଲେ ପରିବାରର ୪ ଜଣ

ନୂଆପଡା, ୧୪ ।୩: ଶୁଣିଲାନି ଖଡ଼ିଆଳ ପୋଲିସ, ଏପରି ଅଭିଯୋଗ ଆଣି ଶେଷରେ ନୂଆପଡା ଜିଲ୍ଲା କୋର୍ଟ ଆଗରେ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ ବେଳେ ଅଳ୍ପକେ ବର୍ତ୍ତିଛନ୍ତି ଏକ ପରିବାର। ଆତ୍ମହତ୍ୟା ଉଦ୍ୟମ ବେଳେ ସାଥୀରେ ଥିଲେ ତାଙ୍କର ୭ ଓ ୫ ବର୍ଷର ଦୁଇଟି ପୁଅ। ସେମାନଙ୍କ ଦେହରେ ମଧ୍ୟ ପେଟ୍ରୋଲ ଢଳା ହୋଇ ସାରିଥିଲା।



ସ୍ୱାମୀ ସ୍ତ୍ରୀ ଦେହରେ ପେଟ୍ରୋଲ ଢ଼ାଳିବା ସମୟରେ ପାଖରେ ଥିବା କିଛି ଯୁବକ ଦେଖିବା ପରେ ଦୌଡିଯାଇ ହାତରୁ ଲାଇଟର ଛଡାଇଥିଲେ। ଫଳରେ ୪ ଜଣଙ୍କ ଜୀବନ ବଞ୍ଚିଯାଇଥିଲା।ପରେ ନୂଆପଡା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଚାରିଜଣଙ୍କୁ ଉଦ୍ଧାର କରିବା ସହ ତଦନ୍ତ ଜାରି ରଖିଛି।ଡୁଆଝର ବସ୍ତି ରେ ଦୀର୍ଘ ବର୍ଷ ହେବ ଏହି ଦମ୍ପତି ରହି ଆସୁଛନ୍ତି। ତେବେ ଜାଗା ଛାଡି ସେଠାରୁ ଅନ୍ୟତ୍ର ଚାଲି ଯିବା ପାଇଁ ପଡୋଶୀଙ୍କ ପରିବାର କୁଆଡେ ସବୁଦିନ ଝଗଡା କରିବା ସହ ମାରପିଟ କରୁଛନ୍ତି। ଏହାକୁ ନେଇ ଦୁଇ ବର୍ଷ ହେବ ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କଲେ ବି ପୋଲିସ ଏକ ମାମଲା ରୁଜୁ କରି ଚୁପ୍ ହୋଇ ବସୁଛି। ଗତ ରାତିରେ ଏହି ପରିବାର ପ୍ରତି ହୋଇଥିବା ଅକଥନୀୟ ନିର୍ଯାତନା ସହି ନପାରି ଶନିବାର ନୂଆପଡା ଜିଲ୍ଲା ମୁଖ୍ୟ ନ୍ୟାୟାଳୟ ସାମ୍ନାରେ ନିଜ ଏବଂ ଦୁଇ ପୁଅଙ୍କ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି କୁହାଯାଇଛି।

ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ଆଶ୍ୱାସନା

## ଦେଶରେ ଏଲପିଜିର ଅଭାବ ନାହିଁ

- ଆତଙ୍କିତ ନ ହେବାକୁ ଯୁଗ୍ମ ସଚିବଙ୍କ ପରାମର୍ଶ
- ଏଲପିଜି ଉତ୍ପାଦନ ପ୍ରାୟ ୩୧ପ୍ରତିଶତ ବୃଦ୍ଧି
- ଆଗୁଆ ବୁକିଂ: ୭୬ ଲକ୍ଷରୁ ବଢ଼ି ପହଞ୍ଚିଲା ୮୮ ଲକ୍ଷରେ



ନୂଆଦିଲ୍ଲୀ, ୧୪ ।୩: ଏଲପିଜି ସିଲିଣ୍ଡର ସଙ୍କଟ ସମ୍ପର୍କିତ ଗୁଜବ ମଧ୍ୟରେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଲୋକଙ୍କୁ ଆଶ୍ୱାସନା ଦେଇଛି ଯେ, ଦେଶରେ ଏଲପିଜି ସିଲିଣ୍ଡର, ପେଟ୍ରୋଲ କିମ୍ବା ଡିଜେଲର କୌଣସି ଅଭାବ ନାହିଁ। ଆତଙ୍କିତ ହୋଇ ଆଗୁଆ ବୁକିଂ କରିବାରୁ ଦୂରେଇ ରହିବାକୁ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ନାଗରିକମାନଙ୍କୁ ଅନୁରୋଧ କରିଛନ୍ତି । କେନ୍ଦ୍ର ସରକାର ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି ଏବଂ ବିଶେଷକରି ଶିଳ୍ପ ଓ ବାଣିଜ୍ୟିକ ବ୍ୟବହାର ପାଇଁ ଯଥେଷ୍ଟ ଯୋଗାଣ ବ୍ୟବସ୍ଥା କରାଯାଇଛି ।ଏହି ସମୟରେ, ସବୁଠାରୁ ବଡ଼ କଥା ହେଉଛି ଏଲପିଜି ନେଇ ଇରାନରୁ ଆସୁଥିବା ଦୁଇଟି ଭାରତୀୟ ଜାହାଜ ସୁରକ୍ଷିତ ଭାବରେ ଭାରତ ଅଭିମୁଖେ ଯାତ୍ରା କରୁଛନ୍ତି। ଯୋଗାଣ ବାଧା ପଡିବା ଆଶଙ୍କାରେ ଲୋକମାନେ ଆଗୁଆ ବୁକିଂ କରୁଥିବାରୁ ପ୍ରତିଦିନ ଏଲପିଜି ବୁକିଂ ୭୫ରୁ ୭୬ ଲକ୍ଷରୁ ବଢ଼ି ପ୍ରାୟ ୮୮ ଲକ୍ଷକୁ ପହଞ୍ଚିଛି । ଘରୋଇ ଏବଂ ଅତ୍ୟାବଶ୍ୟକ କ୍ଷେତ୍ରର ଆବଶ୍ୟକତାକୁ ପ୍ରାଥମିକତା ଦେବା ପାଇଁ ରିଫାଇନାରୀଗୁଡ଼ିକରୁ ଏବେ ଘରୋଇ ଏଲପିଜି ଉତ୍ପାଦନ ପ୍ରାୟ ୩୧ପ୍ରତିଶତ ବୃଦ୍ଧି ପାଇଛି। ବାଣିଜ୍ୟିକ ସିଲିଣ୍ଡର ବଣ୍ଟନ ୨୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଆରମ୍ଭ ହୋଇଛି ଏବଂ ଗ୍ରାହକଙ୍କ ପାଖକୁ ପହଞ୍ଚୁଛି। ବର୍ତ୍ତମାନ ପ୍ରାୟ ୮୪ପ୍ରତିଶତ ବୁକିଂ ଅନଲାଇନ୍ ହେଉଛି, ଯାହାକୁ ୧୦୦ପ୍ରତିଶତ କରିବାକୁ ଲକ୍ଷ୍ୟ ରହିଛି । କଳାବଜାରୀ ରୋକିବା ପାଇଁ ବିଭିନ୍ନ ରାଜ୍ୟରେ ନିୟମିତ ଚଢାଉ ଚାଲିଛି। ଉତ୍ତରପ୍ରଦେଶରେ ପ୍ରାୟ ୧,୪୦୦ ସ୍ଥାନରେ ଯାଞ୍ଚ ହୋଇଛି। ମହାରାଷ୍ଟ୍ର, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ବିହାର, ଓଡିଶା ଓ କର୍ଣ୍ଣାଟକରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଜାରି ରହିଛି । ମନ୍ତ୍ରଣାଳୟ ଡିଜିଟାଲ୍ ବୁକିଂକୁ ପ୍ରାଧାନ୍ୟ ଦେବାକୁ ଉପଭୋକ୍ତାମାନଙ୍କୁ କହିଛି।

## ବିଜେପି ବିଧାୟକ ଗଲେ ପାରାଦୀପ

ଭୁବନେଶ୍ୱର, ୧୪ ।୩: ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଦଳୀୟ ବିଧାୟକମାନେ ଏଥିରେ ପ୍ରସ୍ତୁତ ଥିଲେ। ପ୍ରଥମେ ଏସଆଇଆର ପ୍ରସଙ୍ଗରେ ବୈଠକରେ ଆଲୋଚନା ହୋଇଥିଲା । ତିନି ସ୍ୱାଧୀନ ବିଧାୟକ ଙ୍କୁ ମିଶାଇ ୬୮ ବିଧାୟକ ବୈଠକରେ ଉପସ୍ଥିତ ଥିଲେ । ରାଜ୍ୟ ସଭା ନିର୍ବାଚନ ପରିପ୍ରେକ୍ଷୀରେ ବିଜେପି ବିଧାୟକମାନଙ୍କୁ ତାଲିମ ଦିଆଯିବ। ସେଠାରେ ଏକ ହୋଟେଲରେ ସେମାନେ ଦୁଇ ରାତି ରହିବେ। ସେଥିଲାଗି ଏକ ବସ୍ ଯୋଗେ ଏହି ବିଧାୟକମାନଙ୍କୁ ପାରାଦୀପ ଯାତ୍ରା କରିଥିବା ଏକ ସୂତ୍ରରୁ ପ୍ରକାଶ।

## ୩ ସହରରେ ତାପମାତ୍ରା ୪୦ଡିଗ୍ରୀ ଉପରେ



ଭୁବନେଶ୍ୱର, ୧୪ ।୩: ଶନିବାର ମଧ୍ୟ ରାଜ୍ୟରେ ପ୍ରବଳ ଗରମ ଜାରି ରହିଥିଲା। ତିନୋଟି ସହରରେ ଦିନର ତାପମାତ୍ରା ୪୦ଡିଗ୍ରୀ ଉପରେ ବୃଦ୍ଧି ପାଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଆଗାମୀ ଦୁଇ ସପ୍ତାହ ପାଇଁ ରାଜ୍ୟର ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଭାଗରେ ପ୍ରବଳ ଗରମ ଜାରି ରହିବ ବୋଲି ପୂର୍ବାନୁମାନ କରିଛି।ଝାରସୁଗୁଡ଼ା ରାଜ୍ୟର ସବୁଠାରୁ ଉତ୍ତପ୍ତ ସ୍ଥାନ ଭାବରେ ଉଭା ହୋଇଛି। ସର୍ବାଧିକ ତାପମାତ୍ରା ୪୦.୨ଡିଗ୍ରୀ ରେକର୍ଡ କରାଯାଇଛି, ଯାହା ସବୁଠାରୁ ଅଧିକ ତାପ ପ୍ରଭାବିତ ସହରାଞ୍ଚଳ ହୋଇଛି। ଟିଟିଲାଗଡ଼ ଏବଂ ସମ୍ବଲପୁର ମଧ୍ୟ ୪୦ଡିଗ୍ରୀ ଅତିକ୍ରମ କରିଛି। ସେହିପରି ଭବାନୀପାଟଣା ୩୯.୫ଡିଗ୍ରୀ, ହୀରାକୁଦ ୩୯.୨ଡିଗ୍ରୀ, ରାଉରକେଲା ୩୯.୧ଡିଗ୍ରୀ, ସୁନ୍ଦରଗଡ଼ ଏବଂ ସୋନପୁର ୩୯ଡିଗ୍ରୀ, ବଲାଙ୍ଗୀର ୩୮.୫ଡିଗ୍ରୀ, ବରଗଡ଼ ୩୮.୨ଡିଗ୍ରୀ ତାପମାତ୍ରା ଅନୁଭୂତ ହୋଇଛି।

ରାଜ୍ୟସଭା ନିର୍ବାଚନ

## ବଢୁଛି ଉଷ୍ମତା, ଆରୋପ-ପ୍ରତ୍ୟାରୋପ

- ବିଜେପି ଘୋଡା ବେପାର କରୁଛି: ନବୀନ
- ନବୀନଙ୍କର ଘୋଡା ବେପାରର ଅଭିଜ୍ଞତା ଅଛି: ଜୟ ନାରାୟଣ
- ଏଆଇସିସି ସ୍କାନରରେ ଦାଶରଥୀ ଗମାଙ୍ଗ !
- ମକ୍ ପୋଲିଂରେ ଭାଗ ନେଲେ ବିଜେଡି ବିଧାୟକ



ଭୁବନେଶ୍ୱର, ୧୪ ।୩(ନିପ୍ର): ବିଜେପି ଦଳର ଲୋକମାନେ ଘୋଡା ବେପାର କରୁଛନ୍ତି ବୋଲି କହିଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ନବୀନ କହିଛନ୍ତି ଘୋଡା ବେପାର କରୁଛି ବିଜେପି । ନିଜର ସମସ୍ତ ତିନି ପ୍ରାର୍ଥୀଙ୍କ ପାଇଁ ଏହା କରୁଛି ବିଜେପି, ଯାହା ଗଣତନ୍ତ୍ରରେ ଅପରାଧ ବୋଲି କହିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନବୀନ ପଟ୍ଟନାୟକଙ୍କ ଘୋଡା ବେପାର ଅଭିଯୋଗକୁ କଡା କାଉଣ୍ଟର କରିଛନ୍ତି ବରିଷ୍ଠ ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର। ସେ କହିଛନ୍ତି ଯେ ନବୀନ ବାବୁ ମୁଖ୍ୟମନ୍ତ୍ରୀ ଥିବା ବେଳେ ତାଙ୍କର ଘୋଡା ବେପାରର ଅଭିଜ୍ଞତା ଅଛି । କାମଳ ରୋଗୀଙ୍କୁ ସବୁ ହଳଦିଆ ଦେଖାଯାଏ। ଆମେ ଘୋଡା ବେପାର କରୁନାହୁଁ । ସେମାନେ ଆମକୁ ଭୋଟ ଦେଉଛନ୍ତି ଆମେ ନେଉଛୁ। ଏହି ମନ୍ତବ୍ୟ ଦେବା ସହିତ ନବୀନ ବାବୁ ଆଡମିଟ କରିଦେଲେ ସେ ହାରି ସାରିଲେଣି। ଆମେ ଘୋଡା ବେପାର କରୁନାହୁଁ ବିବେକାନୁମୋଦିତ ଭୋଟ ଦେବା ପାଇଁ ଅନୁରୋଧ କରୁଛୁ । ଏଆଇସିସି ସ୍କାନରରେ ଦାଶରଥୀ ଗମାଙ୍ଗ ଥିବା କୁହାଯାଇଛି। ପିସିସି ସଭାପତି ଏବଂ ଏଆଇସିସି ନେତାମାନେ ଦାଶରଥୀଙ୍କ ସହ ଯୋଗାଯୋଗ କରୁଛନ୍ତି । ହେଲେ ସେ ଫୋନ ଉଠାଉ ନାହାନ୍ତି ବୋଲି କହିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କଡ଼ାମ । ସେ କହିଛନ୍ତି ଯେ, ତଥାପି ତାଙ୍କ ଉପରେ କଂଗ୍ରେସ ଭରସା ରଖିଛି । ସେ ନିଶ୍ଚିତ ଦଣ୍ଡେଶ୍ୱର ହୋତାଙ୍କୁ ଭୋଟ ଦେବେ । ଯେଉଁମାନେ କ୍ରସ ଭୋଟିଂ କରିବେ, ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ବିଜେପି ଯେଉଁ ଯୋଜନା କରୁଛି, ସେଥିରେ ସଫଳ ହେବ ନାହିଁ । ୧୬ ତାରିଖରେ ରାଜ୍ୟସଭା ନିର୍ବାଚନ ପାଇଁ ଭୋଟିଂ ପୂର୍ବରୁ ବିଧାନସଭାରେ ମକ୍ ପୋଲିଂ କରାଯାଇଛି। ଏହାକୁ ନେଇ ପ୍ରତିକ୍ରିୟା ରଖି ବିଜେଡି ବିଧାୟକ ଅରୁଣ ସାହୁ ଓ ବ୍ୟୋମକେଶ ରାୟ କହିଛନ୍ତି ବିଧାନସଭା ସଚିବ ମକ୍ ଡ୍ରିଲ କରାଇଲେ। କେମିତି ମତଦାନ କେନ୍ଦ୍ରକୁ ଯିବେ, କେଉଁଠି ବସିବେ, ବାଲାଟ ପେପର କେଉଁଠୁ ଆଣିବେ, ଭୋଟ କେମିତି ଦିଆଯିବ, ପେନ କେମିତି ବ୍ୟବହାର ହେବ, ସେ ନେଇ ପ୍ରଶିକ୍ଷଣ ମିଳିଲା।ଦଳର ନିଷ୍ପତ୍ତି ଅନୁସାରେ ଭୋଟ ଦିଆଯିବ । ହେଲେ ବିଜେପି ଘୋଡା ବେପାର କରୁଛି । ଯାହାର ଫରକ ପଡ଼ିବନି । ନିର୍ବାଚନ ମଣ୍ଡଳୀ ଲୋକ କହିଛନ୍ତି ଯେ ଯିଏ ବି ଘୋଡା ବେପାର କରିବ, ତାକୁ ନିର୍ବାଚନ ମଣ୍ଡଳୀ ପୂରାଇ ଦିଆଯିବ ନାହିଁ।

## ରାଜ୍ୟସଭା ପାଇଁ ପଡ଼ିବ ଭୋଟ ବାଚସ୍ପତି ବିଧାନସଭା ମୁଲତବୀ ଘୋଷଣା କଲେ

ଭୁବନେଶ୍ୱର, ୧୪ ।୩: ରାଜ୍ୟସଭା ନିର୍ବାଚନ ଲାଗି ଚଳିତ ମାସ ୧୬ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଥିବାରୁ ଏହିଦିନ ବିଧାନସଭା ଚାଲିବ ନାହିଁ। ବିଧାନସଭା କାର୍ଯ୍ୟ ଦିନକ ପାଇଁ ମୁଲତବୀ ରହିବ। ଶୁକ୍ରବାର ଗୃହରେ ଗୃହୀତ କାର୍ଯ୍ୟ ପରାମର୍ଶଦାତା କମିଟିଙ୍କ ରିପୋର୍ଟ ଅନୁଯାୟୀ ଏହା ସ୍ଥିରୀକୃତ ହୋଇଛି। ବାଚସ୍ପତି ସୁରମା ପାଢୀ ମାର୍ଚ୍ଚ ୧୬ ରେ ବିଧାନସଭା ମୁଲତବୀ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଲତବୀ ହେତୁ ମାର୍ଚ୍ଚ ୧୬ ବୈଠକରେ ଆଲୋଚନା ହେବାକୁ ଥିବା ପ୍ରଶ୍ନଗୁଡିକର ଉତ୍ତର ୧୭ ତାରିଖ (ମଙ୍ଗଳବାର) ଗୃହରେ ଉପସ୍ଥାପିତ ହେବ ବୋଲି ଧରି ନିଆଯିବ। ଏହା ସହିତ, ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ସହିତ ଜଡିତ ଅନୁଦାନ ଦାବି, ଯାହା ସୋମବାର ଆଲୋଚନା ଏବଂ ଭୋଟିଂ ପାଇଁ ପୂର୍ବରୁ ସ୍ଥିର କରାଯାଇଥିଲା, ତାହାକୁ ମାର୍ଚ୍ଚ ୨୦କୁ ପୁନଃନିର୍ଦ୍ଧାରିତ କରାଯାଇଛି।

## ଦାରୁବ୍ରହ୍ମ

ଦାରୁବ୍ରହ୍ମ, ଯାହାର ଅର୍ଥ 'କାଠରେ ମୂର୍ତ୍ତି ହୋଇଥିବା ସର୍ବୋଚ୍ଚ ଆତ୍ମା', ଏହା ଓଡ଼ିଶାର ପୁରୀରେ ପ୍ରଭୁ ଜଗନ୍ନାଥଙ୍କ ପବିତ୍ର କାଠ ପ୍ରତିମାକୁ ବୁଝାଏ, ଯାହା ବିଶେଷ ଭାବରେ ଚୟନିତ ନିମ୍ବ କାଠ (ଦାରବ୍ରହ୍ମ)ରୁ ନିର୍ମିତ। ଏହା ଦିବ୍ୟତାକୁ ଦୃଶ୍ୟ ଭାବରେ ପ୍ରତିନିଧିତ୍ୱ କରେ, ଅସାର ରୂପରୁ ଏକ 'ଚଳିତ/କାର୍ଯ୍ୟଶୀଳ' (ଦାରୁ) ରୂପକୁ ପରିବର୍ତ୍ତନ କରେ ଯାହା ମୁକ୍ତି ଏବଂ ଆନନ୍ଦ ପ୍ରଦାନ କରେ।

**ଗୁରୁତ୍ୱ:** ଏହା ସୂଚିତ କରେ ଯେ ପ୍ରଭୁ କେବଳ ଏକ ପଥର କିମ୍ବା ଧାତୁ ପ୍ରତିମା ନୁହଁନ୍ତି ବରଂ ଏକ ଜୀବନ୍ତ, ଶ୍ୱାସକ୍ରିୟାଶୀଳ ଏବଂ କରୁଣାପୂର୍ଣ୍ଣ ଉପସ୍ଥିତି, ଯାହା ଭକ୍ତମାନଙ୍କ ନିକଟରେ ସିଧାସଳଖ ପରମ ବାସ୍ତବତା ଆଣେ। **ସାମଗ୍ରୀ:** ପ୍ରତିମାଟି ଏକ ନିର୍ଦ୍ଦିଷ୍ଟ (ନିମ୍ବ) ଗଛର କାଠରୁ ଖୋଦିତ, ନବକଳେବର ସମାରୋହ ସମୟରେ ପବିତ୍ର ଚିହ୍ନ ଏବଂ ରୀତିନୀତି ଉପରେ ଆଧାର କରି ସତର୍କତାର ସହିତ ବାଛି ନିଆଯାଇଛି। ଦିବ୍ୟ ସାର: ସ୍କନ୍ଦ ପୁରାଣ ଅନୁସାରେ, ଏହି କାଠ ପରମ ବ୍ରହ୍ମାଙ୍କୁ ପ୍ରତିନିଧିତ୍ୱ କରେ, ଯାହା ସମସ୍ତ ଦୁଃଖକୁ ନଷ୍ଟ କରିବା ଏବଂ ଅନନ୍ତ ଆନନ୍ଦ ପ୍ରଦାନ କରିବା ପାଇଁ ସେବା କରେ। **ନବକଳେବର:** ପ୍ରତି ୧୨-୧୯ ବର୍ଷରେ, ଏକ ଆନୁଷ୍ଠାନିକ, ଗୁପ୍ତ ସମାରୋହରେ ପୁରୁଣା କାଠ ରୂପକୁ ଏକ ନୂତନ ସହିତ ବଦଳାଯାଏ ଯେଉଁଠାରେ ଜୀବନ ଶକ୍ତି ସ୍ଥାନାନ୍ତରିତ ହୁଏ। **ପ୍ରସଙ୍ଗ:** ଏହି ଶବ୍ଦଟି ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ସହିତ ଆନ୍ତରିକ ଭାବରେ ଜଡିତ ଏବଂ ଏହା ଓଡ଼ିଆ ଆଧ୍ୟାତ୍ମିକତାର ଏକ ମୂଳ ଧାରଣା।



## ରହସ୍ୟମୟ ଠାକୁର ଶ୍ରୀଜଗନ୍ନାଥ

ଅନନ୍ତକୋଟି ବ୍ରହ୍ମାଣ୍ଡର ନାୟକ ତଥା ଜଗତର ନାଥ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ସେ ହେଉଛନ୍ତି ପୂର୍ଣ୍ଣ ପରଂବ୍ରହ୍ମ ତଥା ଲୀଳା ପୁରୁଷୋତ୍ତମ ଦାରୁବ୍ରହ୍ମ ବିଗ୍ରହ। ସେ ରହସ୍ୟମୟ ଚୈତନ୍ୟ ଠାକୁର। ଏହି ରହସ୍ୟମୟଙ୍କ ରହସ୍ୟକୁ ବୋଧ କରିବା ଏକ ଦୁରୂହ ବ୍ୟାପାର। ତେଣୁ ପୁରାଣରେ ବର୍ଣ୍ଣିତ ହୋଇଛି ଯେ : ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ହେଉଛନ୍ତି ରହସ୍ୟମୟ ଠାକୁର। ଯାହା'ଙ୍କ ରହସ୍ୟ ଦେବ, ଦାନବ ଓ ଯକ୍ଷାଦିଙ୍କୁ ଅଗୋଚର। ସେହି ରହସ୍ୟମୟଙ୍କ ରହସ୍ୟକୁ ସାଧାରଣ ମନୁଷ୍ୟ କିପରି ବା ଭେଦ କରିପାରିବ ? ବେଦ ଯହିଁ ବ୍ରହ୍ମଙ୍କୁ ନେତି ନେତି ନୀତିରେ ନିର୍ଣ୍ଣୟ କରିବାରେ ନିସ୍ତ୍ରଭ ହୁହେ , ସେହି ଅସୀମ ଅତିନ୍ଦ୍ରୀୟଙ୍କୁ କିପରି ବା ସାଧାରଣ ଇନ୍ଦ୍ରିୟ ଗ୍ରହଣ କରିପାରିବ ? ଏ ବିଷୟକୁ ଆଦି ଶଙ୍କରାଚାର୍ଯ୍ୟ 'ନିର୍ବାଣଷ୍ଟକମ୍' ରେ ବ୍ୟକ୍ତ କରିଛନ୍ତି ଯେ: ମନୋବୁଦ୍ଧ୍ୟହଙ୍କାର ଚିତ୍ତାନି ନାହଂ ନ ଚ ଶ୍ରୋତ୍ରଜିହ୍ୱେ ନ ଚ ଘ୍ରାଣନେତ୍ରେ । ଏହାର ଅର୍ଥ ମନ(ଯେ ସଙ୍କଳ୍ପ ଓ ବିକଳ୍ପ କରେ), ବୁଦ୍ଧି (ଯାହା ନିର୍ଣ୍ଣୟ ନେବାର କ୍ଷମତା ରଖେ), ଅହଙ୍କାର ('ମୁଁ' ଭାବ ବା ନିଜକୁ ଶରୀର ସହ ଯୋଡ଼ି କର୍ତ୍ତାବୋଧ କରେ),ଚିତ୍ତ (ଯେଉଁଠାରେ ସ୍ମୃତି ବା ଅନୁଭୂତି ସଞ୍ଚିତ ହୋଇ ରହେ), କାନ, ଜିଭ, ନାକ ଓ ଆଖି ଆଦି ଏକ ଏକ ଜଡ ପଦାର୍ଥ ଅଟନ୍ତି । ଏମାନେ କେବେ ମଧ୍ୟ ଚୈତନ୍ୟ ସତ୍ତାକୁ ଜାଣିବା ପାଇଁ ସକ୍ଷମ ହୋଇ ପାରିବେ ନାହିଁ।

*ହେମନ୍ତ କୁମାର ଗନ୍ତାୟତ*



## ମା ସମଲେଶ୍ୱରୀଙ୍କ ଦର୍ଶନ ପାଇଲେ ପୂରଣ ହୁଏ
# ମନୋବାଞ୍ଛା



ମା ସମଲେଶ୍ୱରୀ ହେଉଛନ୍ତି ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ । ମା'ଙ୍କ ପ୍ରତି କେବଳ ଓଡିଶା ନୁହେଁ ରାଜ୍ୟ ବାହାରର ଲୋକଙ୍କ ଅଖଣ୍ଡ ବିଶ୍ୱାସ ରହିଛି । ମା ହେଉଛନ୍ତି ପ୍ରତ୍ୟକ୍ଷ ଦେବୀ । ସେଥିପାଇଁ ଏଠାରେ ବର୍ଷ ତମାମ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଥାଏ । ପ୍ରାୟତଃ ମା' ସମଲେଶ୍ୱରୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥାଏ । ମା'ଙ୍କ ପୂଜା ମଧ୍ୟରୁ ନୂଆଁଖାଇ ପର୍ବ ହେଉଛି ସ୍ୱତନ୍ତ୍ର ପର୍ବ । ମା ସମଲେଶ୍ୱରୀଙ୍କ ମନ୍ଦିର ରାଜା ବଳରାମ ଦେବଙ୍କ ସମୟରେ ନିର୍ମାଣ ହୋଇଥିଲା । ଏହାସହ ମା ସମଲେଶ୍ୱରୀଙ୍କ ପୀଠରେ ରାଜା ରାଜୁଡା ଅମଳରୁ ଷୋଡଶ ଉପଚାର ପୂଜା ହୋଇ ଆସୁଛି । ଏଠାରେ ମା'ଙ୍କ ୧୬ଟି ଜ୍ୟୋତି ସ୍ୱରୂପକୁ ପୂଜା କରାଯାଇଥାଏ । ମୂଳାଷ୍ଟମୀରୁ ମହାଷ୍ଟମୀ ପର୍ଯ୍ୟନ୍ତ ୧୬ଦିନ ଧରି ଏଠାରେ ପୂଜା ହୋଇଥାଏ । ଏହି ପୀଠରେ ମାଙ୍କ କେବଳ ୨ଟି ବେଶ ହୋଇଥାଏ ତାହା ହେଲା ଗଙ୍ଗା ବେଶ ବା ଧୂଳମୁଖୀ ବେଶ ଓ ରାଜରାଜେଶ୍ୱରୀ ବେଶ । ତେବେ ଏଠାରେ ମାଙ୍କ ଯଥାକ୍ରମେ ଦୁର୍ଗା, ନାରାୟଣୀ, ଈଶାନୀ, ବିଷ୍ଣୁମାୟା, ଶିବା, ସତୀ, ନିତ୍ୟା, ସତ୍ୟା, ଭଗବତୀ, ସର୍ବାଣୀ, ସର୍ବ ମଙ୍ଗଳା, ଅମ୍ବିକା, ବୈଷ୍ଣବି, ଗୌରୀ, ପାର୍ବତୀ, ସନାତନୀ ସ୍ୱରୂପରେ ପୂଜା ହୋଇଥାଏ । ପ୍ରତ୍ୟେକ ଦିନ ରାତି ୮ଟାରେ ମାଙ୍କ ଆଳତି ସମୟରେ ଏହି ସ୍ୱରୂପଙ୍କୁ ପୂଜା କରାଯାଇଥାଏ । ତେବେ ଏହି ପୀଠର ବୈଶିଷ୍ଟ୍ୟ ହେଉଛି ଏଠାରେ ବ୍ରାହ୍ମଣମାନେ ପୂଜା କରନ୍ତି ନାହିଁ ଏଠାରେ ସମ୍ବଲପୁର ରାଜାଙ୍କ ବଂଶଜ ରାଜପୁତ ସମ୍ପ୍ରଦାୟର ଲୋକେ ପୂଜା କରି ଆସୁଛନ୍ତି । ଏହା ସହ ଏଠାରେ ରାଜସିକ ପଦ୍ଧତିରେ ପୂଜା ହୋଇଥାଏ । ୧୬ଦିନ ଧରି ମାଙ୍କ ଯେଉଁ ୧୬ଟି ସ୍ୱରୂପର ପୂଜା ହୋଇଥାଏ, ପ୍ରତ୍ୟେକ ଦିନ ସ୍ୱତନ୍ତ୍ର ଆଉ ଭିନ୍ନ ଭିନ୍ନ ଭୋଗ ଲାଗିଥାଏ । ଏଠାରେ କାକରା, ସରସତିଆ, ଖଇ, ଛେନା ଭୋଗ, ଫଳ, ଗୁଡ଼ ପିଠା ଆଦି ଭୋଗ ଲାଗିଥାଏ । ମା ସମଲେଶ୍ୱରୀ ଯେବେଠାରୁ ସମ୍ବଲପୁରରେ ପୂଜା ପାଇ ଆସୁଛନ୍ତି ସେବେଠାରୁ ପୂରା ପଶ୍ଚିମ ଓଡ଼ିଶାର ସେ ହେଉଛନ୍ତି ଅଧିଷ୍ଠାତ୍ରୀ ଦେବୀ। ମା'ଙ୍କ ନିକଟକୁ ଯିଏ ଆସିଛି ସେ କେବେ ଖାଲି ହାତରେ ଫେରିନାହିଁ । ମା'ଙ୍କୁ ଯିଏ ଯେତେବେଳେ ଯାହା ମାଗିଛି ତାହା ସବୁବେଳେ ପୂରଣ ହେଇଛି ।ମା ସମଲେଶ୍ୱରୀଙ୍କୁ ଦର୍ଶନ କରିବା ପାଇଁ କାହିଁ କେତେ ଦୂର ଦୁରାନ୍ତରୁ ଭକ୍ତ ମାନେ ଆସିଥାନ୍ତି । ଦଶହରା, ଚୈତ୍ର ମାସରେ ମା'ଙ୍କ ମନ୍ଦିରରେ ମା'ଙ୍କର ଟିକେ ଦର୍ଶନ ପାଇବା ପାଇଁ ଭକ୍ତ ମାନେ ଭୋରରୁ ଭିଡ ଜମାଇଥାନ୍ତି । ସେହିପରି ମାଙ୍କର ମନ୍ଦିର ପ୍ରତେକ ଦିନ ଭୋର ୪ଟାରୁ ଖୋଲା ଯାଇ ମା'ଙ୍କର ରୀତିନୀତି ସମ୍ପନ୍ନ କରାଯାଇଥାଏ । ଭୋର ୫ଟାରେ ମାଙ୍କର ମଙ୍ଗଳ ଆଳତି କରାଯାଇଥାଏ । ସେହିପରି ଦିନ ୧୧.୩୦ ସମୟରେ ପହଡ଼ ପଡି ଥାଏ । ୧୨.୧୫ ମିନିଟରେ ପୁଣି ଭକ୍ତ ମାନେ ଦର୍ଶନ କରିଥାନ୍ତି । ଏହାପରେ ପୁଣି ରାତି ୭.୩୦ସମୟରେ ମାଙ୍କର ଆଳତି ହୋଇ ରାତି ୧୦.୩୦ ସମୟରେ ମନ୍ଦିର ବନ୍ଦ ହୋଇଥାଏ ।

ଏହି ପୀଠରେ ମାଙ୍କ କେବଳ ୨ଟି ବେଶ ହୋଇଥାଏ ତାହା ହେଲା ଗଙ୍ଗା ବେଶ ବା ଧୂଳମୁଖୀ ବେଶ ଓ ରାଜରାଜେଶ୍ୱରୀ ବେଶ ।

## ଜୀବାତ୍ମା ପରମାତ୍ମାଙ୍କ ସହ ଆନନ୍ଦ ଲଭିଥାଏ



ପୂର୍ଣ୍ଣ ପରଂବ୍ରହ୍ମଙ୍କୁ ଏ ପର୍ଯ୍ୟନ୍ତ କେହି ବି ବ୍ୟକ୍ତ କରିପାରି ନାହାନ୍ତି କି , କେହି କରିପାରିବେ ନାହିଁ ମଧ୍ୟ। ଏଣୁ ଶାସ୍ତ୍ର କହେ 'ବ୍ରହ୍ମବିଦ୍ ବ୍ରହ୍ମୈବ ଭବତି' ଅର୍ଥାତ୍ ଯେ ବ୍ରହ୍ମଙ୍କୁ ଜାଣେ ସେ ବ୍ରହ୍ମ ହୋଇଯାଏ। ଯେପରି ଗୋଟିଏ ଲୁଣଖଣ୍ଡ ସାଗର ଗର୍ଭରେ ପଡ଼ିଲେ ନିଜର ସତ୍ତା ହରାଇ ଦିଏ, ସେପରି ଜୀବାତ୍ମା ଯେତେବେଳେ ପରମାତ୍ମାଙ୍କ ସହିତ ମିଳନ ଘଟେ ସେତେବେଳେ ଏହି ଜୀବାତ୍ମାର ସତ୍ତା ପରମାତ୍ମାଙ୍କ ଠାରେ ହଜିଯାଏ। ଏହି ପରମ ତତ୍ତ୍ୱକୁ ଭଗବାନ୍ ଶ୍ରୀକୃଷ୍ଣ ଶ୍ରୀମଦ୍ଭଗବଦ୍ ଗୀତାର ୧୫ ଅଧ୍ୟାୟ ୬ ଶ୍ଳୋକରେ କହିଛନ୍ତି: ଯଦ୍ ଗତ୍ୱା ନ ନିବର୍ତନ୍ତେ ତଦ୍ଧାମ ପରମଂ ମମ ।। ଅର୍ଥାତ୍ ସେହି ପରମ ଦିବ୍ୟ ଧାମକୁ ଯିବା ପରେ କୌଣସି ଜୀବାତ୍ମା ପୁନଃ ସଂସାରକୁ ପ୍ରତ୍ୟାବର୍ତ୍ତନ କରନ୍ତି ନାହିଁ । ଯେପରି ବିଷୟୀ ବିଷୟକୁ ଭଲ ପାଇଥାଏ ସେ'ପରି ଜୀବାତ୍ମା ପରମାତ୍ମାଙ୍କ ସହ ଆନନ୍ଦ ଲଭିଥାଏ । କାରଣ କୌଣସି ବିଷୟକୁ ବ୍ୟକ୍ତ କରିବାକୁ ହେଲେ ସାଧାରଣତଃ ତିନୋଟି ଶୈଳୀର ଆବଶ୍ୟକତା ରହିଛି ଯଥା: ବାଣୀ ବା ଶବ୍ଦ ଓ ଲିପି ବା ସଙ୍କେତ (ଅଙ୍ଗଭଙ୍ଗୀ)। ପୂର୍ଣ୍ଣ ପରଂବ୍ରହ୍ମଙ୍କୁ ବାଣୀ ଦ୍ୱାରା ପ୍ରକାଶ କରିବାରେ ଶାସ୍ତ୍ର ଅସମର୍ଥ। ତେଣୁ ଶାସ୍ତ୍ରରେ କୁହାଯାଇଛି 'ଯତୋବାଚ ନିବର୍ତ୍ତନ୍ତେ ଅପ୍ରାପ୍ୟ ମନସା ସହ'। ଅର୍ଥାତ୍ ଯେଉଁ ସ୍ଥାନକୁ ବାଣୀ ତଥା ମନ ଯାଇ ପାରନ୍ତି ନାହିଁ , କେବଳ ଶୂନ୍ୟ ହୋଇ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ଯେହେତୁ ସେ ନିର୍ଗୁଣ ଏବଂ ନିରାକାର । ଅତଃ ତାହାଙ୍କୁ ଲିପି ବା ସଙ୍କେତ ସାହାଯ୍ୟରେ ଜଣାଇ ହେବ ନାହିଁ। ଏହି ବ୍ରହ୍ମ ତତ୍ତ୍ୱ ଅନୁଭବର ବିଷୟ, ଏହା ଇନ୍ଦ୍ରିୟ ଗ୍ରାହ୍ୟର ବିଷୟ ନୁହେଁ ବୋଲି ପୂର୍ବରୁ କୁହାଯାଇଛି। ତେଣୁ ଅନୁଭବୀ ତତ୍ତ୍ୱବେତ୍ତାମାନେ ନିଜ ଅନୁଭବରୁ କିଛି ଶାସ୍ତ୍ରରେ ବ୍ୟକ୍ତ କରିଥାନ୍ତି।



## ଦଶରଥଙ୍କ ନୀତିଶିକ୍ଷା



ରାଜା ଦଶରଥ ନିଜ ୪ ପୁତ୍ରଙ୍କୁ ବରବେଶରେ ସଜାଇ ବରଯାତ୍ରୀ ଦଳ ସହିତ ମିଥିଳାପୁରୀରେ ଥିବା ରାଜା ଜନକଙ୍କ ଦ୍ୱାରରେ ପହଞ୍ଚିଲେ । ରାଜା ଜନକ ସମ୍ମାନପୂର୍ବକ ବରଯାତ୍ରୀଙ୍କୁ ସ୍ୱାଗତ କଲେ । ଏହି ସମୟରେ ରାଜା ଦଶରଥ ଆଗକୁ ଆସି ରାଜର୍ଷି ଜନକଙ୍କ ପାଦ ଛୁଇଁ ପ୍ରଣାମ କଲେ । ଚକିତ ହୋଇ ଜନକ ରାଜା ଦଶରଥଙ୍କୁ ଧରିନେଲେ ଏବଂ କହିଲେ, ମହାରାଜ ଆପଣ ବରପକ୍ଷର ମୁଖ୍ୟ । ତେଣୁ ଆପଣ ମୋ ଠାରୁ ଜ୍ୟେଷ୍ଠ । ଏଭଳି ପରିସ୍ଥିତି ଆପଣ ମୋର ପାଦ ଛୁଇଁବା ଅନୁଚିତ। ଏହାଶୁଣି ରାଜା ଦଶରଥ କହିଲେ, ମହାରାଜ ! ଆପଣ ଦାତା । କନ୍ୟାଦାନ କରୁଛନ୍ତି । ମୁଁ ଯାଚକ, ଆପଣ ଦାନସ୍ୱରୂପ ଦେଉଥିବା କନ୍ୟାକୁ ନେବା ଲାଗି ଆସିଛି । ଏଥର ଆପଣ କୁହନ୍ତି, ଦାତା ଏବଂ ଯାଚକ ମଧ୍ୟରେ ବଡ଼ କିଏ ? ଏକଥା ଶୁଣି ରାଜା ଜନକଙ୍କ ଆଖିରୁ ଅଶ୍ରୁ ଝରିପଡ଼ିଲା । ସେ କହିଲେ ଦଶରଥଙ୍କ ଭଳି ପରିବାରରେ କନ୍ୟାଦାନ କରୁଥିବାରୁ ମୁଁ ଭାଗ୍ୟବାନ । ପ୍ରତ୍ୟେକ କନ୍ୟାର ଭାଗ୍ୟରେ ପିତା ଥାଆନ୍ତି, କିନ୍ତୁ ପ୍ରତ୍ୟେକ ପିତାଙ୍କ ଭାଗ୍ୟରେ କନ୍ୟା ନ ଥାନ୍ତି ।

## ଭଲମନ୍ଦ ବାଣୀ

ଶ୍ରୀମଦ୍ ଭଗବତ ଗୀତାରେ ଅତିବଡ଼ି ଜଗନ୍ନାଥ ଦାସ ପଦେ ଲେଖିଛନ୍ତି - ''ପ୍ରାଣୀର ଭଲ ମନ୍ଦ ବାଣୀ ମରଣ କାଳେ ତାହା ଜାଣି' । ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିବା ଅନୁଯାୟୀ ଯଦି ଆମେ କର୍ମ କରି ଚାଲିବା ଫଳକୁ ଆଶା ରଖିବା ନାହିଁ । ତେବେ ପ୍ରଶ୍ନ ଆସୁଛି ଅଯଥା କାହିଁକି କିଏ କର୍ମ କରିବ ଯଦି ଫଳ କିଛି ମିଳିବ ନାହିଁ । ହରଣ କରି କରି ଭାଗ ଫଳ ଶୂନ ଯଦି ଶୂନ ପାଇବା କିଏ କାହିଁକି ସେ କାମରେ ଲାଗିବ। ଏକକୁ ଏକରେ ଗୁଣିଲେ ଯଦି ଏକ ହେବ କିଏ କାହିଁକି ପରିଶ୍ରମ କରି ଗୁଣିବ। ଶୂନରୁ ଯଦି ଶୂନ ଫେଡିଲେ ଶୂନ ତେବେ କିଏ କାହିଁକି ଫେଡିବ। ଅର୍ଥାତ୍ ଯେଉଁଠି କିଛି ମିଳିବାର ଆଶା ନାହିଁ ଲୋକ ସେଠାରେ କାହିଁକି ସମୟ ବିନିଯୋଗ କରିବ। ଲୋକ ଘର ଦ୍ୱାରା ଭୁଲି ପିଲା ସ୍ତ୍ରୀ କୁ ପରକରି ସମାଜ ସେବାରେ ମନ ଧ୍ୟାନ ନିବୃତ୍ତି କରି ସାରା ଜୀବନ ବିତେଇ ଦେଉଛନ୍ତି। କେବଳ ଫୁଲ ମାଳ ଆଉ ତାଳି ସେ ପାଉନାହାନ୍ତି ବରଂ ବେଳେ ବେଳେ ବହେ ଗାଳି ଚପଲମାଳ ବି ଖାଇଛନ୍ତି। ଆଜି ମଧ୍ୟ ଏମିତି କୌଣସି କାର୍ଯ୍ୟ ନାହିଁ ଯେ ଶହେରୁ ଶହେ ଜଣ ଲୋକ ସନ୍ତୁଷ୍ଟ ହେବେ । ପ୍ରତ୍ୟେକ କାମରେ ଅଶିଏ ଭାଗ ଲୋକ ସନ୍ତୁଷ୍ଟ ହେବେ ଆଉ କୋଡ଼ିଏ ଭାଗ ଲୋକ ଅସନ୍ତୁଷ୍ଟ ହେବେ ହିଁ ହେବେ। ରାଜାମାନଙ୍କ ନ୍ୟାୟରେ ମଧ୍ୟ ଏମିତି କିଛି ଘଟଣା ଘଟିଛି । ଫଳରେ ନିଜ ଲୋକଙ୍କ ଦ୍ୱାରା ରାଜାଙ୍କର ମୃତ୍ୟୁ ଘଟିଛି। ବର୍ତ୍ତମାନ ମଧ୍ୟ କିଛି ଦେଶର ଶାସକ ନିଜ ଦଳର ଲୋକ ନିଜ ଦେଶର ସୈନ୍ୟମାନଙ୍କ ଦ୍ୱାରା ଗାଦିଚ୍ୟୁତ ହେବାର ପରିଲକ୍ଷିତ ହୋଇଛି। ଭଲ ମଣିଷଙ୍କ ସ୍ଥାନ ଆଜିର ସମାଜରେ ବହୁତ କମ୍ । ଗୁଣ୍ଡା, ଦୁର୍ନୀତିଖୋର, ଭ୍ରଷ୍ଟାଚାରୀ, ନୃଶଂସ ଅନୀତିରେ ଥିବା ଲୋକ ଆଜିର ସମାଜରେ ପୂଜ୍ୟ । ଏ ସମାଜ ସେହିମାନଙ୍କୁ ପ୍ରାୟ ସମ୍ମାନ ଦେଉଛି ଯେଉଁମାନେ ଦିନରେ ଲଣ୍ଠନ ଦେଖାଉଛନ୍ତି, ଅର୍ଥ ବଳ, ବାହୁ ବଳରେ ନିଜର ଆଧିପତ୍ୟ ବିସ୍ତାର କରିଛନ୍ତି।



## ଅର୍ଜୁନ କହିଲେ ଯଥା ଆଜ୍ଞା ସଖା..

*ଅର୍ଜୁନ ତାଙ୍କର ପରିଚୟ ଓ କ୍ରନ୍ଦନ କାରଣ ସମ୍ପର୍କରେ ଜାଣିବାକୁ ଚାହିଁବାରୁ ସେ କହିଲେ - ମୁଁ ଧନ ଲକ୍ଷ୍ମୀ। କ୍ଷେତ ମାଲିକଙ୍କ ଧାନ ରହୁଥିବା କୋଠି ଘରେ ବାସ କରେ। ହେଲେ ଘରର ଛାତ ଉପରେ ଅଲକ୍ଷ୍ମୀ ବାସ କରୁଥିବା ଲାଉ,କଖାରୁ ଲତା ମାଡ଼ି ଥିବାରୁ ମୋତେ ଭୀଷଣ କଷ୍ଟ ହେଉଛି।*

ଶ୍ରୀକୃଷ୍ଣ ଏବଂ ଅର୍ଜୁନ ଏକତ୍ର ଭ୍ରମଣ କରୁଥିବା ସମୟରେ ମାଘମାସୀୟ ଏକ ରାଶି କ୍ଷେତ ଦେଇ ଯିବାକୁ ହେଲା। ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ - ମାଘି ଖସାଫୁଲ ମୁଣ୍ଡରେ ପଡ଼ିଲେ ବହୁତ ଅଶୁଭ। ତେଣୁ ସତର୍କତା ସହିତ ଆମକୁ ଯିବାକୁ ହେବ। ଅର୍ଜୁନ କହିଲେ - ଯଥା ଆଜ୍ଞା ସଖା। ମାତ୍ର କ୍ଷେତ ଅତିକ୍ରମ କରିସାରିବା ପରେ ଶ୍ରୀକୃଷ୍ଣ ଦେଖିଲେ ଅର୍ଜୁନ ମୁଣ୍ଡରେ କେତୋଟି ଖସା(ରାଶି)ଫୁଲ ପଡ଼ିଛି। ଶ୍ରୀକୃଷ୍ଣ କହିଲେ - ଆହାଃ କ'ଣ କଲ ସଖା !! ଏତେ ବୁଝେଇବା ପରେ ବି ତୁମ ମୁଣ୍ଡରେ ଖସାଫୁଲ !! ବହୁତ ଅଶୁଭ ସୂଚନା। କିଛି ଅଘଟଣ ଘଟିବ ଅବଶ୍ୟ। ଅର୍ଜୁନ କହିଲେ - ସଖା , ମୁଁ ତ ସତର୍କ ହୋଇ ଆସୁଥିଲି। କେମିତି ଏ ଫୁଲ ମୁଣ୍ଡରେ ପଡ଼ିଲା କେଜାଣି ! ଏବେ କିଛି ପ୍ରତିକାର କରନ୍ତୁ। ଆପଣ ହିଁ ତ ମୋର ଏକମାତ୍ର ସାହା ଭରସା। ଶ୍ରୀକୃଷ୍ଣ କହିଲେ - ପ୍ରତିକାର ଅଛି। ହେଲେ ତମେ ପାରିବ ! ଅର୍ଜୁନ କହିଲେ - ନିଶ୍ଚୟ । ଶ୍ରୀକୃଷ୍ଣ - ତାହେଲେ ଚାଲ କ୍ଷେତ ମାଲିକ ପାଖକୁ। ଦୁହେଁ ଛଦ୍ମ ବେଶରେ କ୍ଷେତ ମାଲିକ ଘରକୁ ଗଲେ। ଶ୍ରୀକୃଷ୍ଣ କ୍ଷେତମାଲିକଙ୍କୁ କହିଲେ - ମୋ ସହିତ ଯୋଉ ଲୋକଙ୍କୁ ଦେଖୁଚ ସେ ସାଧୁ ସଚ୍ଚୋଟ ସ୍ୱଭାବର। ଆପଣଙ୍କ ଘରେ ରହି ସେ କାମ କରିବାକୁ ଆଗ୍ରହୀ। କ୍ଷେତମାଲିକ କହିଲେ - ଆଜ୍ଞା, ମୋର ଯେତିକି ଲୋକ କାମ କରୁଛନ୍ତି ସେମାନଙ୍କୁ ମୁଁ ଦରମା ଦେଇ ପାରୁ ନାହିଁ। ଆଉ ଅଧିକ ଲୋକର ଆବଶ୍ୟକତା ନାହିଁ। ଶ୍ରୀକୃଷ୍ଣ କହିଲେ - ଆପଣ ମଜୁରି ପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ। ସେ ବିନା ପାରିଶ୍ରମିକରେ କାମ କରିବାକୁ ପ୍ରସ୍ତୁତ। କ୍ଷେତ ମାଲିକ କହିଲେ - ତା'ହେଲେ ମୋର କିଛି ଆପତ୍ତି ନାହିଁ। ଅର୍ଜୁନ କହିଲେ - ମୋର କିନ୍ତୁ ଗୋଟିଏ ସର୍ତ୍ତ ଅଛି। କ୍ଷେତ ମାଲିକ କହିଲେ - ନିସଂକୋଚରେ ପ୍ରକାଶ କର। ଅର୍ଜୁନ କହିଲେ - ମୁଁ ଏଠାରେ ଯାହା କରିବି ତାହା ଆପଣଙ୍କ ମଙ୍ଗଳ ପାଇଁ। ମାତ୍ର ଆପଣ କିଛି ପ୍ରତିବାଦ କରିବେ ନାହିଁ, କିମ୍ବା କିଛି ପ୍ରଶ୍ନ ପଚାରିବେ ନାହିଁ। କ୍ଷେତ ମାଲିକ ଅର୍ଜୁନଙ୍କ ପ୍ରସ୍ତାବରେ ରାଜି ହେଲେ। ଦିନେ ନିଶାର୍ଦ୍ଧରେ ନାରୀର କ୍ରନ୍ଦନ ଧ୍ୱନି ଶୁଣି ଅର୍ଜୁନ ବାହାରକୁ ଆସି ଦେଖିଲେ - ରୋଦନ କରୁଥିବା ଜଣେ ଦିବ୍ୟ ସୁନ୍ଦରୀ ନାରୀ। ଅର୍ଜୁନ ତାଙ୍କର ପରିଚୟ ଓ କ୍ରନ୍ଦନ କାରଣ ସମ୍ପର୍କରେ ଜାଣିବାକୁ ଚାହିଁବାରୁ ସେ କହିଲେ - ମୁଁ ଧନ ଲକ୍ଷ୍ମୀ। କ୍ଷେତ ମାଲିକଙ୍କ ଧାନ ରହୁଥିବା କୋଠି ଘରେ ବାସ କରେ। ହେଲେ ଘରର ଛାତ ଉପରେ ଅଲକ୍ଷ୍ମୀ ବାସ କରୁଥିବା ଲାଉ,କଖାରୁ ଲତା ମାଡ଼ି ଥିବାରୁ ମୋତେ ଭୀଷଣ କଷ୍ଟ ହେଉଛି। ମୁଁ ଘର ଛାଡ଼ି ଚାଲିଗଲେ ତମ ମାଲିକ କଙ୍ଗାଳ ହୋଇଯିବେ। ଅର୍ଜୁନ ହାତ ଯୋଡ଼ି କହିଲେ - ମା' ଆପଣ ଘର ଭିତରକୁ ଯାଆନ୍ତୁ । କାଲି ସକାଳେ ମୁଁ ଏହାର ପ୍ରତିକାର କରୁଛି। ପରଦିନ ସକାଳେ ଅର୍ଜୁନ ଲାଉ, କଖାରୁ ସବୁ ମୂଳରୁ କାଟି ବାହାରେ ଫୋପାଡି ଦେଇ ଆସିଲେ। ମାଲିକ ସବୁ ଦେଖି ବି ସର୍ତ୍ତ ଅନୁସାରେ ଅର୍ଜୁନଙ୍କୁ କିଛି ପଚାରି ପାରିଲେନାହିଁ। ଅନ୍ୟ ଏକ ଦିନ ଅର୍ଦ୍ଧରାତ୍ରୀରେ କିଛି ଲୋକଙ୍କ କାନ୍ଦଣା ସ୍ୱର ଶୁଣି ସେ ବାହାରକୁ ଆସିଲେ।



## ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୁଖ୍ୟମନ୍ତ୍ରୀ ବାୟୁସ୍ୱାସ୍ଥ୍ୟ ସେବା କ୍ୟାମ୍ପ



ଡାବୁଗାଁ,(ନିପ୍ର): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା କ୍ୟାମ୍ପ ଅନୁଷ୍ଠିତ ହେଲା। ଏହା ୧୦.୦୩.୨୬ ଠାରୁ ୧୩.୦୩.୨୬ ପର୍ଯ୍ୟନ୍ତ ଚାଲୁ ରହିବ। ଏହି କ୍ୟାମ୍ପରେ ରାଜ୍ୟର ବଡ ବଡ଼ ତଥା ଅଭିଜ୍ଞ ସର୍ଜନ, ଏସ୍‌ବି ମେଡିକାଲର ପ୍ରଫେସର ଡାକ୍ତର ଜ୍ୟୋତିର୍ମୟୀ ନାୟକ ସହ, ଏମ୍‌ସର ପ୍ରମୁଖ ସର୍ଜନ, ଡାକ୍ତରମାନେ ସେବା ଜଗାଇବା ପାଇଁ ଉପସ୍ଥିତି ଅଛନ୍ତି ଏବଂ ବହୁ ସୁନ୍ଦର ଭାବରେ ରୋଗୀଙ୍କ ସହ ଆଲଚନା କରି, ଔଷଧ ଦେବ ବା ସର୍ଜରୀ କରାଯାଉଛି। ଏହି କ୍ୟାମ୍ପରେ ମେଡିକାଲ କଲେଜର ବିଭିନ୍ନ ବିଭାଗର ସୁପର ସ୍ପେସାଲିଟି ଡାକ୍ତରମାନେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ସହ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ପରୀକ୍ଷା ଯାଞ୍ଚ କରିଥିଲେ। ନବରଙ୍ଗପୁର ଭଳି ଉପାନ୍ତ ଅଞ୍ଚଳରେ ଏଭଳି ସୁସ୍ଥ୍ୟସେବା ଯୋଗାଇ ଦେଇଛନ୍ତି। ବାୟୁସେବା ପାଇଁ ମୁଖ୍ୟମନ୍ତ୍ରୀ ଏବଂ ସମସ୍ତ ଭଗବାନ ସଦୃଶ୍ୟ ଡାକ୍ତରଙ୍କୁ ଜିଲ୍ଲାବାସୀ କୃତଜ୍ଞତା ଜଣାଇଛନ୍ତି।

## କାଶୀନଗର : ଘରୋଇ ସିଲିଣ୍ଡରର ଅଭାବ, ଖାଉଟି ହନ୍ତସନ୍ତ

କାଶୀନଗର,(ନିପ୍ର): ମଧ୍ୟପ୍ରାଚୀ ଦେଶର ଭୟଙ୍କର ଯୁଦ୍ଧର ପ୍ରଭାବ ସାରା ରାଜ୍ୟର ହାଣ୍ଡିଶାଳରେ ପଡ଼ିଥିବା ବେଳେ କାଶୀନଗର ଅଞ୍ଚଳ ରେ ମଧ ଏହା ର ପ୍ରଭାବ ପଡିଛି। କିଛି ଦିନ ପୂର୍ବେ ଘରୋଇ ସିଲିଣ୍ଡର ବୁକିଂ



କରିବା ଦିନେ ଦୁଇ ଦିନ ମଧ୍ୟରେ ଉପଲବ୍ଧ ହେଉଥିବା ବେଳେ ବର୍ତ୍ତମାନ ସିଲିଣ୍ଡର ଯୋଗାଣରେ ଅନିୟମିତତା ହେଉଥିବାରୁ ଉପଭୋକ୍ତାମାନେ ବାରମ୍ବାର ଗ୍ୟାସ କାର୍ଯ୍ୟାଳୟ ଦୌଡ଼ି ଧାଡିରେ ଦଣ୍ଡାୟମାନ ହୋଇ ଗ୍ୟାସ ବୁକିଂ କରୁଥିବା ଦୃଷ୍ଟିକୁ ଆସିଛି। ବର୍ତ୍ତମାନ କମର୍ସିଆଲ ସିଲିଣ୍ଡରର ଯୋଗାଣ ବନ୍ଦ ଥିବାରୁ ବ୍ୟବସାୟିକ ପ୍ରତିଷ୍ଠାନମାନେ ବାଧ ହୋଇ କମର୍ସିଆଲ ସିଲିଣ୍ଡର ବ୍ୟବହାର କରିବା ପରିବର୍ତ୍ତେ ଘରୋଇ ସିଲିଣ୍ଡର ବ୍ୟବହାର କରୁଥିବା କିଛି ଉପୋଭୋକ୍ତା ଅଭିଯୋଗ ଆଣିଛନ୍ତି। କିଛି ଅସାଧୁ ବ୍ୟବସାୟୀ ଘରୋଇ ସିଲିଣ୍ଡର ସବୁ ଗଛିତ କରି ରଖି କଳାବଜାରୀ କରି ଅଧିକା ଦାମରେ ମଧ ବିକ୍ରି କରିଥିବା ଅଭିଯୋଗ ଆସିଛି। କାଶୀନଗର ଯୋଗାଣ ବିଭାଗ ଏହାର ପ୍ରତିକାର ପୂର୍ବକ ଘରୋଇ ଉପଭୋକ୍ତମାନେ କିପରି ସିଲିଣ୍ଡର ପାଇବାରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ ଦୃଷ୍ଟି ଦେବେ।

## ନ୍ୟାୟ ସଂହିତା ପ୍ରଦର୍ଶନୀ ଉଦ୍‌ଯାପିତ

ଭୁବନେଶ୍ୱର,(ହିସ): ଓଡ଼ିଶା ପୋଲିସ ଦ୍ୱାରା ଆୟୋଜିତ ସପ୍ତାହବ୍ୟାପୀ ଭାରତୀୟ ନ୍ୟାୟ ସଂହିତା ପ୍ରଦର୍ଶନୀ ଗୁରୁବାର ଉଦ୍‌ଯାପିତ ହୋଇଛି। ଭୁବନେଶ୍ୱରର ଇଡକୋ ପ୍ରଦର୍ଶନୀ ପଡିଆରେ ଆୟୋଜିତ ଏହି ପ୍ରଦର୍ଶନୀରେ ୧ ଲକ୍ଷରୁ ଅଧିକ ଲୋକ ଯୋଡ଼ି ହୋଇଥିଲେ । ଏହି ସମ୍ମିଳନୀ ବୃହତର ଭାବେ ସାଧାରଣ ଲୋକଙ୍କ ମଧ୍ୟରେ ଆଇନ ସଚେତନତା ଓ କମ୍ୟୁନିଟି ପୋଲିସିଂରେ ଏକ ଐତିହାସିକ ମାଇଲଖୁଂଟ ସ୍ଥାପନା କରିସାରିଛି ।ପ୍ରଦର୍ଶନୀର ଶେଷ ଦିନରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ପିପିଲିବିଧାୟକ ଆଶ୍ରିତ ପଟ୍ଟନାୟକ, ଡାକ୍ତର ମନୋଜ କୁମାର ସାହୁ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ଶାଶ୍ୱତ ମିଶ୍ର, ଏବଂ ଲୋକପ୍ରିୟ ଅଭିନେତା ସବ୍ୟସାଚୀ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

## ସୂଚନା ଅଧିକାର ଅଧିନିୟମ ୨୦୦୫ ଉପରେ କର୍ମଶାଳା

ରାୟଗଡ଼,(ନି :ପ୍ର): ରାୟଗଡ଼ ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଆଇନ -୨୦୦୫ ଅଧିନିୟମ ଅନ୍ତର୍ଗତ ଜିଲ୍ଲାର ଅପିଲ କର୍ତ୍ତୃପକ୍ଷ, ଜନ ସୂଚନା ଅଧିକାରୀ, ସହକାରୀ ଜନ ସୂଚନା ଅଧିକାରୀମାନଙ୍କୁ ନେଇ ସୂଚନା ଅଧିକାର ଆଇନ ୨୦୦୫ ଉପରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗର ମାଷ୍ଟର ଟ୍ରେନର ଶ୍ରୀ ହର୍ଷ ପରିଛା ଯୋଗଦେଇ ସୂଚନା ଅଧିକାରର ଆବଶ୍ୟକତା ଓ ଏହାର ବ୍ୟବହାର ଉପରେ ବୁଝାଇଥିଲେ । ଅଧିକାର ଆଇନର ବୈଶିଷ୍ଟ୍ୟତା ଉପରେ ବୁଝାଇଥିଲେ ।

# ଏଲ୍‌ପିଜି ସଂକଟକୁ ନେଇ ଖୋଜା ପଡ଼ିଲାଣି କିରୋସିନି ଓ ମାଟି ଚୁଲି

### ।।।।।।।।।।।।।। ପୁଣି ଫେରିବ ପୁରୁଣା ସ୍ମୃତି ।।।।।।।।।।।।।



ଭାପୁର,(ନିପ୍ର): ଗତ କିଛି ବର୍ଷ ହେଲା ଗରିବଙ୍କ ନିତ୍ୟ ବ୍ୟବହାର୍ଯ୍ୟ କିରୋସିନ ବଜ଼ାରରୁ ଉଭାନ ହୋଇଯାଇଥିଲା। ତେବେ ବର୍ତ୍ତମାନ ମଧ୍ୟପ୍ରାଚ୍ୟ ଯୁଦ୍ଧ ଚାଲିଥିବାରୁ ଏଲପିଜି ଯୋଗାଣରେ ସଙ୍କଟ ଦେଖାଦେଇଛି। ଏହି ଏଲପିଜି ସଙ୍କଟ ପଲ୍ଲୀରୁ ଦିଲ୍ଲୀ ନୁହେଁ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ମଧ ପ୍ରଭାବ ପଡିଥିବାରୁ ସାଧାରଣ ଜନତା କିରୋସିନି ଓ ମାଟି ଚୁଲାକୁ ଖୋଜିଲେଣି।ଏହାର ସିଧାସଳଖ ପ୍ରଭାବ ଘରର ହାଣ୍ଡିଶାଳରେ ପଡିଥିବାରୁ ଗୃହିଣୀ ଚିନ୍ତା କଲେଣି କିପରି ଘରେ ରୋଷେଇ ହେବ। ବର୍ତ୍ତମାନ, ଘରୋଇ ଗ୍ୟାସ ବୁକିଂ ଠାରୁ ମିଳିବା ପର୍ଯ୍ୟନ୍ତ କଷ୍ଟଦାୟକ ହୋଇପଡିଛି।

ଭାପୁର ବ୍ଲକର ମାଧପୁର ଏଂ ଭାପୁରରେ ଅବସ୍ଥିତ ଗ୍ୟାସ ଏଜେନ୍ସିମାନେ କୌଣସି ସମସ୍ୟା ହେବ ନାହିଁ ବୋଲି କହୁଥିବାବେଳେ ବାସ୍ତବିକ ପକ୍ଷେ ଏହାର ବିପରୀତ ଦେଖିବାକୁ ମିଳୁଛି। ଧୀରେ ଧୀରେ ଘରୋଇ ଗ୍ୟାସ ସମସ୍ୟା ବଢୁଥିବାବେଳେ ମଧ୍ୟବିତ୍ତ ପରିବାର ପୁଣିଥରେ ହଜିଯାଇଥିବା କିରୋସିନି ଓ ମାଟି ଚୁଲାକୁ ଖୋଜିଲେଣି।ଦୀର୍ଘ ବର୍ଷ ଧରି କଳଙ୍କି ଲାଗି ଘରେ ପଡ଼ିରହିଥିବା ଷ୍ଟୋଭ ଏବଂ ମାଟିଚୁଲାକୁ ଜନସାଧାରଣ ସଜାଡ଼ିବାରେ ଲାଗିଲେଣି । ସମ୍ପୂର୍ଣ୍ଣ ରୂପେ ଅଲୋଡ଼ା ହୋଇଥିବା କିରୋସିନି ଖୋଜା ପଡିଲାଣି।ଲୋକଙ୍କ ଚାହିଦାକୁ ଦେଖି ଭାପୁର ବ୍ଲକ ପ୍ରଶାସନ କିରୋସିନି ମଗେଇବା ପାଇଁ ସାଧାରଣରେ ସ୍ୱର ଉଠିଲାଣି। ହଜି ଯାଇଥିବା କିରୋସିନି ଓ ମାଟି ଚୁଲାକୁ ପୁଣି ଥରେ ଫେରେଇ ଆଣି ସୁଲଭ ମୂଲ୍ୟରେ କିରୋସିନ ଯୋଗାଣ ପାଇଁ ସାଧାରଣରେ ଦାବି ହୋଇଛି।

## କାଳିଆପଲ୍ଲୀର ଉନ୍ନତି ପାଇଁ ବ୍ଲକ ପ୍ରଶାସନ ବୁଜିଛି ଆଖି

ଭାପୁର,(ନିପ୍ର): ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତବର୍ଷ ମାର୍ଚ୍ଚ ମାସ ୨୪ ତାରିଖ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଧାନଚାଙ୍ଗଡ଼ା ପଂଚାୟତ ଅନ୍ତର୍ଗତ କାଳିଆପଲ୍ଲୀ ଗ୍ରାମରେ ଶବର ରାଜା ବିଶ୍ୱାବସୁ ତଥା ତାଙ୍କର ଆରାଧ ଦେବତା ବୃକ୍ଷକୁ ପୂଜାର୍ଚ୍ଚନା କରି ଫେରିଥିଲେ। ସେଠାରେ ଅନୁଷ୍ଠିତ ଏକ ବିରାଟ ସଭାରେ ରାଜ୍ୟର ମୁଖ୍ୟମନ୍ତ୍ରୀ, ରାଜ୍ୟପାଳଙ୍କ ସମେତ ରାଜ୍ୟର ଅନେକ ଟାଣୁଆ ବିଧାୟକଙ୍କ ଉପସ୍ଥିତିରେ ରାଷ୍ଟ୍ରପତି ଉଦ୍‌ବୋଧନ ଦେଇ କହିଥିଲେ, ଶବର ରାଜା ବିଶ୍ୱବସୁଙ୍କୁ ଜଗନ୍ନାଥପ୍ରେମୀ ସବୁଦିନ ମନେ ରଖିଥିବେ। ଏହି କାଳିଆପଲ୍ଲୀ ହେଉଛି ଭାରତର ପ୍ରଥମ ସ୍ଥାନ ଯେଉଁଠି ଆଦିବାସୀ ଓ ଅଣଆଦିବାସୀଙ୍କ ମିଳନସ୍ଥଳୀ। ପ୍ରାଚୀନ ଭାରତୀୟ ସଂସ୍କୃତିରେ ଏହି ଶବର ସଂସ୍କୃତି ସମସ୍ତ ଧର୍ମ ଠାରୁ ଆଗରେ ରହିବ। ପୁରାଣ ବର୍ଣ୍ଣିତ ଜଗନ୍ନାଥଙ୍କ ଆଦ୍ୟ ସ୍ୱରୂପ ପ୍ରଭୁ ଶ୍ରୀନୀଳମାଧବଙ୍କ ପ୍ରଥମ ସେବକ ରୂପେ ଶବର ରାଜା ବିଶ୍ୱବସୁ କାଳିଆପଲ୍ଲୀ ଗ୍ରାମର ଧାଙ୍ଗେଡି ପାହାଡ଼ ଉପରେ ବାସ କରି ନୀଳମାଧବଙ୍କୁ ପୂଜା କରୁଥିଲେ।

ଶବର ସଂସ୍କୃତିର ଆଦ୍ୟଭୂମି ବିଶ୍ୱବସୁଙ୍କ ଦାୟାଦମାନେ କାଳିଆପଲ୍ଲୀ ଗ୍ରାମରେ ଦୀର୍ଘ ବର୍ଷ ହେଲା ଅବହେଳିତ ଅବସ୍ଥାରେ ବାସ କରୁଥିବା ଦେଖି ରାଷ୍ଟ୍ରପତି ମ୍ରିୟମାଣ ହେବା ସହିତ ପ୍ରଶାସନ ଉପରେ ଅସନ୍ତୁଷ୍ଟ ହୋଇଥିଲେ।

ରାଷ୍ଟ୍ରପତିଙ୍କ ଭାବାବେଗ ଦେଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେହି ସଭାରେ କାଳିଆପଲ୍ଲୀ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ସହିତ ଅନୁଦାନ ଘୋଷଣା କରିଥିଲେ। ଫଳରେ,କାଳିଆପଲ୍ଲୀବାସୀ ସେମାନଙ୍କର ଭାଗ୍ୟ ବଦଳିଯିବ ବୋଲି ଆଶା ରଖିଥିଲେ କିନ୍ତୁ,ଇତି ମଧ୍ୟରେ ଏକ ବର୍ଷ ବିତି ଯାଇଥିଲେ ମଧ ସେମାନଙ୍କର ପୂର୍ବ ଦୁଃଖର ଅନ୍ତ ନାହିଁ।

## ଧାମରାରେ ବେଳାଭୂମି ପର୍ଯ୍ୟଟନ ବନାମ ଜେଟ୍ଟୀ, ତଟ ସୁରକ୍ଷା କେନ୍ଦ୍ର ସ୍ଥାପନ ସହ ରାଡାର କେନ୍ଦ୍ର ସ୍ଥାପନା ନେଇ ପ୍ରଶ୍ନବାଚୀ

ଭଦ୍ରକ,(ହି.ସ.) : ଚାନ୍ଦବାଲି ବ୍ଲକ ଧାମରାରେ ପର୍ଯ୍ୟଟନ ଶିଳ୍ପର ବିକାଶ ହେବାର ସମୟ ଆସିଛି। ଏହି ପର୍ଯ୍ୟଟନ ଶିଳ୍ପରବିକାଶହୋଇ ପାରିଲେ କେବଳ ପର୍ଯ୍ୟଟନ ମାନଚିତ୍ରରେ ନୁହେଁ ଦେଶର ଆର୍ଥିକ ଅଭିବୃଦ୍ଧିର ବିକାଶ ହେବ ବୋଲି ସରକାର ଡିଣ୍ଡିମ ପିଟୁଥିବା ବେଳେ କେବେ ଚନ୍ଦନୀପାଳ ଠାରେ ବେଳାଭୂମିର ବିକାଶ ଅଥବା ମାଛ ଧରା ଜେଟ୍ଟୀ ଅଥବା ତଟ ସୁରକ୍ଷାବାହିନୀର ଅଫିସ ସହ ଏକ ରାଡାର କେନ୍ଦ୍ର ସ୍ଥାପନ ହେବ ସେ ନେଇ ପ୍ରଶ୍ନବାଚୀ ହୋଇପଡିଛି। ଗୋଟିଏ ପକ୍ଷରେ ଚନ୍ଦନୀପାଳ ଠାରେ ନିଜରଜିବୀକା ନିର୍ବାହ କରୁଥିବା ଶହ ଶହ ମତ୍ସ୍ୟଜୀବୀ ମାଛ ଧରାଜେଟ୍ଟୀ କରିବା ପାଇଁ ଦାବୀକରି ଆସୁଥିଲେ। ରାଜ୍ୟ ସରକାର ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରିବା ପରେ ଅର୍ଥର ଅଭାବ ରହିବାରୁ କେନ୍ଦ୍ର ସରକାରଙ୍କ ଉପରେ ନିର୍ଭର କରି ରହିଥିବା ବେଳେ କେନ୍ଦ୍ର ସରକାର ଅର୍ଥ ଅନୁମୋଦନ ମଧ୍ୟ କରିସାରିଛନ୍ତି। ମାତ୍ର ରାଜ୍ୟ ମତ୍ସ୍ୟବିଭାଗ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହି ଜେଟ୍ଟୀ ନିର୍ମାଣ କରିବା ପାଇଁ ଟେଣ୍ଡର ଚୁଡାନ୍ତ ପ୍ରକ୍ରିୟା ନେଇ ସାରିଛି। ପୁନଶ୍ଚ ଚନ୍ଦନୀପାଳର ଭୌଗୋଳିକ ସ୍ଥିତରେ ପରିବର୍ତ୍ତନ ଆଶା କରାଯାଉଛି। ପ୍ରାପ୍ତ ଖବରରୁ ଜଣାଯାଇଛି ଓଡିଶାର ଉପକୂଳ ସୁରକ୍ଷାକୁ କେବେଳ ରାଜ୍ୟ ସରକାର ନୁହେଁ କେନ୍ଦ୍ର ସରକାର ମଧ୍ୟ ଚିନ୍ତା ପ୍ରକଟ କରିଥିବା ବେଳେ ଚନ୍ଦନୀପାଳ ଠାରେ ଚନ୍ଦନୀପାଳଠାରେ ଥିବା ପ୍ରତିରକ୍ଷାକେନ୍ଦ୍ରର ପୂର୍ବକୁ ୫୨ କି.ମି ଅଂଚଳକୁ ନେଇ ତଟ ସୁରକ୍ଷା ବାହିନୀ ତାହାର ଏକ ନିଜସ୍ୱ ରାଡାର କେନ୍ଦ୍ର ସ୍ଥାପନ କରିବା ସହ ନିଜର ଏକ ଅଫିସ ମଧ୍ୟ ସ୍ଥାପନା କରାଯିବାକୁ ସ୍ଥିରୀକୃତ ହୋଇ ସାରିଛି।

## ଦେଉଳିମଠରେ ଗୋପାଳଙ୍କ ଲଉଡ଼ି ଖେଳ ପ୍ରଦର୍ଶନ

କାକଟପୁର,(ନିପ୍ର): ଓଡ଼ିଶାରେ ଦୋଳ ପର୍ବକୁ ବହୁ ଆଡ଼ମ୍ବର ସହିତ ପାଳିଥାନ୍ତି ଯାଦବ ମାନେ। ତାଙ୍କର ଦୋଳ ପୂର୍ଣ୍ଣିମା ମୁଖ୍ୟ ପର୍ବ ବୋଲି କାହୁଁ କେଉଁ ଅମଳରୁ ଅତି ଆନନ୍ଦ ଓ ଉଲ୍ଲାସରେ ପାଳନ କରୁଥିବା ବେଳେ ଦୋଳ ଉତ୍ସବର ମୁଖ୍ୟ ଆକର୍ଷଣ ଗୋପାଳଙ୍କ ଲଉଡ଼ି ଖେଳ । ଦୋଳ ପୂର୍ଣ୍ଣିମା ତିଥିରେ ଗୋପାଳ ଯୁବକମାନେ ହାତରେ କେନ୍ଦୁବାଡ଼ି ଧରି ବିଭିନ୍ନ ଗୋଠ, ମଠ ଓ ମନ୍ଦିରରେ ସାମରିକ କଳା ପ୍ରଦର୍ଶନ କରିଥାନ୍ତି । କାକଟପୁରର ଅଧିଷ୍ଠାତ୍ରୀ ଦେବୀ ଜଗତଜନନୀ ମା ମଙ୍ଗଳାଙ୍କ ଚୈତ୍ର ମାସର ପ୍ରଥମ ପାଳି ମଙ୍ଗଳବାର ତଥା ନେତ ବନ୍ଧା ଉତ୍ସବ ଦିନ ମନ୍ଦିର ବେଢାରେ ଗୋପାଳମାନେ ଓଗାଳ ପରିବେଷଣ କରିବା ସାଙ୍ଗକୁ ଫଗୁ ଖେଳିବା ପ୍ରଥା କେଉଁ ଆବାହମାନ କାଳରୁ ରହିଆସିଛି । ଏହି ପରମ୍ପରା ଏବେବି ଗୋପାଳମାନେ ବଜାୟ ରଖିଆସିଥିବା ବେଳେ ମା ମଙ୍ଗଳାଙ୍କ ନେତ ବନ୍ଧା ଉତ୍ସବ ସରିବା ପରେ ଗୋପାଳମାନେ ବୀର ବେଶ ହୋଇ ପୂର୍ବରୁ ମଙ୍ଗଳପୁର ଠାରେ ଆଉ ଏବେ ଦେଉଳି ମଠ ଠାରେ ବାଡ଼ି ଲଉଡ଼ି ଖେଳ ପ୍ରଦର୍ଶନ କରିଆସୁଛନ୍ତି । ଏହି ଲଉଡ଼ି ଖେଳରେ ୧ ଶହରୁ ଉର୍ଦ୍ଧ୍ୱ ଗୋଠର ଗୋପାଳମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୁଏ । ଏଥିପାଇଁ ବିଚାରକ ମଣ୍ଡଳୀଙ୍କ (ଦ୍ୱାରା) ଯୋଗ୍ୟ ବିବେଚିତ ହୋଇଥିବା କୃତି ପ୍ରତିଯୋଗୀମାନଙ୍କୁ କାକଟପୁର କାକଟପୁର ବ୍ଲକ ମା ମଙ୍ଗଳା ଯାଦବ ସଂଘ ପକ୍ଷରୁ ପ୍ରତି ବର୍ଷ ପୁରସ୍କୃତ ମଧ କରାଯାଇଥାଏ । ହାତରେ କେନ୍ଦୁବାଡ଼ି , ଅଣ୍ଟାରେ ଘଣ୍ଟି ଘାଗୁଡ଼ି ସହ କେତେକ ପ୍ରତିଯୋଗୀ ଅଣ୍ଟାରେ ବଂଶୀ ବାନ୍ଧିଥାନ୍ତି। ବିଭିନ୍ନ ଗୋଠର ଗୋପାଳମାନେ ଦଳଗତ ହୋଇ ଦେଉଳି ମଠ ପଡିଆରେ ନୃତ୍ୟ ପ୍ରଦର୍ଶନ କରିଥାନ୍ତି। ଓଗାଳ ପରିବେଷଣ ଓ ବାଡ଼ି ଲଉଡ଼ି ପ୍ରଦର୍ଶନ ବେଳେ ବାଜି ଉଠେ ମଇଁଷିର ଶିଙ୍ଗା ଓ ହରିବୋଲ ହୁଳହୁଳି (ଧ୍ୱନି)ରେ ପ୍ରକମ୍ପିତ ହୋଇଉଠେ ଦେଉଳି ମଠର ପରିସର । ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ରଚିତ ଗୋପାଳଙ୍କ ଓଗାଳ ଗାନ କରି ବାଦ୍ୟର ତାଳେ ତାଳେ ଗୋପାଳମାନେ ସହଯୋଗୀମାନଙ୍କ ବାଡ଼ି ସହିତ ନିଜ ବାଡ଼ିକୁ ପିଟି ଯେଉଁ ଶବ୍ଦ ସୃଷ୍ଟି କରିଥାନ୍ତି ତାହା ସେ ସମୟରେ ଅପୂର୍ବ ଝଙ୍କାର ସୃଷ୍ଟି କରିବା ସହିତ ଦର୍ଶକମାନଙ୍କୁ ବିମୋହିତ କରିଥାଏ । ଏହି କାର୍ଯ୍ୟକ୍ରମରେ କାକଟପୁର ବ୍ଲକ ଯାଦବ ସଙ୍ଘର ସଭାପତି ପୁରୁଷୋତ୍ତମ ମଠିଆ , ସଂପାଦକ ନୃସିଂହ ପ୍ରସାଦ ପୋଲେଇ , ଯୁବ ସଭାପତି ପ୍ରଶାନ୍ତ ବେହେରା , ଉପସଭାପତି ଦୈତାରୀ ବେହେରା କୋଷାଧ୍ୟକ୍ଷ ମନୋଜ ଦାସ ସମେତ ପୁରୀ ଜିଲ୍ଲା ଯାଦବସଙ୍ଘର ସଭାପତି ଗୋପାଳ ଚନ୍ଦ୍ର ବେହେରାଙ୍କ ସହିତ ବିଭିନ୍ନ ଗୋଠର ମୁରବୀମାନେ ଉପସ୍ଥିତ ଥିଲେ ।

## ଜାଗୁଳାଇପଡା ବିଦ୍ୟାଳୟର ୨୦୦୦ ମସିହା ବ୍ୟାଚ୍ ବନ୍ଧୁ ମିଳନ




ଡେରାବିଶ (ନିପ୍ର) : ରାମଚନ୍ଦ୍ର ବିଦ୍ୟା ପୀଠ ଜାଗୁଳାଇପଡା ବିଦ୍ୟାଳୟର ୨୦୦୦ ମସିହା ବ୍ୟାଚ ପୁରୁଣା ବିଦ୍ୟାର୍ଥୀମାନଙ୍କର ଏକ ବନ୍ଧୁ ମିଳନ ପର୍ବ ବେଶ ଖୁସିର ସହ ରବିବାର ଦିନ ପାଳିତ ହୋଇଯାଇଛି । ପୁରୁଣା ସାଙ୍ଗମାନଙ୍କୁ ନେଇ ଏକ ମିଳନୀ ଉତ୍ସବ ଆୟୋଜିତ ହୋଇଥିଲା । ଦୀର୍ଘ ୨୬ ବର୍ଷ ପରେ ପୁଣିଥରେ ସମସ୍ତେ ଏକାଠି ହୋଇ ପୁରୁଣା ସ୍ମୃତି ଚାରଣ କରିଥିଲେ । ସମୟାନୁଯାୟୀ ମନ , ଶରୀର, ଜୀବନ ଯାପନ ଶୈଳୀରେ ପରିବର୍ତନ ହୋଇଥିଲେ ମଧ ଆଜି ଆମେ ସମସ୍ତେ ସେଇ ବିଲୁପ୍ତ ସ୍ମୃତିକୁ ସାଇତି ରଖି ଆଜି ଏକାଠି ହୋଇପାରିଛୁ ତାହା ବଡ଼ କଥା ବୋଲି ପ୍ରଭାତ ସାହୁ ତାଙ୍କ ମତ ଉପସ୍ଥାପନା କରିଥିଲେ । ଏହି ଆୟୋଜନକୁ ବିଶ୍ୱରଞ୍ଜନ ସ୍ୱାଇଁ, ଗୁରୁଚରଣ ସାହୁ, ସୁଜିତ ବଳ, ରୋଜିରାଣୀ ସିଂହ, ମନୋଜ କର, ନୟନା ସିଂହ ଓ ଚିନ୍ମୟୀ ରାଉତରାୟଙ୍କ ଦ୍ୱାରା ସଫଳ କରାଇଥିଲେ।

## 'ଉତ୍କଳୀୟ ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ପୌରାଣିକ ଗାଥାର ପରିଚୟ ଦୋଳଗୋବିନ୍ଦଙ୍କ ଯାତ୍ରା'

କାକଟପୁର,(ନିପ୍ର): ପୁରୀଜିଲ୍ଲା କାକଟପୁର ସ୍ଥିତ ମୂଳାଗଡ଼ ଗୋଠ ପଡିଆ ଠାରେ ଗତ ୩ ଦିନ ବ୍ୟାପୀ ଆୟୋଜିତ ହୋଇଆସୁଥିବା ଦୋଳ ମହୋତ୍ସବ -୨୦୨୬ ଗୁରୁବାର ସନ୍ଧ୍ୟା ରେ ଉଦଯାପିତ ହୋଇଯାଇଛି । ମହୋତ୍ସବ ଅଭ୍ୟର୍ଥନା କମିଟିର ସଭ୍ୟ ତଥା ଜଗତସିଂହପୁର ସାଂସଦଙ୍କ ପୁରୀଜିଲ୍ଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଉକ୍ତ ଉଦଯାପନୀ ସନ୍ଧ୍ୟାର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ କରୁଣାମୟୀ ମା' ମଙ୍ଗଳାଙ୍କ ପବିତ୍ର ଓ ଆଧାତ୍ମିକ ମାଟି କାକଟପୁରର ଦୋଳ ମହୋତ୍ସବ ଆମ ଭକ୍ତି, ସଂସ୍କୃତି ଓ ପରମ୍ପରାର ମିଳନର ଉତ୍ସବ । ସ୍ଥାନୀୟ




କଳାକାରଙ୍କ ଦ୍ୱାରା ବାଡ଼ିଖେଳ ପ୍ରଦର୍ଶନ ଏହି ପରମ୍ପରାର ବଡ଼ ଉଦାହରଣ ବୋଲି ମତବ୍ୟକ୍ତ କରିବା ସହିତ ସମୁଦ୍ରର କରାଳ ରୂପ ଓ ବାତ୍ୟାର ପ୍ରକୋପ ସହୁଥିବା ଅସ୍ତରଙ୍ଗ ଅଞ୍ଚଳ ଆଗାମୀ ଦିନରେ ସାହସିକ କ୍ରୀଡ଼ାର ହବ୍ ହେବାକୁ ଯାଉଛି ବୋଲି ବକ୍ତବ୍ୟ ରଖିଥିଲେ ।

## ବିଏମ୍‌ସି ପକ୍ଷରୁ ଲଟେରୀ ମାଧ୍ୟମରେ ଗୃହ ଆବଣ୍ଟନ

ଭୁବନେଶ୍ୱର,(ହିସ): ୧୦ରୁ ଅଧିକ ବସ୍ତିର ୩୦୩ ଗୋଟି ପରିବାର ସହ ଦୁଇଜଣ ଦିବ୍ୟାଙ୍ଗଙ୍କୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ପକ୍ଷରୁ ସୁଲଭ ଆବାସ ଯୋଜନାରେ ଲଟେରୀ ମାଧ୍ୟମରେ ଗୃହ ଆବଣ୍ଟନ କରାଯାଇଛି । ଏହି ପରିବାରଗୁଡିକୁ ଚନ୍ଦ୍ରଶେଖରପୁର ଅନ୍ତର୍ଗତ ବୁଦ୍ଧ ବିହାର ଆବାସିକ ପ୍ରକଳ୍ପ, ନିଳମାଧବ ଆବାସିକ ପ୍ରକଳ୍ପ ଏବଂ ସୁବିଦ୍ଧିପୁର ଆବାସିକ ପ୍ରକଳ୍ପକୁ ସ୍ଥାନାନ୍ତର କରାଯିବ। ସ୍ଥାନାନ୍ତର ହେବାକୁ ଥିବା ପରିବାରଗୁଡିକର ପ୍ରାଥମିକ ସର୍ଭେ କରାଯାଇଥିଲା। ସେହି ସର୍ଭେ ଫଳାଫଳକୁ ଆଧାର କରି, ୩୦୩ ଜଣ ହିତାଧିକାରୀଙ୍କୁ ଚନ୍ଦ୍ରଶେଖରପୁରସ୍ଥିତ ବୁଦ୍ଧ ବିହାର, ନିଳମାଧବ ଏବଂ ସୁବୁଦ୍ଧିପୁର ଆବାସିକ ପ୍ରକଳ୍ପରେ ଗୃହ ପ୍ରଦାନ କରାଯାଇଛି । ଉଚ୍ଛେଦ ଏବଂ ପୁନର୍ବାସ ନିୟମ ଅନୁଯାୟୀ, ସ୍ଥାନାନ୍ତର ସମୟରେ ପ୍ରଭାବିତ ପରିବାରଙ୍କୁ ମୌଳିକ ଜରୁରୀ ସହାୟତା ଯୋଗାଇଦେବା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବ ।ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ ଲଟେରୀ ମାଧ୍ୟମରେ ଗୃହ ଆବଣ୍ଟନ କରିଥିଲେ ।

## ବିମାନ ଚଳାଚଳ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,(ହିସ): ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରଠାରେ 'ଏଭିଏସନ୍ ସିକ୍ୟୁରିଟି ବେସିକ୍ କୋର୍ସ'ର ଦ୍ୱିତୀୟ ବ୍ୟାଚ୍ ପ୍ରଶିକ୍ଷାର୍ଥୀଙ୍କ ପାଇଁ ପ୍ରାୟୋଗିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜାରି ରହିଛି। ବିମାନବନ୍ଦରର ଜଟିଳ କାର୍ଯ୍ୟଧାରା ଏବଂ ବୈଷୟିକ ପରିଚାଳନା ସମ୍ପର୍କରେ ପ୍ରଶିକ୍ଷାର୍ଥୀଙ୍କୁ ପ୍ରତ୍ୟକ୍ଷ ଜ୍ଞାନ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ରାଜ୍ୟର ବିଭିନ୍ନ ବିମାନବନ୍ଦରରେ ନିୟୋଜିତ ସୁରକ୍ଷା କର୍ମୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ୧୫ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବାଣିଜ୍ୟ ଓ ପରିବହନ ବିଭାଗ, ଗୃହ ବିଭାଗ ଏବଂ ବ୍ୟୁରୋ ଅଫ୍ ସିଭିଲ୍ ଏଭିଏସନ୍ ସିକ୍ୟୁରିଟି ର ମିଳିତ ସହଯୋଗରେ ଆୟୋଜିତ ହେଉଛି।

## ଦୀନଦୟାଲ ଉପାଧ୍ୟାୟଙ୍କ ଦର୍ଶନ ଆଧାରିତ ଡ. ସୁନୀତି ମୁଣ୍ଡଙ୍କ ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର, (ନିପ୍ର): ନୂଆଦିଲ୍ଲୀର କନଷ୍ଟିଚୁଶନ କ୍ଲବ୍ ଅଫ୍ ଇଣ୍ଡିଆର ଡିପୁଟି ଚେୟାରମ୍ୟାନ ହଲ୍‌ରେ ଗୁରୁବାର "ବର୍ତ୍ତମାନ ସାମାଜିକ ଓ ରାଜନୈତିକ ପରିପ୍ରେକ୍ଷିରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଦର୍ଶନର ପ୍ରାସଙ୍ଗିକତା" ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ ସେମିନାର ଓ ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷାୟନ ପବ୍ଲିଶର୍ସ ଏଣ୍ଡ ଡିଷ୍ଟ୍ରିବ୍ୟୁଟର୍ସ ପକ୍ଷରୁ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ପାର୍ଲିଆମେଣ୍ଟ ସଚିବ ଓ କମଳ ସନ୍ଦେଶ ପତ୍ରିକାର ସମ୍ପାଦକ ଶିବଶକ୍ତି ନାଥ ବକ୍ସି ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ସେ ନିଜ ଉଦ୍‌ବୋଧନରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଏକାତ୍ମ ମାନବବାଦକୁ ଭାରତୀୟ ଜୀବନ-ଦର୍ଶନର ଏକ ଗୁରୁତ୍ୱପୂର୍ଣ୍ଣ ଧାରଣା ବୋଲି କହିଥିଲେ ଏବଂ ଏହା ବ୍ୟକ୍ତି, ସମାଜ ଓ ରାଷ୍ଟ୍ରର ସମତାଳ ଉନ୍ନତିର ପଥ ପ୍ରଦର୍ଶନ କରେ ବୋଲି ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ମାଧବେନ୍ଦ୍ର ସିଂହ (ରାଷ୍ଟ୍ରୀୟ ସଂଗଠନ ପ୍ରଭାରୀ, ଅଭ୍ୟୁଦୟ ୟୁଥ କ୍ଲବ୍) ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ନିଜ ମତାମତରେ "ଭାରତ" ଓ "ଇଣ୍ଡିଆ" ମଧ୍ୟରେ ଥିବା ତଫାତକୁ ଉଲ୍ଲେଖ କରି ସମାଜର କିଛି ଗୁରୁତ୍ୱପୂର୍ଣ୍ଣ ସତ୍ୟକୁ ଆଲୋକିତ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ଅବଧେଶ କୁମାର ବିଷୟଟି ଉପରେ ବିସ୍ତୃତ ଆଲୋଚନା କରିଥିଲେ ଏବଂ ଡ ସୁନୀତି ମୁଣ୍ଡଙ୍କ ରଚିତ ଦୁଇଟି ପୁସ୍ତକର ଚିନ୍ତନଧାରା ଓ ସମକାଳୀନ ପ୍ରାସଙ୍ଗିକତାକୁ ଉଜାଗର କରିଥିଲେ।

## ପୋଲିସକୁ ଲୁଟେରାଙ୍କ ଖୋଲା ଚ୍ୟାଲେଞ୍ଜ ରାଧାକୃଷ୍ଣଙ୍କ ମନ୍ଦିରରେ ବୁଲାଇଲେ କଳାକନା

କାକଟପୁର,(ନିପ୍ର): ଗତ କିଛି ଦିନ ହେଲା ଲୁଟେରାଙ୍କ ଟାର୍ଗେଟରେ ମଠ ମନ୍ଦିର ରହିଥିବା କାରଣରୁ ସ୍ଥାନୀୟ ଲୋକଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି ହୋଇଛି। କାକଟପୁର, ଅସ୍ତରଙ୍ଗ ଅଞ୍ଚଳରେ ଅନେକ ଐତିହାସିକ ମନ୍ଦିରରୁ କିଛିମାସ ହେବ ଲୁଟ ହୋଇଥିବାବେଳେ ଗତ ବୁଧବାର ରାତିରେ ଅସ୍ତରଙ୍ଗ ବ୍ଲକ ଖଣ୍ଡାସାହି ବାଲିସାହି ଗ୍ରାମର ରାଧାକୃଷ୍ଣଙ୍କ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ରବିବାର ସକାଳୁ ପୂଜାରୀ ନିୟମିତ ନୀତି ପାଇଁ ମନ୍ଦିରକୁ ଆସି ଦେଖିଥିଲେ ମନ୍ଦିରର ମୁଖ୍ୟ ଦ୍ୱାର ତାଲା ପଡୁଥିବା କୁନ୍ଦା ଭଙ୍ଗାଯାଇଛି ଆଉ ଦ୍ୱାର ଖୋଲାଯାଇ ଠାକୁରଙ୍କ ମୁଣ୍ଡରେ ଥିବା ଦୁଇଟା ରୁପା ମୁକୁଟ ଦୁଇ ହଳ ରୁପା ପାଉଜି,ରୁପାର ହାର ଏକଟି , ସୁନାର ମଙ୍ଗଳ ସୂତ୍ର ଗୋଟିଏ, ସୁନା ନାକ ଫୁଲ ଏକଟା, ସୁନା ମୁଦି ଦୁଇଟା,ସୁନା ଖଡୁ ଏକଟି,ରୁପା ଖଡୁ ଦୁଇଟା, ରୁପା ଗିନା ଏକଟି, ଥାଳିଆ ଏକଟି, ପିତଳ ଘଣ୍ଟ ଦୁଇଟା, ପିତଳ ଢାଳ ଦୁଇଟା, ସମେତ ଅନ୍ୟ ସବୁ ପୂଜା ସରଞ୍ଜାମ ଚୋରି ହୋଇଯାଇଥିବା ପୂଜକ ପୁରୁଷୋତ୍ତମ ପଣ୍ଡା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ।

## ରାଜ୍ୟସଭା ନିର୍ବାଚନ : ଅସନ୍ତୋଷ ଝାଡ଼ିଲେ ସୋଫିଆ

କଟକ,(ନିପ୍ର): ରାଜ୍ୟସଭା ନିର୍ବାଚନକୁ ନେଇ ବର୍ଷିଲେ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋଷ । ଏହି ପ୍ରସଙ୍ଗକୁ ନେଇ ଖୋଲା ଅସନ୍ତୋଷ ଝାଡ଼ିଛନ୍ତି ସୋଫିଆ ଫିର୍ଦ୍ଦୋଷ । ବିଜେଡ଼ି ସହ ବୁଝାମଣାକୁ ନେଇ ବିଷୋଦଗାର କଲେ ବିଧାୟିକା। ସୋଫିଆ କହିଛନ୍ତି ଯେ, ରାଜ୍ୟସଭା ପାଇଁ ପ୍ରାର୍ଥୀ ଚୟନ ପୂର୍ବରୁ ଆଲୋଚନା ହୋଇନି। ବିଧାୟକ ମାନଙ୍କ ସହ ଆଲୋଚନା ହୋଇଥିଲେ ଭଲ ହୋଇଥାନ୍ତା । ସୋଫିଆ ଆହୁରି କହିଛନ୍ତି, ନୂଆପଡ଼ା ଉପନିର୍ବାଚନକୁ ମତେ ଡକାଯାଇ ନଥିଲା । ମୋ ନିର୍ବାଚନ ମଣ୍ଡଳୀରେ କାହାକୁ ଯୋଡ଼ିଲେ ମୋତେ ଜଣାଉ ନାହାନ୍ତି। ବିଜେଡ଼ି ପ୍ରାର୍ଥୀ ଘୋଷଣା ପରେ କଂଗ୍ରେସର ସମର୍ଥନକୁ ନେଇ ସୋଫିଆ ପ୍ରଶ୍ନ କରିଛନ୍ତି । ବିଜେଡ଼ି ପ୍ରାର୍ଥୀଙ୍କୁ କଂଗ୍ରେସ ସମର୍ଥନ ନେଇ ମଧ୍ୟ ଆମ ସହିତ ଆଲୋଚନା ହୋଇନାହିଁ। ବିଜେଡ଼ିକୁ ସମର୍ଥନ କରିବା କଂଗ୍ରେସର ନିଷ୍ପତ୍ତି ଠିକ ନଥିଲା। ତେବେ କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ ଦେବା ନେଇ ସୋଫିଆ ତାଙ୍କ ପ୍ରତିକ୍ରିୟାରେ କିଛି ସ୍ପଷ୍ଟ କରିନଥିଲେ।

# ବାଟ ହୁଡ଼ିଛି ସ୍ୱୟଂ ସହାୟକ ଗୋଷ୍ଠୀର ମିଶନଶକ୍ତି କାଫେ !

### ପୁଣି ଚଳାଇବାକୁ ଦାବି ଜୋର୍ ଧରିଲାଣି

ଭାପୁର,(ନିପ୍ର): ମହିଳାଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ୨୦୨୩ ମସିହାରେ ଗତ ବିଜେଡି ସରକାର ସମୟରେ ଅତ୍ୟାଧୁନିକ ମିଶନ ଶକ୍ତି କାଫେ ନାମରେ ଏକ ବଜ଼ାର ପ୍ରାଙ୍ଗଣ ଭାପୁର ବ୍ଲକ କାର୍ଯ୍ୟାଳୟ ପରିସର ମଧ୍ୟରେ ତତକାଳୀନ ଜିଲ୍ଲାପାଳ ରବିନ୍ଦ୍ର ସାହୁ ଏବଂ ବିଡ଼ିଓ ରଞ୍ଜିତ ମଲ୍ଲିକ ବହୁ ଆଡମ୍ବର ସହକାରେ ଉଦଘାଟନ କରିଥିଲେ।




ସୂଚନା ଅନୁଯାୟୀ, ସ୍ଥାନୀୟ ଗ୍ରାମାଞ୍ଚଳର ବ୍ୟକ୍ତି ବିଶେଷ ବିଭିନ୍ନ କାର୍ଯ୍ୟ ପାଇଁ ବ୍ଲକ କାର୍ଯ୍ୟାଳୟ ତଥା ଅନ୍ୟାନ୍ୟ କାର୍ଯ୍ୟାଳୟକୁ ଆସୁଥିବାବେଳେ ସୁଲଭ ମୂଲ୍ୟରେ ଖାଦ୍ୟ ଖାଇ ନିଜକୁ ସନ୍ତୁଷ୍ଟ ରଖୁଥିଲେ। ସଂଖ୍ୟାଧିକ ବ୍ୟକ୍ତିଙ୍କ ପାଇଁ ସୁଲଭ ମୂଲ୍ୟରେ ଖାଦ୍ୟ ପରଷିବା ତଥା ମିଶନ ଶକ୍ତି ମହିଳାଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ରାଜ୍ୟ ସରକାର ଏହି ଚିନ୍ତାଧାରା କରିଥିଲେ। ଫଳରେ, ୨୦୨୩ ମସିହା ଜୁନ ମାସ ୨୬ ତାରିଖ ଭାପୁର ବ୍ଲକ କାର୍ଯ୍ୟାଳୟ ପରିସର ମଧ୍ୟରେ ଏହି ମିଶନ ଶକ୍ତି କାଫେ ଉଦଘାଟନ ହୋଇଥିଲା। ଉଦ୍‌ଘାଟନ ହେବାର ୪/୬ ମାସ ପର୍ଯ୍ୟନ୍ତ ବ୍ଲକ ଲେବେଲ ଫେଡେରେସନ ଦାଇତ୍ୱ ନେଇ ଏହି କାଫେକୁ ସୁଚାରୁରୂପେ ତୁଲେଇଥିଲେ ମଧ ଧୀରେ ଧୀରେ ଏହା ବନ୍ଦ ହେବାକୁ ବସିଲାଣି।

ବର୍ତ୍ତମାନ,ଏହି କାଫେ ଜନସାଧାରଣଙ୍କ ସେବାରେ ନ ଲାଗି ବ୍ଲକରେ ଅନୁଷ୍ଠିତ କୌଣସି ସଭାସମିତି ପାଇଁ ଉଦ୍ଦିଷ୍ଟ ମିଲସ ଅକସ୍ମାତ ଭାବେ ରୋଷେଇ ହେଉଥିବା ଦେଖାଯାଉଛି। ମହତ୍ ଉଦ୍ଦେଶ୍ୟ ନେଇ ବିଜେଡି ସରକାର କାର୍ଯ୍ୟକାରୀ କରିଥିବା ମିଶନଶକ୍ତି କାଫେ ବିଜେପି ସରକାରଙ୍କ ସମୟରେ ବନ୍ଦ ହୋଇଥିବା କୁହାଯାଇଛି। ଏଥିଯୋଗୁଁ ଭାପୁର ସଦର ମହକୁମାକୁ ଆସୁଥିବା ବ୍ୟକ୍ତି ବିଶେଷ ତଥା ସରକାରୀ କର୍ମଚାରୀ ମାନେ ଭୋଜନ ପାଇଁ ହୋଟେଲ ଦୁଆରେ ଗୋଡ଼ଭାଙ୍ଗି ଛିଡା ହେଉଥିବା ଦେଖିବାକୁ ମିଳୁଛି। ତେଣୁ,ଏହି ମିଶନ ଶକ୍ତି କାଫେକୁ ଚଲେଇବା ପାଇଁ ଭାପୁର ଅଞ୍ଚଳର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

ତିଥି :(ଏକାଦଶୀ): (ଶ୍ରବଣା ମକର)
ଅମୃତ ବେଳା:ରାତ୍ରୀ ଘ ୧।୨ ଗତେ ଘ ୩।୨୬ ମଧ୍ୟେ

## ଆଜିର ଅନୁଚିନ୍ତନ

ସମସ୍ତ ପ୍ରାଣୀ ହୃଦେ ମୁହିଁ, ଜୀବ ସ୍ୱରୂପେ ବିରାଜଇ
ବେଦାନ୍ତ ଜ୍ଞାନ ଜାତ ମୁହିଁ, ବେଦାର୍ଥ ମୁଁ ଅଟଇ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଆଶା-ଆଶଙ୍କାର ଛକାପଞ୍ଝା

ମାର୍ଚ୍ଚ ଷୋହଳ ପୂର୍ବାହ୍ନ ନଅଟାରୁ ଅପରାହ୍ଣ ଚାରିଟା ପର୍ଯ୍ୟନ୍ତ ଓଡ଼ିଶା ବିଧାନସଭାର ଏକ ନିର୍ଦ୍ଧାରିତ କକ୍ଷରେ ରାଜ୍ୟସଭା ନିର୍ବାଚନ ଲାଗି ଭୋଟ ଗ୍ରହଣ ହେବ। ୧୦ରାଜ୍ୟର ରାଜ୍ୟସଭାର ୩୭ ଆସନ ମଧ୍ୟରୁ ୨୬ଟି ରେ ନେତା ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ନିର୍ବାଚିତ ହୋଇସାରିଛନ୍ତି। ଅବଶିଷ୍ଟ ୧୧ରୁ ଓଡ଼ିଶାର ୪ ଆସନ ପାଇଁ ହେବ ନିର୍ବାଚନ। ତେବେ ଏହି ୪ ଆସନ ପାଇଁ ଅଛନ୍ତି ୫ ପ୍ରାର୍ଥୀ। ସେଥି ମଧ୍ୟରୁ ବିଜେପିରୁ ଦୁଇ ଜଣ ଓ ବିଜେଡ଼ିରୁ ଜଣେ ପ୍ରଥମ ପସନ୍ଦ ଭାବରେ ନିର୍ବାଚିତ ହେବେ। ତେବେ ବିଜେଡିର ଏହି ତୃତୀୟ ଆସନରେ ଜିତାଇବା ପାଇଁ ଦଳରେ ସଂଖ୍ୟା ଗଣିତ ରହିଛି ଅଥଚ କ୍ରସ ଭୋଟିଂ ଆଶଙ୍କା ଏଡ଼ାଇ ହେବ ନାହିଁ ବୋଲି ଯେଉଁ ଚର୍ଚ୍ଚାଟି ସାମ୍ନାକୁ ଆସୁଛି ଉକ୍ତ ପ୍ରାର୍ଥୀ ଜଣଙ୍କ ପୂର୍ବରୁ ନିର୍ବାଚନରେ ପରାସ୍ତ ହୋଇଥିଲେ ବି କିଭଳି ମନୋନୀତ କରାଗଲା ସେଥିନେଇ ବିଭିନ୍ନ ମହଲରୁ ସମାଲୋଚନା ହୋଇଛି, ସେଥିଲାଗି ଉକ୍ତ ଦଳର ମୁଖିଆ ଚାପରେ ଅଛନ୍ତି କି ନିଜ ପସନ୍ଦରେ ଚୂଡ଼ାନ୍ତ ନିଷ୍ପତ୍ତି ନେଇଛନ୍ତି,ଏପରି ଆଲୋଚନା ଜାଣିବା ଶୁଣିବା ମହଲରେ ଆରମ୍ଭ ହେଲାଣି।

ଏହି ଚତୁର୍ଥ ଆସନକୁ କିଏ ବାଜିମାତ ମାରିବ ? ନିର୍ଦ୍ଧାରିତ ଆସନ ଗୋଟିଏ,ମାତ୍ର ପ୍ରାର୍ଥୀ ଦୁଇ। ଏପରି ସ୍ଥଳେ ଶାସକ ଓ ବିରୋଧୀ ଦଳଗୁଡ଼ିକଙ୍କ ପକ୍ଷେ ବିଜୟ ହାସଲ ନିମିତ୍ତ ରଣକୌଶଳ ତିଆରି କରିବା ସ୍ୱାଭାବିକ ଏବଂ ସେହି ରଣ କୌଶଳର ପଦଧ୍ୱନି 'ରିସର୍ଟ ପଲିଟିକ୍ସ'ରେ ପ୍ରତିଧ୍ୱନିତ ହୋଇଥିବା କୁହାଯାଉଛି। କଂଗ୍ରେସ ତା'ର ବିଧାୟକମାନଙ୍କୁ ବେଙ୍ଗାଲୁରୁ ନେଇ ତାରକା ରିସର୍ଟରେ ରଖାଇ ନିଜର ପୁରୁଣା ଫୋନ ନିଜ ନିଜ ଘରେ ଛାଡ଼ିବାକୁ ଦେଇ ନୂଆ ଫୋନ ତଥା ନୂଆ ଫୋନ ନମ୍ବର ଦେଇ' ଅପରେସନ ଲୋଟସ'ର ସମ୍ଭାବ୍ୟ ଚକ୍ରବ୍ୟୂହରୁ ବର୍ତ୍ତିବା ପାଇଁ ରଣନୀତି ଚଳାଇଛି, ତାହା କେତେ ଦୂର ସଫଳ ହେବ ସମୟ କହିବ। ଏପରି ଚର୍ଚ୍ଚା ଏବେ ବିଭିନ୍ନ ମହଲରେ ଚାଲିଛି। ନିକଟରେ ବିଜେଡ଼ି ପକ୍ଷରୁ ଆୟୋଜିତ ପ୍ରଶିକ୍ଷଣ ବୈଠକରେ କିଛି ବିଧାୟକ ଅନୁପସ୍ଥିତ ରହିଲେ। ଚାହିଁଥିଲେ ସେମାନେ ଆଭାସୀରେ ଯୋଗାଯୋଗ କରିପାରିଥାଆନ୍ତେ ମାତ୍ର ସେପରି ହୋଇ ନ ଥିଲା କି ବ୍ୟବସ୍ଥା ମଧ୍ୟ ହୋଇ ନଥିଲା ସମ୍ଭବତଃ। ରାଜ୍ୟସଭା ନିବାଚନ ଲାଗି ଦଳର ସୁପ୍ରିମୋ ଗୁରୁତ୍ୱର ସହ ପ୍ରସଙ୍ଗ ନେଉଥିବା କୁହାଯାଉଥିଲେ ହେଁ ଏହି ଅନୁପସ୍ଥିତି ନାନା ପ୍ରଶ୍ନ ଉପସ୍ଥାପିତ କରିବା ସ୍ୱାଭାବିକ। ପୁଣି ଜଣେ ନିଲମ୍ବିତ ବିଜେଡ଼ି ବିଧାୟକ କାହାକୁ ଭୋଟ ଦେବେ ସେଥିନେଇ ରହସ୍ୟ ବଢୁଛି।

ଏସବୁ ଲକ୍ଷ୍ୟ କଲେ 'ରିସର୍ଟ ପଲିଟିକ୍ସ'ରେ ଅନୁପ୍ରାଣିତ ହୋଇ ଯେଉଁମାନେ ବେଙ୍ଗାଲୁରୁ ବୁଲିବା ବାହାନାରେ ଯାଇଛନ୍ତି,ସେମାନଙ୍କ ସହ ଯୋଗାଯୋଗ କରିବା ନିମିତ୍ତ ହୁଏତ ଅପରପକ୍ଷେ ସେମାନଙ୍କ ସହଯୋଗୀଙ୍କ ବାଟ ଦେଇ ଏ କ୍ଷେତ୍ରରେ ସଫଳତା ହାସଲ କରିପାରନ୍ତି। ସେହିଭଳି ବିଜେଡ଼ି ପ୍ରଶିକ୍ଷଣ ଶିବିରରେ ଏକାଧିକ ବିଧାୟକ ଅନୁପସ୍ଥିତ ରହିବା ଭିନ୍ନ ଅର୍ଥ ସୂଚାଇପାରେ ବୋଲି ଅନୁମାନ କରିବା ଅପ୍ରାସଙ୍ଗିକ ହେବ ନାହିଁ। ଅର୍ଥାତ୍, ଯାହା ରାଜନୈତିକ ପାଣିପାଗ ଘୋଡା ବେପାର ଓ କ୍ରସ ଭୋଟିଂ ଏଡ଼ାଇବା ମୁସ୍କିଲ, ଏପରି ହିଁ ପ୍ରତୀୟମାନ ହେଉଛି।

# ସାମାଜିକ ଗଣମାଧ୍ୟମ ଓ ଆଇନ

**ସୌର ଚନ୍ଦ୍ର ମହାପାତ୍ର**

ବର୍ତ୍ତମାନର ସମୟରେ ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବା ସହ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ସାମାଜିକ ଗଣମାଧ୍ୟମ। ତେବେ ସାମାଜିକ ଗଣମାଧ୍ୟମଟି ବର୍ତ୍ତମାନ ଅତ୍ୟାବଶ୍ୟକ ଯୋଗାଯୋଗର ପ୍ରମୁଖ ଉତ୍ସ ପାଲଟୁଥିବାବେଳେ ଏହାର ଅପବ୍ୟବହାର ଓ ଦୁରୁପଯୋଗ ଭୟଙ୍କର ପରିସ୍ଥିତି ସୃଷ୍ଟି କରୁଛି। ଅନେକ ସମୟରେ ସାମାଜିକ ଗଣମାଧ୍ୟମରେ ଅସାମାଜିକ କାର୍ଯ୍ୟ, ମିଥ୍ୟାତଥ୍ୟ, ଦେଶ ବିରୋଧୀ ଚିନ୍ତାଧାରା ଓ ଆଇନଭଙ୍ଗକାରୀ ପ୍ରସଙ୍ଗ ସବୁ ଉଲ୍ଲିଖିତ ହେଉଥିବାରୁ ଏହା ଅତ୍ୟନ୍ତ ଚିନ୍ତାଜନକ ପ୍ରସଙ୍ଗ ପାଲଟିଛି। ସୋସିଆଲ ମିଡ଼ିଆର ଅପବ୍ୟବହାର ଆଇନଗତ ଭାବେ ଏକ ଅପରାଧିକ କାର୍ଯ୍ୟକଳାପ। ସୂଚନାଥାଉକି ଆମ ଦେଶରେ ୨୦୦୦ ମସିହାରୁ ସୂଚନା ପ୍ରଯୁକ୍ତି ଆଇନ ବା 'ଇନଫରମେସନ ଓ ଟେକ୍ନୋଲୋଜି ଆକ୍ଟ' ପ୍ରଚଳିତ ହୋଇ ଆସୁଛି। ସେହିପରି ଆମର ବର୍ତ୍ତମାନ ସମୟରେ ନୂତନ ଭାବେ ପ୍ରଣୀତ ଭାରତୀୟ ନ୍ୟାୟ ସଂହିତାର ଦଫା ୩୫୬ ଅନ୍ତର୍ଗତ ସାମାଜିକ ଗଣମାଧ୍ୟମରେ ଯେ କୌଣସି ବ୍ୟକ୍ତି କାହା ବିରୁଦ୍ଧରେ ଅପମାନ ସୂଚକ ବା ସମ୍ମାନ ହାନି ହେବା ପରି ତଥ୍ୟ ବା ସୂଚନା ପୋଷ୍ଟ କରନ୍ତୁ ବା ସେୟାର କରନ୍ତୁ ଏପରିକି ଅଶାଳୀନ କମେଣ୍ଟ ରହିଥିଲେ ଏଥିପାଇଁ ସର୍ବାଧିକ ଦୁଇବର୍ଷ ପର୍ଯ୍ୟନ୍ତ ସଶ୍ରମ କାରାଦଣ୍ଡ ସହ ଜୋରିମାନାର ବ୍ୟବସ୍ଥା ରହିଛି। ସେହିପରି ସେହି ଆଇନ ସହିତ ମାନହାନୀ, ଜାଲିଆତି, ଠକେଇ, ପ୍ରବଞ୍ଚନା ଆଦି ଦଫା ପାଇଁ ସଂପୃକ୍ତ ଅପରାଧୀଙ୍କ ବିରୋଧରେ ଆଇନର ଦଫା ୩୦୩, ୩୧୪, ୩୧୮ କାର୍ଯ୍ୟକାରୀ କରାଯାଇଥାଏ। ସୋସିଆଲ ମିଡ଼ିଆ ନିଶ୍ଚିନ୍ତ ଭାବେ ଆମ ସମସ୍ତଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଓ ଅତ୍ୟାବଶ୍ୟକ ସହଯୋଗୀ ପାଲଟିଛି କିନ୍ତୁ ଏଠାରେ ସୂଚିତ କରାଯାଇପାରେ କି ସୂଚନା ପ୍ରଯୁକ୍ତି ବିଦ୍ୟା ଆଇନର ରହିଥିବା ବ୍ୟବସ୍ଥା ଅନୁଯାୟୀ ଧାରା ୬୬ ଅନ୍ତର୍ଗତ କୌଣସି ଲୋକ ସାମାଜିକ ଗଣମାଧ୍ୟମରେ ଅପମାନ ସୂଚକ, ମାନହାନି ଭାବେ ଗ୍ରହଣ କରାଯାଉଥିବା ବା ବିଭ୍ରାନ୍ତିକର ତଥ୍ୟ ପୋଷ୍ଟ କଲେ ସର୍ବାଧିକ ତିନିବର୍ଷ ସଶ୍ରମ କାରାଦଣ୍ଡ ସହ ପାଞ୍ଚଲକ୍ଷ ଟଙ୍କା ଜୋରିମାନାର ଦଣ୍ଡ ପ୍ରାବଧାନ ରହିଛି। କେବଳ ସେତିକି ନୁହେଁ ଏହାର ଚାପ୍ଟର-୯ ଅନ୍ତର୍ଗତ ଧାରା ୪୩ ଅନୁଯାୟୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ ପାଇଁ ବ୍ୟବହୃତ କମ୍ପ୍ୟୁଟର ସମ୍ପୃକ୍ତ ମାଲିକର ବିନା ଅନୁମତିରେ ଦେଖିଲେ ବା ଡାଟା ଡାଉନଲୋଡ଼ କଲେ କିମ୍ବା ଡାଟା ହେରେଫେର କରି କୌଣସି ଭାଇରସକୁ ପ୍ରବେଶ କରାଇବା ପରି ଅଘଟଣ ଘଟାଇଲେ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥରାଶିର ଜୋରିମାନା ଦଣ୍ଡ ରହିଛି। କେବଳ ସେତିକି ନୁହେଁ ସାମାଜିକ ଗଣମାଧ୍ୟମର ଏହି ଅପମାନ ସୂଚକ ଦସ୍ତାବିଜ ବା ତଥ୍ୟକୁ କମ୍ପ୍ୟୁଟରରେ ଲୁଚାଇ ରଖିଲେ, ନଷ୍ଟ କଲେ କିମ୍ବା ଏହି କାର୍ଯ୍ୟପାଇଁ ସହାୟତା କରୁଥିଲେ ୬୬ ଧାରା ଅନୁଯାୟୀ ସାତ ବର୍ଷ ସଶ୍ରମ କାରାଦଣ୍ଡ ସହ ଦୁଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦଣ୍ଡ ବ୍ୟବସ୍ଥା ରହିଛି। ତେବେ ଜଣେ ଏହି କାର୍ଯ୍ୟ ବାରମ୍ବାର ଘଟାଉଥିଲେ ଧାରା ୬୬ (ଇ) ଅନୁଯାୟୀ ଛଅ ବର୍ଷ ଜେଲ ଦଣ୍ଡ ଓ ଜୋରିମାନା, ୬୬ (ସି) ଅନ୍ତର୍ଗତ ଅପବ୍ୟବହାର ହେଉ ବା ତଥ୍ୟ ସଂରକ୍ଷଣ କରି ରଖିବା ପାଇଁ ତିନିବର୍ଷ ଜେଲ ଦଣ୍ଡା ଓ ଜୋରିମାନା ବ୍ୟବସ୍ଥା ରହିଛି। ସେହିପରି ମିଛ ବା ଠକାମୀ ସୂଚକ ବିଜ୍ଞାପନ ପ୍ରସାରଣ କରୁଥିଲେ ଗ୍ରାହକ ଅଭିଯୋଗ କଲେ ୬୬ (ଡି) ଅନ୍ତର୍ଗତ ଅପରାଧ ପାଇଁ ତିନିବର୍ଷ ସଶ୍ରମ କାରାଦଣ୍ଡ ସହ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନାର ଦଣ୍ଡାଦେଶ ବ୍ୟବସ୍ଥା ରହିଛି। ଏଠାରେ ସୂଚିତ କରାଯାଇପାରେ ଯେ କିଛି ବର୍ଷ ତଳେ ମହାରାଷ୍ଟ୍ରରେ ଜନୈକ ରାଜନେତାଙ୍କ ମିଥ୍ୟା ମୃତ୍ୟୁ ଖବର ବିଭ୍ରାନ୍ତିକର ଭାବେ ଫେସବୁକରେ ପୋଷ୍ଟିଂ ହୋଇଥିଲା ପରିଣତି ସ୍ୱରୂପ ସହରରେ ଆତଙ୍କ ଜନିତ ପରିବେଶ ପାଇଁ ଶାନ୍ତି ଶୃଙ୍ଖଳା ନିୟନ୍ତ୍ରଣ ପାଇଁ କର୍ଫ୍ୟୁ ଜାରି କରାଯାଇଥିଲା। ତତ୍କାଳୀନ ମୁମ୍ବାଇ ପୋଲିସ ଫେସବୁକରେ ପୋଷ୍ଟ କରିଥିବା ଦୁଇଜଣଙ୍କ ବିରୁଦ୍ଧରେ ସୂଚନା ପ୍ରଯୁକ୍ତି ବିଦ୍ୟାଧାରା ୬୭ (କ) ଅନ୍ତର୍ଗତ ଏକ ମାମଲା ଦାୟର ହୋଇଥିଲା। ଏହି ମାମଲା ସର୍ବୋଚ୍ଚ ଅଦାଲତ ପର୍ଯ୍ୟନ୍ତ ଯାଇଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୫ରେ କେନ୍ଦ୍ର ସରକାର ବନାମ ଶ୍ରୀୟାସିଙ୍ଗଲ ମାମଲାରେ ଅଦାଲତ ସମ୍ବିଧାନ ପ୍ରଣୀତ ଏହି ଧାରା ବାକ୍ ସ୍ୱାଧୀନତାର ଖୋଲା ଉଲ୍ଲଂଘନ ବୋଲି ମତ ଦେବା ସହ ଏହା ଲକ୍ଷ୍ମଣରେଖା ଅତିକ୍ରମ କରିଛି ତେଣୁ ଏହା ବେଆଇନ ଓ ସାମ୍ବିଧାନିକ ନୁହଁ ବୋଲି ଘୋଷିତ କରିଥିଲେ। ଅନେକ ସମୟରେ ସର୍ବୋଚ୍ଚ ଅଦାଲତ ବିବାଦୀୟ ଓ ବିଭ୍ରାନ୍ତିକର ଫେସବୁକର ପୋଷ୍ଟ ହେଉ ବା ୟୁଟ୍ୟୁବର ତଥ୍ୟ ବିଚାର କରୁଥିଲେ ତୁରନ୍ତ ଏହି ସବୁ ପୋଷ୍ଟକୁ ୟୁଟ୍ୟୁବ, ଫେସବୁକ୍ ଓ ଗୁଗୁଲରୁ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥାନ୍ତି। ତେବେ ଏଠାରେ ଏକ ଛୋଟିଆ ସୂଚନା ରଖୁଛୁ ଜଣଙ୍କ ବିରୁଦ୍ଧରେ ଯଦି ସୋସିଆଲ ମିଡ଼ିଆରେ ବା ଇ-ମେଲରେ କୌଣସି ସମ୍ମାନହାନି ହେଉଥିବା ପରି ପୋଷ୍ଟ ଦେଖନ୍ତି ତେବେ ପ୍ରମାଣ ସ୍ୱରୂପ ଏହାର ସ୍କ୍ରିନସଟ ସଂଗ୍ରହ କରିନିଅନ୍ତୁ। ପରବର୍ତ୍ତୀ ସମୟରେ ଆପଣଙ୍କ ଆବେଦନ ବା ମାମଲାର ଏହା ଏକ ନିର୍ଭର ଯୋଗ୍ୟ ଓ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଭାବେ ଉପଯୋଗ ହୋଇପାରିବ। ଏତଦ୍ ବ୍ୟତୀତ ଅପରାଧୀଙ୍କ ବିରୁଦ୍ଧରେ ଆଇନଗତ ସହାୟତା ନେଇ ସ୍ଥାନୀୟ ପୋଲିସ ପାଖରେ ଆପଣ ନିଜ ଅଭିଯୋଗ ରଖିପାରିବେ। ଜଣଙ୍କର ସର୍ବସାଧାରଣରେ ସମ୍ମାନ ହାନି ହେଉ ବା ଅପମାନ ଅନୁଭବ କରନ୍ତୁ ନିଜ ସାମ୍ବିଧାନିକ ହକ୍ ଓ ଅଧିକାର ସ୍ୱାଭିମାନର ସୁରକ୍ଷା ନିମିତ୍ତ ଆପଣ ନିଜର ଓକିଲ ପରାମର୍ଶ କରି କାର୍ଯ୍ୟାନୁଷ୍ଠାନ ପାଇଁ ଆବେଦନ କରିପାରିବେ।

ମୋ- ୯୪୩୭୦୦୪୪୬୬

# ଗୁପ୍ତ ରଣନୀତି !

**କିଶୋର ଚନ୍ଦ୍ର ବେହେରା**

"ଓଡ଼ିଶା ବିଧାନସଭାର ସଦସ୍ୟ ସଂଖ୍ୟା ୧୪୭ । ତେଣୁ ଜଣେ ପ୍ରାର୍ଥୀଙ୍କୁ ଜିତିବା ଲାଗି ପ୍ରାୟ ୩୦ ଖଣ୍ଡ ଭୋଟର ଆବଶ୍ୟକତା ପଡ଼ିବ। ଓଡ଼ିଶାର ଖାଲି ହେବାକୁ ଥିବା ୪ଟି ଆସନକୁ ନେଇ ଏହି ହିସାବ କରାଯାଇଛି । ପ୍ରତି ଭୋଟରଙ୍କ ପ୍ରଥମ ପସନ୍ଦ ଭୋଟ ଯାହାକୁ ଯାଇଥିବ ସେ ହିଁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ । ଏହି ଗଣିତ ମୂଲ୍ୟାଙ୍କନ ଦୃଷ୍ଟିରେ ବିଜେପିର ୬୦ ଜଣ ସଦସ୍ୟ ସେମାନଙ୍କ ପ୍ରଥମ ଭୋଟରେ ୨ ଜଣ ପ୍ରାର୍ଥୀଙ୍କୁ ସହଜରେ ଜିତାଇ ପାରିବେ । ସେହିପରି ସଂଖ୍ୟା ଦୃଷ୍ଟିରୁ ଗୋଟିଏ ଆସନରେ ବିଜେଡି ମଧ ସହଜରେ ଜିତିପାରିବ । ହେଲେ ଚତୁର୍ଥ ଆସନ ଲାଗି କୌଣସି ଦଳର ସଂଖ୍ୟା ହେବନାହିଁ ।

ରାଜ୍ୟ ପରିଷଦ, ଆମର ସମ୍ମାନନୀୟ ରାଜ୍ୟସଭା, ଆମ ସଂସଦୀୟ ଗଣତନ୍ତ୍ରର ପ୍ରତିଷ୍ଠିତ ଉଚ୍ଚ ସଦନ, ପୁରୁଣା ସଭା ଭାବେ ମର୍ଯ୍ୟାଦାଜନକ ଭାବରେ ଠିଆ ହୋଇଛି। ଭାରତର ସଂଘୀୟ ସ୍ଥାପତ୍ୟର ସର୍ବୋତ୍ତମ ପ୍ରତିଷ୍ଠାନ ଭାବରେ, ଏହି ସମ୍ମାନନୀୟ ସଂସ୍ଥା ବ୍ୟାପକ ପ୍ରତିନିଧିତ୍ୱ, ଶାସନରେ ସନ୍ତୁଳନ ଏବଂ ଚିନ୍ତନଶୀଳ ବୁଦ୍ଧିମତ୍ତା ସୁନିଶ୍ଚିତ କରେ। ରାଜ୍ୟସଭା ଏକ ବିଶିଷ୍ଟ ମଞ୍ଚ ଭାବରେ ସ୍ଥାୟୀ ଯେଉଁଠାରେ ପ୍ରାଦେଶିକ ଦୃଷ୍ଟିକୋଣ ଏବଂ ବିଶେଷଜ୍ଞମାନେ ଆମର ଜାତୀୟ ପଥକୁ ସମୃଦ୍ଧ କରିବା ପାଇଁ ଏକାଠି ହୁଅନ୍ତି। ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥାରେ ରାଜ୍ୟସଭା ବେଶ୍ ଗୁରୁତ୍ୱ ବହନ କରେ। ପରୋକ୍ଷ ନିର୍ବାଚନ ପ୍ରକ୍ରିୟାରେ ବିଧାୟକମାନେ ଏଠାକୁ ପ୍ରତିନିଧି ନିର୍ବାଚିତ କରନ୍ତି । ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଇ ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା ପରିଲକ୍ଷିତ ହେବାକୁ ଯାଉଥିବା ବେଳେ ଓଡ଼ିଶାରେ ରାଜ୍ୟ ସଭା ସାଂସଦ ନିର୍ବାଚନକୁ ନେଇ ବେଶ୍ ସରଗରମ। ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ଦଳର ନେତୃବୃନ୍ଦ ଓ ନେତାମାନଙ୍କ ହୃଦ ସ୍ପନ୍ଦନ ସେତିକି ବୃଦ୍ଧି ପାଇବାରେ ଲାଗିଛି। ୧୦ ରାଜ୍ୟର ୩୭ ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବାକୁ ଥିବାବେଳେ ଓଡ଼ିଶାର ୪ ଆସନ ପାଇଁ ହେବ ନିର୍ବାଚନ । ଖାଲି ହୋଇଥିବା ଓଡ଼ିଶାର ୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବ। କାରଣ ସଦସ୍ୟା ମମତା ମହନ୍ତ, ସୁଜିତ କୁମାର , ମୁଜିବୁଲ୍ଲାଖାନ ଏବଂ ନିରଞ୍ଜନ ବିଶିଙ୍କ କାର୍ଯ୍ୟକାଳ ଆସନ୍ତା ୨୦୨୬ ଏପ୍ରିଲ ମାସ ୨ ତାରିଖରେ ଶେଷ ହେବାକୁ ଯାଉଛି। ରାଜ୍ୟସଭା ନିର୍ବାଚନ ପାଇଁ ବିଜେଡି ପକ୍ଷରୁ ସଂତୃପ୍ତ ମିଶ୍ର ପ୍ରାର୍ଥୀ ହୋଇଥିବା ବେଳେ, ବିଜେପି ତରଫରୁ ରାଜ୍ୟ ସଭାପତି ମନମୋହନ ସାମଲ ଓ ସୁଜିତ୍ କୁମାର ରାଜ୍ୟସଭା ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି। ଚତୁର୍ଥ ଆସନ ପାଇଁ ବିଜେଡି ପକ୍ଷରୁ ସର୍ବସାଧାରଣ ପ୍ରାର୍ଥୀ ଭାବେ ଡାକ୍ତର ଦତ୍ତେଶ୍ୱର ହୋତା ପ୍ରାର୍ଥୀପତ୍ର କାଏମ ରହିଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ପୂର୍ବତନ ସାଂସଦ, ମନ୍ତ୍ରୀ ଓ ବିଶିଷ୍ଟ ଶିଳ୍ପପତି ଦିଲ୍ଲୀପ୍ ରାୟ । ଡାକ୍ତର ଦତ୍ତେଶ୍ୱର ହୋତା ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଥିଲେ । ୟୁରୋଲୋଜି କ୍ଷେତ୍ରରେ ତାଙ୍କର ୪୦ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି। କଟକ ଏସସିବି ମେଡିକାଲର ୟୁରୋଲୋଜି ବିଭାଗର ସେ ମୁଖ୍ୟ ଥିଲେ। ଡକ୍ଟର ଦତ୍ତେଶ୍ୱର ହୋତା ୧୯୮୩ ଏବଂ ୧୯୮୬ ମସିହାରେ କଟକର ଏସସିବି ମେଡିକାଲ କଲେଜରୁ ଏମବିଏସ୍ ଏବଂ ଜେନେରାଲ ସର୍ଜରୀରେ ଏମଏସ୍ ସହିତ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ସେ ୧୯୯୪ ମସିହାରେ ଚଣ୍ଡିଗଡ଼ର ପିଜିଆଇଏମଇଆରରୁ ୟୁରୋଲୋଜିରେ ଏମସିଚି ମଧ ସମାପ୍ତ କରିଥିଲେ। ସେ ୟୁରୋଲୋଜି ବିଭାଗ ଅଧୀନରେ ଗବେଷଣା କାର୍ଯ୍ୟ ଏବଂ ବିଭିନ୍ନ କର୍ମଶାଳାରେ ମଧ ଅଂଶଗ୍ରହଣ କରିଛନ୍ତି । ଜଟିଳ ଅସ୍ତ୍ରୋପଚାର କ୍ଷେତ୍ରରେ ଅନେକ ସଫଳତା ହାସଲ କରିଛନ୍ତି, ଡାକ୍ତର ଦତ୍ତେଶ୍ୱର ହୋତା । ସେ ଦୁଇଶହରୁ ଅଧିକ କିଡନୀ ପ୍ରତିରୋପଣ କରିସାରିଛନ୍ତି । କାଡାଭରିକ ଅଙ୍ଗ ପ୍ରତିରୋପଣ ପ୍ରକ୍ରିୟା ଆରମ୍ଭ କରାଇବାରେ ମଧ ଦତ୍ତେଶ୍ୱରଙ୍କର ଉଲ୍ଲେଖନୀୟ ଭୂମିକା ରହିଛି । ୨୦୧୭ ମସିହାରେ ଦ୍ୱିତୀୟ ଓଡ଼ିଆ ଭାବେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦିଆଯାଉଥିବା ସବୁଠାରୁ ବଡ଼ ସମ୍ମାନ ଡାକ୍ତର. ବି.ସି. ରାୟ ଉପାଧି ଲାଭ କରିଛନ୍ତି । ସେହିପରି ସୋସାଇଟି ଅଫ୍ ଇଣ୍ଡିଆ ସ୍ୱର୍ଣ୍ଣ ପଦକ ଓ ରାଷ୍ଟ୍ରପତିଙ୍କ ସ୍ୱର୍ଣ୍ଣ ପଦକରେ ମଧ ଦତ୍ତେଶ୍ୱର ଭୂଷିତ ହୋଇଛନ୍ତି । ସେହିପରି ଦତ୍ତେଶ୍ୱର ହୋତା ଜଣେ ଭଲ କଣ୍ଠଶିଳ୍ପୀ । ସେ ବିଭିନ୍ନ ପ୍ରଡକ୍ସନ୍ ହାଉସରେ ଅନେକ ଭଜନରେ କଣ୍ଠଦାନ ମଧ କରିଛନ୍ତି । ଦିଲ୍ଲୀପ କୁମାର ରାୟ ଜଣେ ଓଡ଼ିଆ ରାଜନୀତିଜ୍ଞ । ସେ ଓଡ଼ିଶା ରାଜନୀତିରେ ବିଜୁ ଜନତା ଦଳର କର୍ମକର୍ତ୍ତା



ଭାବରେ କାର୍ଯ୍ୟ କରିଛନ୍ତି । ସେ ଓଡ଼ିଶା ବିଧାନ ସଭାରେ ଜଣେ ବିଧାୟକ ଭାବରେ ତିନିଥର ଏବଂ ରାଜ୍ୟ ସଭାର ସାଂସଦ ଭାବରେ ଥରେ କାର୍ଯ୍ୟ କରିଛନ୍ତି । ୧୯୮୫, ୧୯୯୦ ଓ ୨୦୧୪ ମସିହାରେ ହୋଇଥିବା ଓଡ଼ିଶା ବିଧାନ ସଭା ନିର୍ବାଚନରେ ସେ ରାଉରକେଲା ବିଧାନ ସଭା ନିର୍ବାଚନ ମଣ୍ଡଳୀରୁ ଯଥାକ୍ରମେ ୯ମ, ୧୦ମ ଓ ୧୫ଶ ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ୧୯୯୬ ମସିହାରୁ ୨୦୦୨ ପର୍ଯ୍ୟନ୍ତ ସେ ରାଜ୍ୟସଭାର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ । ୧୯୯୯ ମସିହାରେ ଦିଲ୍ଲୀପ ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ କେନ୍ଦ୍ରମନ୍ତ୍ରୀ ଥିବାବେଳେ ଝାଡଖଣ୍ଡ କୋଇଲା ବ୍ଲକର ଆବଣ୍ଟନରେ ଅନିୟମିତତା ହୋଇଥିବା ନେଇ ତାଙ୍କ ନାଁରେ ଅଭିଯୋଗ ହୋଇଥିଲା, ଯେଉଁଥିରେ ତାଙ୍କୁ ୨୦୨୦ ମସିହାରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ରାଜ୍ୟସଭା ନିର୍ବାଚନ ପସନ୍ଦଯୋଗ୍ୟ ଭୋଟଦାନ ଆଧାରରେ କରାଯାଇଥାଏ । ରାଜ୍ୟସଭା ନିର୍ବାଚନରେ କେବଳ ବିଧାନସଭାର ସଦସ୍ୟମାନେ ଭୋଟ୍ ଦେଇଥାଆନ୍ତି । ଓଡ଼ିଶା ବିଧାନସଭାର ସଦସ୍ୟ ସଂଖ୍ୟା ୧୪୭ । ତେଣୁ ଜଣେ ପ୍ରାର୍ଥୀଙ୍କୁ ଜିତିବା ଲାଗି ପ୍ରାୟ ୩୦ ଖଣ୍ଡ ଭୋଟର ଆବଶ୍ୟକତା ପଡ଼ିବ । ଓଡ଼ିଶାର ଖାଲି ହେବାକୁ ଥିବା ୪ଟି ଆସନକୁ ନେଇ ଏହି ହିସାବ କରାଯାଇଛି । ପ୍ରତି ଭୋଟରଙ୍କ ପ୍ରଥମ ପସନ୍ଦ ଭୋଟ ଯାହାକୁ ଯାଇଥିବ ସେ ହିଁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ । ଏହି ଗଣିତ ମୂଲ୍ୟାଙ୍କନ ଦୃଷ୍ଟିରେ ବିଜେପିର ୬୦ ଜଣ ସଦସ୍ୟ ସେମାନଙ୍କ ପ୍ରଥମ ଭୋଟରେ ୨ ଜଣ ପ୍ରାର୍ଥୀଙ୍କୁ ସହଜରେ ଜିତାଇ ପାରିବେ । ସେହିପରି ସଂଖ୍ୟା ଦୃଷ୍ଟିରୁ ଗୋଟିଏ ଆସନରେ ବିଜେଡି ମଧ ସହଜରେ ଜିତିପାରିବ । ହେଲେ ଚତୁର୍ଥ ଆସନ ଲାଗି କୌଣସି ଦଳର ସଂଖ୍ୟା ହେବନାହିଁ । ଏହି ଆସନ ସକାଶେ ବିଜେପି ସପକ୍ଷରେ ୨୧ ଏବଂ ବିଜେଡି ସପକ୍ଷରେ ୧୮ ଖଣ୍ଡ ଭୋଟ୍ ରହିବ । ଯଦି ଉଭୟ ଦଳର ସମସ୍ତ ସଦସ୍ୟ ଭୋଟ ଦେବା ଲାଗି ଆସନ୍ତି, ତେବେ ଏ କ୍ଷେତ୍ରରେ କଂଗ୍ରେସ ପାଖରେ ୧୪, ଦୁଇ ସ୍ୱାଧୀନ ଓ ଗୋଟିଏ ସିପିଏମ୍ ସଦସ୍ୟଙ୍କ ଭୋଟ ବହୁ ଗୁରୁତ୍ୱ ବହନ କରିବ। ଗୋଟିଏ ପଟେ ରାଜ୍ୟସଭା ଚତୁର୍ଥ ଆସନକୁ ନେଇ ସରଗରମ ଚର୍ଚ୍ଚା ହେଉଥିବା ବେଳେ, ଅନ୍ୟପଟେ ଦଳ ଭିତରେ ବି ଚାଲିଛି ଛକାପଞ୍ଝା । ପାର୍ଟି ହାଇକମାଣ୍ଡଙ୍କ ଶୁଭଦୃଷ୍ଟି କାହା ଉପରେ ପଡ଼ିବ ଏବଂ କିଏ ଆସନ ହାତେଇବ, ତାକୁ ନେଇ ଚାଲିଛି ରୀତିମତ କସରତ । ନିଜର ସମର୍ଥକଙ୍କ ସହ ଲବିରେ ମାତିଛନ୍ତି ସମସ୍ତ ଆଶାୟୀ । ରାଜ୍ୟସଭା ନିର୍ବାଚନକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି । ଶାସକ ଓ ବିରୋଧୀ ଦଳ ମଧ୍ୟରେ ବୟାନବାଜି ସହ ଛକାପଞ୍ଝା ଚାଲିଛି। ବିଶେଷ କରି ବିଜେଡି ଭିତରେ ଉଭୟ ପ୍ରାର୍ଥୀଙ୍କୁ ନେଇ ଅସନ୍ତୋଷ ଥିବାରୁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ସ୍ଥିତି ବିଗୁଡୁଥିବା ଦେଖି ୧୩ ରୁ ୧୬ ତାରିଖ ପର୍ଯ୍ୟନ୍ତ ବିଧାୟକମାନେ ଭୁବନେଶ୍ୱର ନ ଛାଡ଼ିବାକୁ ଦଳ ପକ୍ଷରୁ ହ୍ୱିପ୍ ଜାରି କରାଯାଇଛି। ଏପଟେ ଦିଲ୍ଲୀପ ରାୟଙ୍କ ବିଜୟ ନେଇ ବିଜେପି ନିଶ୍ଚିତ ଅଛି। ବିଜେଡିରେ ଏତେ ମାତ୍ରାରେ ଅସ୍ଥିରତା ଦେଖାଦେବାର କାରଣ ହେଉଛି ଦଳରେ ପ୍ରାର୍ଥୀ ଚୟନ। ଜିତିବା ପାଇଁ ଦଳୀୟ ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କର ପାଖରେ ସଂଖ୍ୟା ଅଛି। କିନ୍ତୁ ତାଙ୍କ ପ୍ରାର୍ଥିତ୍ୱକୁ ନେଇ ଦଳ ଭିତରେ ଅସନ୍ତୋଷ ଦେଖାଦେଇଛି। ବିଜେଡିରେ ସାମିଲ ହେବାର କମ୍ ଦିନ ଭିତରେ ତାଙ୍କୁ ଅତ୍ୟଧିକ ପ୍ରାଧାନ୍ୟ ମିଳୁଥିବାରୁ ତାହାକୁ ବରିଷ୍ଠ ନେତାମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ସେଥି ପାଇଁ ବିଧାୟକମାନଙ୍କୁ ମନାଇବା ନିମନ୍ତେ ଦଳର ସଭାପତିଙ୍କୁ ବେଶ୍ କସରତ କରିବାକୁ ପଡୁଛି। ନବୀନ ନିବାସରେ ପ୍ରତିଦିନ ବିଧାୟକମାନଙ୍କୁ ଡାକି ନିଜେ ଦଳର ସଭାପତି କଥା ହେଉଛନ୍ତି । ସଂତୃପ୍ତ ମିଶ୍ର ଓ ସ୍ୱାଧୀନ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତା ବିଧାୟକମାନଙ୍କୁ ବ୍ୟକ୍ତିଗତ ଭାବେ ଭେଟି ସମର୍ଥନ ଲୋଡୁଛନ୍ତି। କଂଗ୍ରେସ ବିଧାୟକମାନଙ୍କୁ ଏକାଠି ରଖିବାକୁ ପିସିସି ସଭାପତି ବେଶ୍ କସରତ କରୁଛନ୍ତି। ବିଧାୟକମାନଙ୍କର ଘନ ଘନ ବୈଠକ ଡାକି ଆଲୋଚନା କରୁଛନ୍ତି। ରାତ୍ରିଭୋଜନରେ ବି ଏକାଠି ହେଉଛନ୍ତି। କିନ୍ତୁ ଗୋଟିଏ ଜାଗାରେ ସବୁ ବିଧାୟକଙ୍କୁ ଏକାଠି କରିବାରେ ସଭାପତି ଏଯାଏଁ ସଫଳ ହୋଇନାହାନ୍ତି। ତଥାପି ସମସ୍ତେ ଦଳୀୟ ନିଷ୍ପତ୍ତି ମାନିବେ ବୋଲି ନେତାମାନେ ଜୋର୍ ଦେଉଛନ୍ତି। ବିଜେପିର ଦୁଇ ଦଳୀୟ ପ୍ରାର୍ଥୀ ଜିତିବା ନେଇ ନିଶ୍ଚିତ ଅଛନ୍ତି। ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ପାଇଁ ଗୁପ୍ତ ରଣନୀତି ଜାରି ରହିଛି। ଖୋଲାଖୋଲି ଭାବେ ଦିଲ୍ଲୀପ କୌଣସି ବିଧାୟକଙ୍କୁ ଭେଟିଥିବା ଖବର ଏଯାଏଁ ଆସି ନାହିଁ। କିନ୍ତୁ ଦିଲ୍ଲୀପଙ୍କ ପାଇଁ ସଂଖ୍ୟା ଯୋଗାଡ଼ କରିବାରେ ବିଜେପି ପୂରା ଦମ୍‌ରେ ଉଦ୍ୟମ ଚଳାଇଛି। ନିର୍ବାଚନ ଆୟୁକ୍ତ ରାଜ୍ୟସଭା ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ଓଡ଼ିଶାବାସୀ ଅପେକ୍ଷା କରିଛନ୍ତି ୧୬ତାରିଖକୁ ନାଟକର ଶେଷ ଦୃଶ୍ୟ ଦେଖିବାକୁ।

ମୋ-୯୪୩୭୯୫୫୫୬୮

# ରୋଷେଇ ଘରେ ବିପ୍ଳବ

**ମନସିଜ୍ ଦାସ**

"ଆମେ ଜାଣିଛେ ଭାରତ ହେଉଛି ବିଶ୍ୱର ତୃତୀୟ ତେଲ ଆମଦାନି କାରୀ ଦେଶ। ଭାରତରେ ଚାହିଦା ଠାରୁ ଖୁବ୍ କମ ପରିମାଣର ତେଲ ଉତ୍ପାଦନ ହୋଇଥାଏ। ବର୍ତ୍ତମାନ ଭାରତ ତାହାର ପ୍ରାୟ ୮୭% କଚା ତେଲ ବିଦେଶରୁ ଆମଦାନି କରିଥାଏ। ଦେଶର ଜିଡ଼ିପିର ୪ରୁ ୫% ଅର୍ଥନୀତିର ଭାଗିଦାର ରହୁଥିବା ଏହି ଆମଦାନି ପାଇଁ ଆମ ଦେଶ ବର୍ଷକୁ ୧୫୦ରୁ ୨୦୦ ବିଲିୟନ ଡଲାର ମୁଦ୍ରା ଖର୍ଚ୍ଚ କରିଥାଏ। ତେଲ ବ୍ୟବହାରର ବଡ଼ ରାଜସ୍ୱ ପରିବହନ ଖାତାରୁ ଆସିଥାଏ। ଭାରତରେ ବ୍ୟବହୃତ ପେଟ୍ରୋଲ ଓ ଡିଜେଲର ପ୍ରାୟ ୩୫-୪୦% ରାସ୍ତା ଯାନବାହନ ଉପଭୋଗ କରେ।

ବର୍ଷ ବର୍ଷ ଧରି ବିଶେଷକରି ଭାରତର ଛୋଟବଡ଼ ସହରାଞ୍ଚଳରେ ଯେଉଁ ସମୟରେ ରୋଷେଇଘରେ ଜାଳେଣି କାଠ ଓ କୋଇଲାକୁ ଠେଲି ବ୍ୟାପକ ଭାବରେ ଇନ୍ଧନର ସ୍ଥାନ ନେଲା ରନ୍ଧନ ଗ୍ୟାସ ବା ଲିକୁଫାଏଡ଼ ପେଟ୍ରୋଲିୟମ ଗ୍ୟାସ ବା ଏଲପିଜି। ସେ ସମୟରେ ଗ୍ୟାସ ବିକ୍ରୟ କରୁଥିବା କମ୍ପାନୀମାନେ ଏହି ଧୂଆଁ ନଥିବା ଇନ୍ଧନର ଅଶେଷ ସ୍ଲୋଗାନ ଦ୍ୱାରା ଗ୍ରାହକଙ୍କ ପାଖରେ ପହଞ୍ଚି ପାରୁଥିଲେ। କହିବାକୁଗଲେ ସେ ସମୟରେ ଥିଲା 'ରୋଷେଇ ଘରେ ବିପ୍ଳବ'। ବର୍ତ୍ତମାନର ସମୟକୁ ଦେଖିଲେ ମହିଳାମାନେ କାଠ ଧୂଆଁ, କୋଇଲାର ଯନ୍ତ୍ରଣାରୁ ମୁକ୍ତି ପାଇ ଏହି ଇନ୍ଧନକୁ ଗ୍ରାମାଞ୍ଚଳର ମହିଳାମାନେ ଏକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଭାବେ ଗ୍ରହଣ କଲେଣି। ତେବେ ଆମମାନଙ୍କ ଭିତରୁ ଅଧିକାଂଶ ଜାଣିନଥିବେ ଯେ ଅପରିହାର୍ଯ୍ୟ ହୋଇପଡ଼ିଥିବା ଏହି 'ରୋଷେଇ ଘରର ବିପ୍ଳବକାରୀ' ଟିକୁ ପାଇବା ପାଇଁ ଆମେ ବିଦେଶରୁ ଆମଦାନି ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ। ମଧ୍ୟପ୍ରାଚ୍ୟରେ ସଂଘଟିତ ଭୟଙ୍କର ଯୁଦ୍ଧ ଭିତରେ ଭାରତରେ ତେଲ, ଘରୋଇ ଗ୍ୟାସ ଓ ଲୁବ୍ରିକାଣ୍ଟକୁ ନେଇ ଭାଳେଣି ପଡ଼ିଗଲାଣି। ପ୍ରତିଦିନ ଭାରତର ରାସ୍ତାରେ ଲକ୍ଷ ଲକ୍ଷ ଯାନବାହନ ଚାଲୁଛି। ଆମେ ଦେଖୁଛୁ ମଫସଲ ଠାରୁ ସହର ଫାଙ୍କା ରାସ୍ତା ହେଉ ବା ଭିଡ଼, ଦୁଇ ଚକିଆ ଠାରୁ ତିନିଚକିଆ, କାର ଠାରୁ ହାଇୱା ଏବଂ ଦେଶର ଭିତ୍ତିଭୂମି, ଯୋଗାଯୋଗ ଓ ଅଭିବୃଦ୍ଧିକୁ ଆଗେଇ ନେଉଥିବା ଟ୍ରକ। ଏସବୁ ଭିତରୁ ଅଧିକାଂଶ ପେଟ୍ରୋଲ ବା ଡିଜେଲ ଦ୍ୱାରା ପରିଚାଳିତ। ଥରେ ଚିନ୍ତା କରି ଦେଖନ୍ତୁ, ଯଦି ଭାରତର ସମସ୍ତ ଯାନବାହନ ଇଲେକ୍ଟ୍ରିକ ହୋଇଯାଏ ତେବେ କ'ଣ ହେବ ? କେହି କେହି ଏହାକୁ ଧୂଆଁ ମିଶା ଭାଷଣ କହିପାରନ୍ତି କିନ୍ତୁ ଏହା ନିଃସନ୍ଦେହ ଯେ ଏ ବ୍ୟବସ୍ଥାଟି ଭାରତର ଅର୍ଥନୀତି, ଉର୍ଜ୍ଜା ସୁରକ୍ଷା ଓ ପରିବେଶର ଭବିଷ୍ୟତକୁ ଆମୂଳ ଚୂଳ ଓଲଟ ପାଲଟ କରିଦେଇପାରେ।

ଆମେ ଜାଣିଛେ ଭାରତ ହେଉଛି ବିଶ୍ୱର ତୃତୀୟ ତେଲ ଆମଦାନିକାରୀ ଦେଶ। ଭାରତରେ ଚାହିଦା ଠାରୁ ଖୁବ୍ କମ ପରିମାଣର ତେଲ ଉତ୍ପାଦନ ହୋଇଥାଏ। ବର୍ତ୍ତମାନ ଭାରତ ତାହାର ପ୍ରାୟ ୮୭% କଚା ତେଲ ବିଦେଶରୁ ଆମଦାନି କରିଥାଏ। ଦେଶର ଜିଡ଼ିପିର ୪ରୁ ୫% ଅର୍ଥନୀତିର ଭାଗିଦାର ରହୁଥିବା ଏହି ଆମଦାନି ପାଇଁ ଆମ ଦେଶ ବର୍ଷକୁ ୧୫୦ରୁ ୨୦୦ ବିଲିୟନ ଡଲାର ମୁଦ୍ରା ଖର୍ଚ୍ଚ କରିଥାଏ। ତେଲ ବ୍ୟବହାରର ବଡ଼ ରାଜସ୍ୱ ପରିବହନ ଖାତାରୁ ଆସିଥାଏ। ଭାରତରେ ବ୍ୟବହୃତ ପେଟ୍ରୋଲ ଓ ଡିଜେଲର ପ୍ରାୟ ୩୫-୪୦% ରାସ୍ତା ଯାନବାହନ ଉପଭୋଗ କରେ। ଏହି କ୍ଷେତ୍ରରେ ହିଁ ଆମେ ଆଜିର ଆଲୋଚନାଟି ରଖୁଛୁ। ଯଦି ଯାନବାହନ ଗୁଡ଼ିକ ଧୀରେ ଧୀରେ ଇଲେକ୍ଟ୍ରିକ ଯୁକ୍ତ ହୋଇଯାଆନ୍ତି ତେବେ ଭାରତର ତୈଳ ଆମଦାନିର ଚାପଗ୍ରସ୍ତ ବଡ଼ ଅଂଶଟି କମିଯିବ। ଏହାର ସୁଯୋଗରେ ଦେଶର ବିଦେଶୀ ମୁଦ୍ରା ସଞ୍ଚୟ ହୋଇପାରିବା ସହ ଆମ ଅର୍ଥନୀତିକୁ ଅଭିବୃଦ୍ଧି ସମ୍ପନ୍ନ କରିବା ପାଇଁ ଏକା ଏକ ବଡ଼ ସ୍ୱାସ୍ଥ୍ୟକର ପରିବର୍ତ୍ତନର ସହାୟକ ହେବ। ବର୍ତ୍ତମାନ ରନ୍ଧନ ଗ୍ୟାସ ଟିକକ ପାଇବା ପାଇଁ ଯେଉଁପରି ନାହିଁ ନଥିବା ଅସମ୍ଭବ ପରିସ୍ଥିତି ସୃଷ୍ଟି ହେଉଛି ଏହାକୁ ଦେଖିଲେ ଏହା ନିଃସନ୍ଦେହ ଯେ, ଆମ ରୋଷେଇ ଘର ମାନଙ୍କରେ ଗ୍ୟାସ ଚୁଲା ଜାଗାରେ ତାର ସ୍ଥାନ ନେବ ଇଲେକ୍ଟ୍ରିକ ଚୁଲା। ଏଥିପାଇଁ ଲୋଡ଼ା ପଡୁଥିବା ବିଦ୍ୟୁତ ଶକ୍ତି ସୌର, କିମ୍ବା ବାୟୁ ଚାଳିତ ବିଦ୍ୟୁତ ଉତ୍ପାଦନସ୍ଥଳୀ ବା ଜଳ ବିଦ୍ୟୁତ ଓ କୋଇଲା ଚାଳିତ ବିଦ୍ୟୁତ ଉତ୍ପାଦନ କେନ୍ଦ୍ରମାନଙ୍କ ଠାରୁ। ଏଠାରେ ସୂଚିତ କରିପାରୁ ଯେ ଆମ ଦେଶର ବ୍ୟାପକ ଖଣି ମାନଙ୍କରେ ଯଥେଷ୍ଟ ପରିମାଣର କୋଇଲା ମହଜୁଦ ଅଛି। କେବଳ ସେତିକି ନୁହେଁ ଆମର ଏକ ବିଶାଳ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତା ଉପଲବ୍ଧ ବ୍ୟବସ୍ଥା



ରହିଛି। ଯାହାଦ୍ୱାରା ବିଦେଶୀ ଯୁଦ୍ଧ ହେଉ ବା ବଜାର ମୂଲ୍ୟ ଏପରିକି କୌଣସି ଆନ୍ତର୍ଜାତିକ ଭୂ-ରାଜନୈତିକ ଅସ୍ଥିରତା ରହିଲେ ମଧ୍ୟ ଆମ ଉପରେ ଏହାର ପ୍ରଭାବ ପଡ଼ିବ ନାହିଁ।

ଆମେ ଆଲୋଚନା କରୁଥିବା ସୌର ଇଲେକ୍ଟ୍ରିକ ଚୁଲାଟି ପାରମ୍ପରିକ ହିଟର ନୁହେଁ ବରଂ ଏହା ଏକ ସେରାମିକ ଆଧାର ଉପରେ ଅଳ୍ପ କ୍ଷଣ ଭିତରେ ତାତି ଯାଉଥିବା କଏଲ ସବୁ ଗୋଲ ହୋଇ ମୋଡ଼ି ହୋଇ ରହିଥାନ୍ତି। ଏବେ ବଜାରରେ ଇଣ୍ଡକ୍ସନ ଷ୍ଟୋଭର ଲୋକପ୍ରିୟତା ବଢ଼ିଲାଣି। ଏହି ଇଣ୍ଡକ୍ସନ ବ୍ୟବସ୍ଥାରେ ଏକ ବିଦ୍ୟୁତ ଚୁମ୍ବକୀୟ କ୍ଷେତ୍ର ଯାହାକୁ ଇଲେକ୍ଟ୍ରୋମ୍ୟାଗନେଟିକ ଫିଲଡ଼ କୁହାଯାଏ ସୃଷ୍ଟି ହୋଇଥାଏ ଯାହା ଷ୍ଟୋଭ ଉପରେ ଥୁଆ ହୋଇଥିବା ରୋଷେଇ ବାସନ ବା ପାତ୍ରର କାନ୍ଥରେ ବହୁ ସଂଖ୍ୟକ କ୍ଷୁଦ୍ର ବିଦ୍ୟୁତ ତରଙ୍ଗମାନ ସୃଷ୍ଟି କରିଥାଏ। ଏହି ଇଲେକ୍ଟ୍ରନ ପ୍ରଭାବ ପ୍ରତି ରୋଷେଇ ପାତ୍ର ଦ୍ୱାରା ସୃଷ୍ଟପ୍ରତିରୋଧ ଯୋଗୁଁ ତାହା ତତକ୍ଷଣାତ୍ ରନ୍ଧନ କରିଥାଏ। ଏହି ପ୍ରକ୍ରିୟାରେ ବିଦ୍ୟୁତଶକ୍ତି ଖୁବ କମ ବ୍ୟବହାର ହୋଇଥାଏ। ଗ୍ୟାସ ଷ୍ଟୋଭରେ ପ୍ରାୟ ୬୦ ଶତାଂଶ ଉତ୍ତାପ ନଷ୍ଟ ହେଉଥିବାବେଳେ ଇଣ୍ଡକ୍ସନ ଷ୍ଟୋଭ ପ୍ରାୟ ୯୦ ଶତାଂଶ ବିଦ୍ୟୁତ ଶକ୍ତିକୁ ଇନ୍ଧନରେ ବ୍ୟବହୃତ ଉତ୍ତାପରେ ପରିଣତ କରିଥାଏ। ତେବେ ଏସବୁ ଭିତରେ ଗୋଟିଏ ଛୋଟିଆ ସନ୍ଦେହ ମଧ୍ୟ ଉଠେ ଯାହାକି ସ୍ୱାଭାବିକ। ଆମେ ଆଲୋଚନା ରଖୁଥିବା ରୋଷେଇ ଘରେ ବିପ୍ଳବ ଯଦି ଏହି ବିଦ୍ୟୁତ ବିପ୍ଳବରୁ ଆରମ୍ଭ ହୁଏ ତେବେ ପରିପାର୍ଶ୍ୱିକ ଜଳବାୟୁର ଅସନ୍ତୁଳନ ଓ ପ୍ରଦୂଷଣ ବଢ଼ିପାରେ କିନ୍ତୁ ଆମ୍ଭେମାନେ ଯଦି ଯୋଜନା ମୁତାବକ ଏକ ଦୀର୍ଘ ମିଆଦୀ କାର୍ଯ୍ୟକ୍ରମ ହାତକୁ ନେଇ ବିଶେଷକରି ଅକ୍ଷୟ ଶକ୍ତି ଉତ୍ପାଦନରେ ଅଗ୍ରଗତି କରି ପାରିବା ତେବେ ଏ ସମସ୍ୟା ସୃଷ୍ଟି ହେବନାହିଁ। ଭାରତୀୟମାନଙ୍କର ଜୀବନ ଧାରଣର ମାନରେ ଏହି ବ୍ୟବସ୍ଥାଟି ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୋଇ ବିଶେଷକରି ଲୋକମାନଙ୍କୁ ବ୍ୟାପକ ଖର୍ଚ୍ଚାନ୍ତରୁ ରକ୍ଷା କରିପାରିବ। ବର୍ତ୍ତମାନ ସମୟରେ ପରିବେଶକୁ ନେଇ ଆମେ ଅନେକ ବିପର୍ଯ୍ୟୟ ଓ ଆହ୍ୱାନକୁ ସାମ୍ନା କରୁଛୁ। ଭାରତର ମୋଟ କାର୍ବନ ନିସ୍ତାରଣର ପ୍ରାୟ ୧୦ରୁ ୧୨% ପରିବହନ କ୍ଷେତ୍ରରୁ ଆସିଥାଏ। ବର୍ତ୍ତମାନ ଭାରତର ଛୋଟବଡ଼ ଅଧିକାଂଶ ସହରରେ ବାୟୁ ପ୍ରଦୂଷଣର ବଡ଼ କାରଣ ହେଉଛି ଯାନବାହନର ବିଷାକ୍ତ ଧୂଆଁ। ଇଲେକ୍ଟ୍ରି ଯାନବାହାନରୁ ଏହି ନିସ୍ତାରଣ ହୋଇନଥାଏ। ଯଦି ଭାରତର ୩୦ କୋଟିରୁ ଅଧିକ ଯାନବାହନର ବଡ଼ ଅଂଶ ଇଲେକ୍ଟ୍ରିକ ହୋଇଯାଏ ସହର ମାନଙ୍କରେ ବାୟୁ ଗୁଣବତ୍ତା ଦୃଶ୍ୟମାନ ଭାବରେ ଉନ୍ନତ ହେବ। ଟିକିଏ ଭଲ ଭାବେ ଚିନ୍ତା କରନ୍ତୁ ଏହାର ସୁଫଳ ଆମମାନଙ୍କୁ ଅନେକ ମିଳିବ। ସ୍ୱଚ୍ଛ ଓ ନୀରୋଗ ସ୍ୱାସ୍ଥ୍ୟ ଅନୁମୋଦିତ ପରିବେଶଟି ପାଇବା, ସ୍ୱାସ୍ଥ୍ୟ କ୍ଷେତ୍ରରେ ସୁଧାର ଆସିବ, ଚିକିତ୍ସା ବ୍ୟୟ ଖର୍ଚ୍ଚ କମିବ ଓ ଉତ୍ତମ ଜୀବନମାନ ଆମେ ନିର୍ବାହ କରିପାରିବା। ଏହି ଆଲୋଚନା ବେଳେ ଏକ ସ୍ୱାଭାବିକ ପ୍ରଶ୍ନ ଆସେ ଯେ ବିଦ୍ୟୁତ କେଉଁଠାରୁ ଆସିଥାଏ ? ଭାରତ ଏବେ ବିଶ୍ୱର ସବୁଠାରୁ ଦ୍ରୁତ ବିକାଶଶୀଳ ନବୀକରଣଶୀଳ ଉର୍ଜ୍ଜା ବଜାର ମାନଙ୍କ ମଧ୍ୟରେ ଗୋଟିଏ।

ଦେଶରେ ବର୍ତ୍ତମାନ ୧୮୦ଗିଗାୱାଟରୁ ଅଧିକ ନବୀକରଣଶୀଳ ଶକ୍ତିକ୍ଷମତା ସ୍ଥାପିତ ହୋଇଛି। ଯେଉଁଥିରେ ସୂର୍ଯ୍ୟ, ପବନ ଓ ଜଳ ବିଦ୍ୟୁତ ଅନ୍ତର୍ଭୁକ୍ତ। ଯଦି ଇଲେକ୍ଟ୍ରିକ ଯାନବାହନ ଓ ନବୀକରଣଶୀଳ ଶକ୍ତି ସାଥୀ ହୋଇ ଆଗକୁ ବଢ଼ନ୍ତେ ତେବେ ସମୟ ଆସିବ ଦିନେ ଆମ ମାନଙ୍କର ଯାନବାହନ ସୂର୍ଯ୍ୟ ଓ ପବନ ଶକ୍ତିରେ ଚାଲିପାରିବ। ଆଜି ଆମ ଦେଶର ବଡ଼ ରାଜସ୍ୱ ତୈଳ ଆମଦାନି, ବିଶୋଧନକରଣ, ଇନ୍ଧନ ବିତରଣ ବ୍ୟବସ୍ଥା ପାଇଁ ଖର୍ଚ୍ଚ ହେଉଛି। ତେବେ ଇଲେକ୍ଟ୍ରିକ ଯାନବାହନରେ ବ୍ୟାଟେରୀ ପ୍ରଯୁକ୍ତି ଓ ଉନ୍ନତ ଚାର୍ଜିଂ ଢ଼ାଞ୍ଚା ରହୁଥିବାରୁ ବିଦ୍ୟୁତ୍ ଗ୍ରୀଡ଼ ଆଧୁନିକୀକରଣ ଜରୁରୀ।

ଏହାଦ୍ୱାରା ଭାରତ ଏହାର ବଡ଼ ଆୟର ଭାଗ ଭବିଷ୍ୟତ ନିମିତ୍ତ ଉର୍ଜ୍ଜା ପ୍ରଯୁକ୍ତିର ନିବେଶ କରିପାରିବ। ଏହା କେବଳ ଉର୍ଜ୍ଜାର ପ୍ରସଙ୍ଗ ନୁହେଁ ନୂଆ ଶିଳ୍ପ ଗଢ଼ି ଉଠିବା ସହ ବ୍ୟାପକ କର୍ମ ସଂସ୍ଥାନର ସୁଯୋଗ ସୃଷ୍ଟି କରିପାରିବ। ଏହାର ବିକଶିତ କ୍ଷେତ୍ର ବ୍ୟାଟେରୀ ଉତ୍ପାଦନ, ଇଭି ଉପକରଣ ନିର୍ମାଣ, ଚାର୍ଜିଂ ନେଟୱାର୍କ, ସ୍ମାର୍ଟ ମୋବିଲିଟି ପ୍ରଯୁକ୍ତିକୁ ତ୍ୱରାନ୍ୱିତ କରିବ। ଭାରତକୁ ଏକ ଇଲେକ୍ଟ୍ରିକ ଯାନ ଶିଳ୍ପର ପ୍ରମୁଖ ହବ୍ ଭାବରେ ବିଶ୍ୱ ମାନଚିତ୍ରରେ ସ୍ଥାନିତ ହେବାର ସମ୍ଭାବନା ମଧ୍ୟ ରହିବ ନିଶ୍ଚୟ। କେହି କେହି ଇଲେକ୍ଟ୍ରିକ ଯାନର ବ୍ୟାପକ ବ୍ୟବହାରକୁ ଦିବା ସ୍ୱପ୍ନ କହିପାରନ୍ତି କିନ୍ତୁ ଏହା ତେଲ ଆମଦାନି ନିର୍ଭରତା ଉପରେ ନିୟନ୍ତ୍ରଣ ରଖିବା ସହ ଏକ ପ୍ରଦୂଷଣମୁକ୍ତ ସବୁଜ ପରିବେଶ ଆମେ ସୃଷ୍ଟି କରିପାରିବା ଏବଂ ଭାରତ ସୂର୍ଯ୍ୟ, ପବନ ଓ ବିଦ୍ୟୁତ୍ ଶକ୍ତିରେ ଏକ ଉନ୍ନତ ଅତ୍ୟାଧୁନିକ ପ୍ରଯୁକ୍ତି ସମ୍ପନ୍ନ ଭବିଷ୍ୟତ ଗଢ଼ିବାରେ ସମର୍ଥ୍ୟ ହେବ।

ଗୁରୁଗ୍ରାମ, ହରିୟାନା

# ନବରଙ୍ଗପୁର ଜିଲ୍ଲାରେ ତେଲ ଅଭାବ ପେଟ୍ରୋଲ ପମ୍ପ ଆଗରେ ଲୋକଙ୍କ ଭିଡ଼

ନବରଙ୍ଗପୁର, ୧୪ ।୩ (ନିପ୍ର): ନବରଙ୍ଗପୁର ଜିଲ୍ଲାରେ ତେଲ ଅଭାବ ଯୋଗୁଁ ପେଟ୍ରୋଲ ପମ୍ପ ଆଗରେ ଲୋକଙ୍କ ଭିଡ଼ ।ଇରାନ-ଆମେରିକା-ଇସ୍ରାଏଲ ଯୁଦ୍ଧର ପ୍ରଭାବ ସାରା ବିଶ୍ୱ ଉପରେ ପଡ଼ିବାରେ ଲାଗିଛି । ବିଶେଷ କରି ତେଲ ଓ ଗ୍ୟାସ ଯୋଗାଣ ବାଧାପ୍ରାପ୍ତି ହେବାରେ ଲାଗିଛି । ଏମିତି ସ୍ଥିତିରେ ନବରଙ୍ଗପୁର ଜିଲ୍ଲାରେ ମଧ ପେଟ୍ରୋଲ ଓ ଡିଜେଲ ଅଭାବ ଦେଖିବାକୁ ମିଳିଛି । ଫଳରେ ବିଭିନ୍ନ ପେଟ୍ରୋଲ ପମ୍ପରେ ଲୋକଙ୍କ ଭିଡ଼ ଦେଖିବାକୁ




ମିଳୁଛି ।ମିଳିଥିବା ସୂଚନା ଅନୁସାରେ ଇରାନ ଯୁଦ୍ଧ କାରଣରୁ ଏହି ଅଭାବ ସୃଷ୍ଟି ହୋଇଥିବା ଚାରିଆଡ଼େ ପ୍ରଚାରିତ ହୋଇଯିବା ପରେ ଗାଡି ଚାଳକଙ୍କ ମଧ୍ୟରେ ପେଟ୍ରୋଲ ଡିଜେଲ ନ ମିଳିବା ଆଶଙ୍କା ସୃଷ୍ଟି ହୋଇଛି । ଆଗକୁ ତେଲ ଯୋଗାଣ ଆହୁରି ଗମ୍ଭୀର ହେବା ନେଇ ଗୁଜବ ପରେ ଯେଉଁ ଟାଙ୍କିରେ ତେଲ ଅଛି, ସେଠାରେ ଶହ ଶହ ଗାଡି ଲମ୍ବା ଲାଇନ୍ ଲଗାଇଥିବା ଦେଖିବାକୁ ମିଳିଛି । ଖାଲି ଗାଡ଼ିରେ ନାହିଁ, ଜାରକିନ, ପାଣିବୋତଲରେ ମଧ ଲୋକମାନେ ତେଲ ନେଇ ଗଛିତ ରଖିବା ପାଇଁ ପ୍ରୟାସ ଜାରି ରଖିଛନ୍ତି ।

# ମତ୍ସ୍ୟଜୀବୀଙ୍କ ବହୁବିଧ ସମସ୍ୟା ନେଇ ଆଲୋଚନା

ରମ୍ଭା, ୧୪ ।୩ (ନିପ୍ର): ଅଲଣ୍ଡା ପାଟଣା (କୃଷ୍ଣପ୍ରସାଦ) ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀ ସମବାୟ ସମିତି ସମେତ ଗ୍ରାମବାସୀ ବିଭିନ୍ନ ସମସ୍ୟା ବିଷୟରେ ଚିଲିକା ମତ୍ସ୍ୟଜୀବୀ ନେତା ଭୀମସେନ ବେହେରାଙ୍କ ସହ ବହୁବିଧ ସମସ୍ୟା ଉପରେ ଆଲୋଚନା କରିଥିଲେ । ତନ୍ମଧ୍ୟରୁ ଅଣ ମତ୍ସ୍ୟଜୀବୀ ଅଲଣ୍ଡା ଓ ଯମୁନା ଗ୍ରାମବାସୀଙ୍କ ମତ୍ସ୍ୟ ଜାଣ, ସୈରାତ ଜବର ଦଖଲ ପ୍ରାୟ (ହଜାର ହଜାର ଏକର)ମୁକ୍ତ କରିବା, ଅନ୍ତ ନାଳି, ବାହ୍ୟ ନାଳୀ ମୁକ୍ତ ଓ ପଙ୍କ ଉଦ୍ଧାର, କଙ୍କଡାଗଡ଼ ଜାଣ ବାହଣ କ'ଓ ଖ,ସାଗଖିଆ କହୁଣିଆ ଓ ଅମୃତନିଧି ପ୍ରାୟ ୩୨୦୦ଏକର ମତ୍ସ୍ୟ ସୈରତ ଜାଣର ସୁରକ୍ଷା, ମଏସା ନାଳ ଠାରୁକାମ୍ପନ କଙ୍କଡାଗଡ଼ ଜାଣ ବାହଣ ଜୟମଙ୍ଗଳ ରାସ୍ତା ଦେଇ ଗଭୀର ଚିଲିକାକୁ ସଂଯୋଗ କରିବା, ବ୍ୟତୀତ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳ ଓ ସ୍ଥାୟୀ ପଟ୍ଟାପ୍ରମୁଖ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ଏଥିରେ ସମିତି ପରିଚାଳନା ପରିଷଦ ଓ ଗ୍ରାମ ମୁଖିଆ ଉପସ୍ଥିତ ରହିଥିଲେ । ଭୀମସେନ ବେହେରା ଉକ୍ତ ସମସ୍ୟାକୁ ମନ୍ତ୍ରୀ,ପ୍ରଶାସନକୁ,ମତ୍ସ୍ୟ ବିଭାଗର ସଚିବ, ମନ୍ତ୍ରୀ ସମେତ ମୁଖ୍ୟମନ୍ତ୍ରୀଙ୍କୁ ମଧ ଅବଗତ କରାଇବେ ବୋଲି ସଭା ସ୍ଥଳରେ ପ୍ରକାଶ କରିଥିଲେ ।

# 'ଓଡ଼ିଆ ଗୌରବ ୨୦୨୬' ସମ୍ମାନରେ ସମ୍ମାନିତ ହେବେ ବ୍ୟଙ୍ଗ କବି ରବୀନ୍ଦ୍ର

ନୟାଗଡ଼, ୧୪ ।୩ (ନିପ୍ର); ଓଡ଼ିଶାର ସର୍ବ ଜନାଦୃତ ସର୍ବ ପ୍ରଥମ ରାଜନୈତିକ ହାସ୍ୟ ବ୍ୟଙ୍ଗ କାର୍ଯ୍ୟକ୍ରମ ଦି ଗ୍ରେଟ ଓଡ଼ିଶା ପଲ୍ଟିକାଲ ସର୍କସର ଅଭିନେତା ତଥା ବ୍ୟଙ୍ଗ କବି ରବୀନ୍ଦ୍ର ରାଉତଙ୍କୁ ମଧ୍ୟପ୍ରଦେଶ ଇନ୍ଦୋରଠାରେ ଇନ୍ଦୋର ପ୍ରବାସୀ ଓଡ଼ିଆ ସମାଜ ଦ୍ୱାରା ଉତ୍କଳ ଦିବସ ଅବସରରେ 'ଓଡ଼ିଆ ଗୌରବ ୨୦୨୬' ସମ୍ମାନରେ ସମ୍ମାନିତ କରାଯିବ । ମେଡିକ୍ୟାପ୍ସ ବିଶ୍ୱ ବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ଉତ୍ସବରେ ଏପ୍ରିଲ ୫ ତାରିଖରେ ସମ୍ମାନିତ କରିବା ପାଇଁ ଅନୁଷ୍ଠାନ ତରଫରୁ ଘୋଷଣା କରାଯାଇଅଛି । ରବୀନ୍ଦ୍ର ଏହା ପୂର୍ବରୁ ରାଜ୍ୟ ବାହାରେ ମୁମ୍ବାଇ ଓ ଚେନ୍ନାଇ ଠାରେ ସମ୍ମାନୀତ ହୋଇଛନ୍ତି । ଯାହାକି ଏହା ନୟାଗଡ଼ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ପାଲଟିଛି । ନୟାଗଡ଼



ସହରତଳି ଗାଁ ମୁକ୍ତାପୁରରେ ଏକ କ୍ଷୁଦ୍ର ଚାଷୀ ପରିବାରରେ ଜନ୍ମ ଗ୍ରହଣ କରିଥିବା ରବୀନ୍ଦ୍ର ୨୦୧୦ ମସିହାରେ ପଲ୍ଟିକାଲ ସର୍କସରେ ଭାଗନେଇ ସେହିବର୍ଷ ରାଜ୍ୟସ୍ତରରେ ବିଜୟୀ ହୋଇ ନୟାଗଡ଼ ଜିଲ୍ଲାକୁ ଗୌରାବାନ୍ୱିତ କରିଥିଲେ । ଏହା ପରଠୁ ସେ ଆଉ କେବେ ପଛକୁ ଫେରି ନାହାଁନ୍ତି । ଅନେକବାର ଦୁର୍ଘଟଣାର ଶିକାର ହୋଇଥିଲେ ମଧ ସେ କଳା ଜଗତରୁ କେବେ ଦୁରେଇ ଯାଇ ନାହାଁନ୍ତି । ଦୀର୍ଘ ୧୬ବର୍ଷ ମଧରେ ଅନେକ ଓଡ଼ିଆ ଧାରା ବାହିକ, ଚଳଚିତ୍ରରେ ଅଭିନୟ କରିବାର ସୁଯୋଗ ପାଇଛନ୍ତି । ଖାଲି ସେତିକି ନୁହେଁ'ବ୍ୟଙ୍ଗ କଲମ' ଭଳି ଏକ ମାସିକ ହାସ୍ୟ ବ୍ୟଙ୍ଗ ପତ୍ରିକାର ସମ୍ପାଦନା କାର୍ଯ୍ୟ ମଧ ସେ ତୁଲାଉଛନ୍ତି ।

# ଘରୋଇ ଗ୍ୟାସ୍ ସିଲିଣ୍ଡର ବୁକିଂ ଯନ୍ତ୍ରଣାଦାୟକ

ନିମାପଡ଼ା, ୧୪ ।୩ (ନିପ୍ର); ନିମାପଡ଼ା ପୌରାଂଚଳରେ ଜାଳେଣି ଗ୍ୟାସ ଅଭାବ ପରିଲକ୍ଷିତ ହୋଇଛି । କାହାରି କୌଣସି ଅସୁବିଧା ହେବନି ବୋଲି ସରକାର କହୁଥିବା ବେଳେ ସାଧାରଣ ଖାଉଟିଙ୍କୁ ନିରବଚ୍ଛିନ୍ନ ଗ୍ୟାସ ଯୋଗାଣ ହେଉ ନଥିବା ଅଭିଯୋଗ ହୋଇଛି । ମାଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଏହି ସଂକଟ ଦେଖା ଦେଇଥିଲେ ମଧ ଜନସାଧାରଣ ଚଢ଼ା ଦରରେ ସିଲିଣ୍ଡର ଖୋଲା ବଜାରରୁ ନେଉଥିବା ଦେଖା ଯାଇଛି । ସିଲିଣ୍ଡର ମିଳିବା ତ ଦୂରର କଥା ବୁକିଂ ପାଇଁ ଯନ୍ତ୍ରଣା ଅଧିକ କଷ୍ଟ ଦେଉଥିବା ଅନେକ ଗ୍ରାହକ ଅଭିଯୋଗ କରିଛନ୍ତି । ବୁକିଂ ପାଇଁ ଫୋନ୍ କଲେ କେହି ଧରୁ ନାହାନ୍ତି ଏବଂ କାଂଉଟରକୁ ଯାଇ ପଚାରିଲେ ଗ୍ୟାସ ସିଲିଣ୍ଡର ଆସିଲେ ବୁକିଂ ହେବ ବୋଲି କହି ଫେରାଇ ଦେଉଥିବା ଜଣାପଡ଼ିଛି । ଯୋଗାଣ ବିଭାଗ ପକ୍ଷରୁ ଭୟଭୀତ ନ ହେବା ପାଇଁ କୁହାଯାଇଛି । ଗ୍ୟାସ୍ ମହଜୁଦ୍ ଅଛି କୌଣସି ଠାରେ କଳା ବଜାର ହେଉଥିଲେ ତୁରନ୍ତ ଅଭିଯୋଗ ଆସିଲେ କଡ଼ା ପଦକ୍ଷେପ ଗ୍ରହଣ କରାଯିବ ବୋଲି ବ୍ଲକ୍ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । କଳା ବଜାର ସଂପର୍କରେ ସୂଚନା ଦେଲେ ଚଢ଼ାଉ ହେବ ବୋଲି ତହସିଲଦାର ମନୋଜ ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# 'ସାହୁକାର ଜାଲରେ ନ ପଡ଼ି ଲ୍ୟାମ୍ପ୍ସରୁ ବିନା ସୁଧରେ ଋଣ ନିଅ'

କୁଚିଣ୍ଡା, ୧୪ ।୩ (ନିପ୍ର); ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ତେଲିତିଲେଇମାଲ ଠାରେ ଶୁକ୍ରବାର କୁଚିଣ୍ଡା ଲ୍ୟାମ୍ପ ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଲ୍ୟାମ୍ପ୍ସ ସଭାପତି ନବୀନ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କୁଚିଣ୍ଡା ଏସଏ ଆରସିଏସ(ଅତିରିକ୍ତ ସହକାରୀ ନିବନ୍ଧକ) ମନୋଜ ମହନ୍ତ ଓ ମଙ୍ଗଳ ମୁର୍ମୁ, ଜିଲ୍ଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ,କୁଚିଣ୍ଡା ସମବାୟ ବ୍ୟାଙ୍କର ଶାଖା ପ୍ରବନ୍ଧକ ମିଳନ କୁଜୁର,ଡାଇରେକ୍ଟର ତରଣିକାନ୍ତ ମିଶ୍ର ଓ ସୁବ୍ରତ ପଟେଲ, ଗଗନ ଶର୍ମା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥି ମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ଗ୍ରାମର ସାହୁକାର କିମ୍ବା ମହାଜନଙ୍କ ଋଣ ଜାଲରେ ନ ପଡ଼ି ଲ୍ୟାମ୍ପରୁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ନେଇ ଚାଷ କାମରେ ଲଗାଇ ଲାଭବାନ ହୁଅ । ଏଥିସହ ସମିତିରୁ ଋଣ ନେଇ ଧାର୍ଯ୍ୟ ସମୟରେ ପରିଶୋଧ କରି କଲେ ଯାଇ ଲ୍ୟାମ୍ପ୍ସର ଆର୍ଥିକ ଅବସ୍ଥା ସୁଦୃଢ ହେବ ବୋଲି କହିଥିଲେ । ସଭାରେ ଲ୍ୟାମ୍ପ ଏମଡି କୁମୋଦ ପ୍ରଧାନ ବାର୍ଷିକ ବିବରଣୀ ପଠନ ସହ ବିଗତ ବର୍ଷର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ । ୨୦୨୨ / ୨୩ ଆର୍ଥିକ୍ୱର୍ଷରେ କୁଚିଣ୍ଡା ଲ୍ୟାମ୍ପ୍ସ ମାଧ୍ୟମରେ ବୀମା କରିଥ୍ବା ଚାଷୀମାନେ ମରୁଡି ଜନିତ ବୀମା ସହାୟତା ରାଶି ପାଇନଥିବା ଅଭିଯୋଗ କରି ଏଦିଗରେ ପଦକ୍ଷେପ ନେବାକୁ ଦାବି କରିଥିଲେ । ଲ୍ୟାମ୍ପ୍ସ ସଭାପତି ମାଝି ଚାଷୀଙ୍କ ଅଭିଯୋଗ ଉପରେ ଉତ୍ତର ଦେଇ କହିଥିଲେ ପ୍ରଥମେ ସେ ଜଣେ ଚାଷୀ ଓ ପରେ ଲ୍ୟାମ୍ପ୍ସ ସଭାପତି । ତେଣୁ ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ଆପ୍ରାଣ ଉଦ୍ୟମ କରନ୍ତି । ଏହାଛଡା କୁଚିଣ୍ଡା ଲ୍ୟାମ୍ପ୍ସ ପକ୍ଷରୁ ଚାଷୀଙ୍କ ପାଇଁ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଇବା ସହ ଖୁବ ଶୀଘ୍ର ଲ୍ୟାମ୍ପ୍ସ ତାର ବ୍ୟବସାୟିକ ସେବାକୁ ସମ୍ପ୍ରସାରଣ କରି ଏକ ଓମଫେଡ ପାର୍ଲର ଖୋଲିବା କାର୍ଯ୍ୟକ୍ରମ ରହିଥ୍ବା ସୂଚନା ଦେଇଥିଲେ । ଶେଷରେ ଲ୍ୟାମ୍ପ୍ସ କର୍ମଚାରୀ ସରୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୨ ଶିଶୁ କନ୍ୟାଙ୍କୁ କୂଅରେ ପକାଇ ହତ୍ୟା ପରେ ଆତ୍ମହତ୍ୟା କଲା ମା

କୁଚିଣ୍ଡା, ୧୪ ।୩ (ନିପ୍ର): ନିଜ ଜନ୍ମ କଲା ୨ ଶିଶୁ କନ୍ୟାଙ୍କୁ କୂଅରେ ପକାଇ ଜୀବନ ନେବା ପରେ ଘଟଣାସ୍ଥଳରୁ ଫେରାର ମାରିଥିଲା । ଶୁକ୍ରବାର ଅପରାହ୍ନରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଜରାବଗା ପଞ୍ଚାୟତ ଅନ୍ତର୍ଗତ ଶର୍ଗୀଡିହି ଗ୍ରାମରେ । ଶନିବାର ନିକଟସ୍ଥ ଜଙ୍ଗଲରେ ମହିଳାଙ୍କ ଝୁଲନ୍ତା ମୃତଦେହ ଠାବ ହୋଇଛି । ସେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି । ସୂଚନା ଅନୁସାରେ ଶର୍ଗଡ଼ିହି ଗ୍ରାମର ଜେମେସ ମାଡ଼କିଙ୍କ ୨ କନ୍ୟା ସନ୍ତାନ ଥିବା ବେଳେ ତାଙ୍କ ସ୍ତ୍ରୀ ସଞ୍ଜୁ ମାଡ଼କି ଶୁକ୍ରବାର ଦିନ ନିଜ ଉଭୟ ଶିଶୁ କନ୍ୟାଙ୍କୁ ନେଇ ଘରୁ ବାହାରିଥିଲେ । ଏହାର କିଛି ସମୟ ପରେ ସେ ଘରକୁ ଏକୁଟିଆ ଫେରିଥିବା ଦେଖି, ଶିଶୁ ମାନେ କୁଆଡ଼େ ଗଲେ ବୋଲି ଜେମେସ ସ୍ତ୍ରୀଙ୍କୁ ପଚାରିଥିଲେ । ହେଲେ ଶିଶୁମାନଙ୍କୁ, ଘର ପାଖ ଚାଷ ଜମିରେ ଥିବା କୂଅରେ ପକାଇ ଦେଇଛି ବୋଲି ସଞ୍ଜୁ କହିବା ପରେ ସେଠାରୁ ଦୌଡ଼ି ଦୌଡ଼ି ଫେରାର ମାରିଥିଲେ । ଏହା ଜାଣି ଜେମେସ ଗ୍ରାମବାସୀଙ୍କ ସହାୟତା ରେ ଉଭୟ ଶିଶୁଙ୍କୁ କୂଅ ଭିତରୁ ଉଦ୍ଧାର କରିଥିଲେ । ଉଭୟ ଶିଶୁଙ୍କୁ ଗୋବିନ୍ଦପୁର ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ଶିଶୁ ମାନେ ହେଲେ ସୂହାନା ମାଡ଼କି ବୟସ ( ୫ ) ବର୍ଷ ଓ ଅନ୍ୟ ଶିଶୁ କନ୍ୟାଟି ମାତ୍ର ଚାରି ମାସର ବୋଲି ଜଣାପଡିଛି । ସୂଚନା ପାଇ ଗୋବିନ୍ଦପୁର ପୋଲିସ ଡାକ୍ତରଖାନାକୁ ପହଞ୍ଚିଥିଲେ । ଶିଶୁକନ୍ୟାଙ୍କ ବାପା ଜେମସ ମାଡିକଙ୍କ ଏତଲା କ୍ରମେ ପୋଲିସ ମହୁଲପାଲି ଥାନା କେଶ ନଂ ୩୦/୨୦୨୬ ଦଫା ୧୦୩(୧) ବିଏନଏସରେ ମାମଲା ରୁଜୁ କରି ତଦନ୍ତ କରୁଛି । ମାତ୍ର ଆଜି ଦୁମକୁ ଜଙ୍ଗଲରୁ ସଞ୍ଜୁ ମାଡକିଙ୍କ ଝୁଲନ୍ତା ମୃତଦେହ ଠାବ କରାଯାଇଥିବା ଜଣାପଡିଛି । ଶନିବାର ପୋଲିସ ଗୋବିନ୍ଦପୁର ଡାକ୍ତରଖାନାରେ ଉଭୟ ଶିଶୁକନ୍ୟାଙ୍କ ମୃତଦେହ ବ୍ୟବଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି । ଏପରି ଏକ ଲୋମହର୍ଷଣକାରୀ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ମହିଳାଙ୍କ ମାନସିକ ବିକୃତି ଥିବା ପରିବାର ପକ୍ଷରୁ କୁହାଯାଇଛି ।

# ଛାତ୍ର ବୃତ୍ତି ପାଇବାରୁ ବଞ୍ଚିତ ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ପାରଳାଖେମୁଣ୍ଡି, ୧୪ ।୩ (ନିପ୍ର): ଗଜପତି ଜିଲ୍ଲା ଅନ୍ତର୍ଗତ ଆମ୍ବେଦକର ଡିଗ୍ରୀ କଲେଜର ୩୦୦ରୁ ଅଧିକ ଛାତ୍ରୀ ଛାତ୍ର ପହଞ୍ଚିଥିଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ । ଛାତ୍ର ବୃତି ପାଇବାରୁ ବଞ୍ଚିତ ପ୍ରତିବାଦରେ ଛାତ୍ରଛାତ୍ରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଧାରଣା ଦେଇଥିଲେ । ଗୋଟିଏ ବର୍ଷରୁ ବୃତ୍ତି ବାବଦକୁ ଅର୍ଥ ସେମାନଙ୍କ ଆକାଉଣ୍ଟକୁ ଆସେ । ମାତ୍ର ଏଥର ଷ୍ଟାଇପେଣ୍ଡ ଟଙ୍କା ମିଳି ନଥିବାରୁ ସେମାନଙ୍କର ପାଠପଢ଼ାରେ ସମସ୍ୟା ସୃଷ୍ଟି ହୋଇଥିବା କୁହାଯାଇଛି । ମିଳୁଥିବା ବୃତ୍ତି ଟଙ୍କା ସେମାନେ ଆବଶ୍ୟକତା ପୂରଣ କରିଥାନ୍ତି । କିନ୍ତୁ ନମିଳିବା ଦ୍ୱାରା ସେମାନଙ୍କ ପାଠପଢ଼ା ବାରମ୍ବାର ବ୍ୟାଘାତ ହୋଇଛି । ଏନେଇ ବିଭିନ୍ନ କ୍ଷେତ୍ରରେ ଗୁହାରି କରିଥିବା ସେମାନେ ପ୍ରକାଶ କରିଛନ୍ତି । ବୃତ୍ତି ଟଙ୍କା ନ ମିଳିବାର କାରଣ ବୁଝିବା ପାଇଁ ଏହି ଛାତ୍ରଛାତ୍ରୀମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସରକାର ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ଭାବରେ ସମସ୍ୟା ପ୍ରତି ଦୃଷ୍ଟି ସମାଧାନ କରିବାକୁ ଦାବି



ସମାଧାନ କରିବାକୁ ଦାବି କରାଯାଇଛି । ଯଦି ସମାଧାନ କରାନଯାଏ ତେବେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବ । ଏପରିପେକ୍ଷୀରେ ରାଜ୍ୟ ସରକାର ସ୍ୱତନ୍ତ୍ର କରାଯାଇଛି । ଯଦି ସମାଧାନ ନହୁଏ ଆଗାମୀ ଦିନରେ ଛାତ୍ର ଛାତ୍ରୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ନୟାଗଡ଼ ଜିଲ୍ଲାରେ ଏଲ୍‌ପିଜି ଗ୍ୟାସ ସିଲିଣ୍ଡର ଉପରେ ସମୀକ୍ଷା

ନୟାଗଡ଼, ୧୪ ।୩ (ନିପ୍ର); ନୟାଗଡ଼ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ମଧୁମିତା ରଥଙ୍କ ଅଧକ୍ଷତାରେ ଏଲ. ପି. ଜି. ଗ୍ୟାସ ସିଲିଣ୍ଡରର ଆବଶ୍ୟକତା ଉପରେ ଏକ ସମୀକ୍ଷା ବୈଠକ ଅନଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ଆରକ୍ଷୀ ଅଧୀକ୍ଷକ ଏସ. ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ମୁଖ୍ୟ ଚିକିତ୍ସା ଅଧିକାରୀ ନିଳୀମା ଲାକ୍ରା ଯୋଗ ଦେଇଥିଲେ । ଜିଲ୍ଲାପାଳ ବୈଠକରେ ନୟାଗଡ଼ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ପର୍ଯ୍ୟାପ୍ତ ଗ୍ୟାସ ସିଲିଣ୍ଡର ମହଜୁଦ ଅଛି ଏବଂ ଲୋକମାନେ ଭୟଭୀତ ନ ହେବା ପାଇଁ ପରାମର୍ଶ ଦେଇଥିଲେ । ସମସ୍ତ ଗ୍ୟାସ ବିତରକମାନଙ୍କ ସହିତ ସୁଚାରୁରୂପେ ଯୋଗାଣ ନିମନ୍ତେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଡାକ୍ତରଖାନା,ଶିକ୍ଷା ପ୍ରତିଷ୍ଠାନ,ଆହାର କେନ୍ଦ୍ର ମାନଙ୍କରେ ଗ୍ୟାସ ଯୋଗାଣ , ଗ୍ୟାସ ବିତରଣ ବେଳେ ଗଣ୍ଡଗୋଳର ସମ୍ମୁଖୀନ ନ ହେବା ପାଇଁ ତହସିଲଦାର ଏବଂ ଆଇଆଇସିମାନଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଉପଜିଲ୍ଲାପାଳ ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପରାମର୍ଶ ଦେଇଥିଲେ । ମାର୍କେଟିଂ ଇନ୍ସପେକ୍ଟରମାନେ ନୋଡାଲ ଅଧିକାରୀ ଭାବେ ଗ୍ୟାସ ଏଜେନ୍ସୀ ମାନଙ୍କୁ ସହଯୋଗ କରିବେ । ଯୋଗାଣ ଅଧିକାରୀଙ୍କୁ ହେଲ୍ପ ଲାଇନ ନମ୍ବର ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ ଏବଂ ଏକ ହ୍ୱାଟସଅପ ଆପ୍ ଗ୍ରୁପ କରାଯାଇ ଯେଉଁଥିରେ ମାର୍କେଟିଂ ଇନ୍ସପେକ୍ଟର ,ଗ୍ୟାସ




ଏଜେନ୍ସୀ , ତହସିଲଦାର, ଆଇ. ଆଇ. ସି,ଉପଜିଲ୍ଲାପାଳ, ଯୋଗାଣ ଅଧିକାରୀ ଏବଂ ଅନ୍ୟ ଅଧିକାରୀମାନେ ରହିବେ ବୋଲି ପରାମର୍ଶ ଦେଇଥିଲେ ।

ସରକାରଙ୍କ ନିୟମାବଳୀ ଅନୁସାରେ ଗ୍ୟାସ ବୁକିଂ କରି ଘରୋଇ ଉପଭୋକ୍ତା ଗ୍ୟାସ ନେଇପାରିବେ । ଯୋଗାଣରେ କୌଣସି ଅସୁବିଧା ହେବ ନାହିଁ ବୋଲି ପରାମର୍ଶ ଦେଇଥିଲେ । ଏତଦ୍ ବ୍ୟତୀତ ଜିଲ୍ଲା ସ୍ତରୀୟ ଓ ବ୍ଲକ ସ୍ତରୀୟ ଏନଫୋର୍ସମେଣ୍ଟ ସ୍କ୍ୱାଡ଼ ଗଠନ କରାଯିବାକୁ ସ୍ଥିର କରାଗଲା । ଏହି ସମୀକ୍ଷା ବୈଠକରେ ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହା ପରେ ବୈଠକ ସାଙ୍ଗ କରାଗଲା ।ସମୀକ୍ଷା ବୈଠକ ପରେ ପରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସୂଚନା ପାଇଁ ଗ୍ୟାସ ଉପଭୋକ୍ତାଙ୍କ ପାଇଁ ଏହି ଯୋଗାଯୋଗ ନମ୍ବର -୦୬୭୫୩-୨୫୨୪୩୯ ଦିଆଯାଇଛି ।

# 'ସୂଚନା ଅଧିକାର ଆଇନ ଏକ ଯୁଗାନ୍ତକାରୀ ପଦକ୍ଷେପ'

ପୁରୀ, ୧୪ ।୩ (ନିପ୍ର): ସୂଚନା ଅଧିକାର ଆଇନ ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହାଦ୍ୱାରା ସାଧାରଣ ଲୋକ ଅନେକ ସୁଫଳ ପାଉଥିବା ବେଳେ ଅଧିକାରୀ ବା କର୍ମଚାରୀ ମାନଙ୍କୁ କର୍ମତତ୍ପର କରାଇ ପାରିଛି ବୋଲି କହିଛନ୍ତି ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଡ.ଚିତ୍ତରଞ୍ଜନ ଦ୍ୱିବେଦୀ । ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସୂଚନା ଅଧିକାର ଆଇନ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅଧକ୍ଷ ଡ. ଦ୍ୱିବେଦୀ ୨୦୦୫ ମସିହାରେ ସୂଚନା ଅଧିକାର ଆଇନ ପ୍ରଣୟନ ହେବା ପରେ ସମାଜ ରେ ବ୍ୟାପକ ପରିବର୍ତ୍ତନ



ଆସିଛି ।ସାଧାରଣ ଭାବେ ସମସ୍ତ କାର୍ଯ୍ୟାଳୟ ମାନଙ୍କ ରେ କର୍ମ ପ୍ରବଣତା ବୃଦ୍ଧି ପାଇଛି ।ପୂର୍ବାପେକ୍ଷା ଆଇନ ରେ ଆବଶ୍ୟକତା ଅନୁସାରେ ସଂଶୋଧନ ଏହାକୁ ଅଧିକ ଦକ୍ଷ କରିଛି ବୋଲି ସେ କହିବା ସହ ସମସ୍ତ ନାଗରିକ ଏହାର ଉପଯୋଗ କରି ସୁଫଳ ନେବାକୁ ପରାମର୍ଶ ଦେଇଥିଲେ । ଅନ୍ୟ ମାନଙ୍କ ମଧରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଜନ ସୂଚନା ଅଧିକାରୀ ସୂର୍ଯ୍ୟକାନ୍ତ ସ୍ୱାଇଁ, ସହକାରୀ ଜନ ସୂଚନା ଅଧିକାରୀ ଡ. ସ୍ନିଗ୍ଧା ସୁହାଗିନୀ ପ୍ରମୁଖ ଯୋଗ ଦେଇ ସୂଚନା ଅଧିକାରର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଅନୁପାଳନ ସମ୍ପର୍କରେ ଆଲୋକପାତ କରିଥିଲେ ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କର୍ମଶାଳାକୁ ପରିଚାଳନା କରିବା ସହ ଏହି ଆଇନ ଭଲ କାମ କରୁଥିବା କର୍ମଚାରୀଙ୍କ ପାଇଁ ଯେତିକି ଆନନ୍ଦ ଦାୟକ ଅନିୟମିତତା ବା ଦୁର୍ନୀତି କରୁଥିବା କର୍ମଚାରୀ ମାନଙ୍କ ପାଇଁ ତତୋଧିକ ଭୟ ପ୍ରଦାନକାରୀ । ଯଦି ନିଜ କାମକୁ ନିୟମ ଅନୁସାରେ ଜଣେ ସଠିକ ଭାବେ ନିର୍ବାହ କରୁଛନ୍ତି ତଥ୍ୟ ଠିକ ଭାବେ ଦେଇ ପାରୁଛନ୍ତି ତେବେ ଏ ଆଇନ ଦ୍ୱାରା ତାଙ୍କର କିଛି କ୍ଷତି ହେବ ନାହିଁ ।କିନ୍ତୁ ଅନିୟମିତତା ବା ତଥ୍ୟ ନ ଦେବା କ୍ଷେତ୍ର ପାଇଁ ଏହି ଆଇନ ରେ କାର୍ଯ୍ୟାନୁଷ୍ଠାନ ରହିଛି ବୋଲି ସେ ସୂଚନା ଦେବା ସହ ସଠିକ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ ।ମାଷ୍ଟର ଟ୍ରେନର ସଂଗ୍ରାମ କେଶରୀ ପୃଷ୍ଟି, ହରିହର ମହାନ୍ତି ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।ପୂର୍ବରୁ ଅନୁଷ୍ଠିତ ଇଂରାଜୀ ଓ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ ।

# ରନ୍ଧନ ଗ୍ୟାସ ସମସ୍ୟା, ମଧ୍ୟାହ୍ନ ଭୋଜନ ପ୍ରଭାବିତ ଆଶଙ୍କା : ବନ୍ଦ ହେଲାଣି ହୋଟେଲ ଓ ରେସ୍ତୋରାଁ

ପାରଳାଖେମୁଣ୍ଡି, ୧୪ ।୩ (ନିପ୍ର): ମଧ୍ୟପ୍ରାଚ୍ୟରେ ଯୁଦ୍ଧର ପ୍ରଭାବ ଏବେ ସିଧାସଳଖ ଲୋକଙ୍କ ହାଣ୍ଡିଶାଳ ଓ ବ୍ୟବସାୟୀଙ୍କ ଜୀବିକା ଉପରେ ପଡ଼ିଛି । ଗଜପତି ଜିଲ୍ଲାର ବିଭିନ୍ନ ଭାଗରେ ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡର୍ ସଂକଟ ଦେଖାଦେଇଥିବା ବେଳେ ଜନସାଧାରଣ ଚିନ୍ତାରେ ପଡ଼ିଛନ୍ତି । ସେପଟେ ବାଣିଜ୍ୟିକ (କମର୍ସିଆଲ୍) ସିଲିଣ୍ଡର୍ ସଂକଟ ଦେଖା ଦେଇଥିବାରୁ ବିଭିନ୍ନ ହୋଟେଲ୍ ଓ ରେସ୍ତୋରାଁ ବନ୍ଦ ହେବା ସ୍ଥିତିରେ ପହଞ୍ଚିଛି । ଗଜପତି ଜିଲ୍ଲା କଥାକୁ ବିଚାରରେ ନେଲେ ପୂର୍ବରୁ ବୁକିଂ ପରେ ସାତଦିନରେ ଗ୍ୟାସ୍ ସିଲିଣ୍ଡର ମିଳୁଥିଲା ଏବେ ସେହି ଅବଧିକୁ ୨୫ଦିନକୁ ବୃଦ୍ଧି କରାଯାଇଛି । ଫଳରେ ଏବେ ସଂକଟ ସୃଷ୍ଟି ହୋଇଛି ଲୋକେ ଡିପୋକୁ ଆସୁଥିବା ବେଳେ ଡିଲର୍ ତାଲା ପକାଇ ରଖିଛନ୍ତି । ସେହିପରି କମର୍ସିଆଲ୍ ଗ୍ୟାସ୍ ସିଲିଣ୍ଡର୍ ଯୋଗାଣ ଗତ କିଛିଦିନ ହେଲା ବନ୍ଦ ରହିଛି । ଗତକାଲି ଠାରୁ ଘରୋଇ ଗ୍ୟାସ୍ ବୁକିଂ ମଧ ହେଉ ନଥିବା କାରଣରୁ ଏହାର ପ୍ରଭାବରେ ଗଜପତି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଥିବା ଗ୍ୟାସ୍ ଯୋଗାଣ ସଂସ୍ଥା ଆଗରେ ଭିଡ଼ ପରିଲକ୍ଷିତ ହେଉଛି । ବିଶେଷକରି




ସିଲିଣ୍ଡର ଅଭାବ ଯୋଗୁଁ ଆଜି ପାରଳାଖେମୁଣ୍ଡି ସହରର ଛୋଟବଡ଼ ହୋଟେଲ୍ ବନ୍ଦ ରହିଥିବା ଦେଖିବାକୁ ମିଳିଛି । ଏମିତିକି କିଛି ଛୋଟ ଜଳଖିଆ ଦୋକାନ ଖୋଲାଥିଲେ ସୁଦ୍ଧା ଦରରେ ସାମାନ୍ୟ ବୃଦ୍ଧି କରିଛନ୍ତି । ଅନ୍ୟପକ୍ଷରେ ଘରୋଇ ଗ୍ୟାସ ମହଜୁଦ୍ ରହିଥିବା କୁହାଯାଉଥିଲେ ବି କୌଣସି କାରଣରୁ କିମ୍ବା ସର୍ଭର୍ ସମସ୍ୟା କାରଣରୁ ବୁକିଂ ହୋଇପାରୁନି । ଫଳରେ ବହୁ ଖାଉଟି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଭୟରେ ଲୋକେ ମନଇଚ୍ଛା ବୁକିଂ କରି ଗଚ୍ଛିତ ରଖିବାକୁ ଚେଷ୍ଟା କରୁଥିବାରୁ ଏଭଳି ସମସ୍ୟା ବି ଉପୁଜିଥିବା ଅନୁମାନ କରାଯାଉଛି ।

ଅନ୍ୟପକ୍ଷରେ ଜିଲ୍ଲାର କିଛି ଡିଲର୍ ଷ୍ଟକ୍ ନଥିବା କହୁଥିବାରୁ ବୁକିଂ ଥାଇ ମଧ ଲୋକେ ନିରାଶରେ ଫେରୁଛନ୍ତି । ଯେଉଁ ଦିନ ଠାରୁ ଘରୋଇ ଗ୍ୟାସ୍‌ର ମୂଲ୍ୟ ୬୦ଟଙ୍କା ସିଲିଣ୍ଡର୍ ପିଛା ବୃଦ୍ଧି ପାଇବା ପର ଠାରୁ ସହରରେ ଗ୍ୟାସ୍ ଯୋଗାଣରେ ବିଳମ୍ବ ହେଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# 'ଏଆଇ' ଉପକରଣ ବ୍ୟବହାର ସମ୍ବନ୍ଧୀୟ କର୍ମଶାଳା

ଭଦ୍ରକ, ୧୪ ।୩ (ନିପ୍ର): ଓଡିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଓଡିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର ପକ୍ଷରୁ କୃତ୍ରିମ ବୁଦ୍ଧି ବା ଏଆଇ ଉପକରଣଗୁଡ଼ିକର ବ୍ୟବହାର ସମ୍ବନ୍ଧୀୟ ଏକ ଦିନିକିଆ କର୍ମଶାଳା ଭଦ୍ରକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି । ଏହି କର୍ମଶାଳାକୁ ମୁଖ୍ୟ ଅତିଥି ଭାବରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବି ନାରାୟଣ ସାହୁ , ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ୍ତ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ , ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀମାନେ ଏବଂ ଅନ୍ୟାନ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ । କର୍ମଶାଳାରେ ଏଆଇ ପ୍ରଯୁକ୍ତିର ବ୍ୟବହାର ମାଧ୍ୟମରେ ପ୍ରଶାସନିକ କାର୍ଯ୍ୟଧାରାକୁ କିପରି ଡିଜିଟାଲ ରୂପାନ୍ତରଣ ସହ ଅଧିକ ସ୍ୱଚ୍ଛତା ଓ କ୍ଷୀପ୍ରତା ଆଣିହେବ ସେ ସମ୍ବନ୍ଧରେ ବିସ୍ତୃତ ପ୍ରଶିକ୍ଷଣ ଦିଆଯାଇଥିଲା । ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ପରିଚାଳକ ବିଜୟାନନ୍ଦ କରଙ୍କ ସହଯୋଗରେ ଓଡିଶା ନଲେଜ କର୍ପୋରେସନ୍‌ର ଟେକନିକାଲ ଟିମ୍ ଏହି ପ୍ରଶିକ୍ଷଣକୁ ପରିଚାଳନା କରିଥିଲେ ।

# ଜନଗଣନା କାର୍ଯ୍ୟ ପାଇଁ ତାଲିମ

ରାୟଗଡା, ୧୪ ।୩ (ନିପ୍ର): ଜନଗଣନା-୨୦୨୭ ଆୟୋଜନ ସମ୍ବନ୍ଧୀୟ ଗୃହ ତାଲିକା ଓ ଗୃହ ଗଣନା ପାଇଁ ୩୪ ଜଣ କ୍ଷେତ୍ରୀୟ ତାଲିମ ଦାତା ମାନଙ୍କର ତିନିଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରାୟଗଡ଼ ଜିଲ୍ଲାପାଳ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ଆୟୋଜିତ ହୋଇଯାଇଛି । ଏହି ପ୍ରଶିକ୍ଷଣରେ କ୍ଷେତ୍ରୀୟ ତାଲିମ ଦାତାମାନଙ୍କୁ ଡିଜିଟାଲ ଡାଟା ସଂଗ୍ରହ ପ୍ରଣାଳୀ, ଜନଗଣନାରେ ମୋବାଇଲ ଆପ୍ଲିକେସନ ବ୍ୟବହାର ଓ ସ୍ୱୟଂ ଗଣନା ପ୍ରକ୍ରିୟା ବିଷୟରେ ଅବଗତ କରାଯାଇଥିଲା । ପ୍ରାୟୋଗିକ ପ୍ରଶିକ୍ଷଣର ଅଂଶ ଭାବେ ପ୍ରଶିକ୍ଷକମାନେ ରାୟଗଡ଼ା ପୌରପାଳିକାର ୱାର୍ଡ ନଂ-୧୫ ରେ କ୍ଷେତ୍ର ଅଭ୍ୟାସ କରିଥିଲେ । ଏଥିରେ ଜନଗଣନା କାର୍ଯ୍ୟର ପ୍ରାୟୋଗିକ ପ୍ରଦର୍ଶନ ଓ ଅଭ୍ୟାସ କରାଯାଇଥିଲା । ଏହି କାର୍ଯ୍ୟକ୍ରମଟି ଜିଲ୍ଲାପାଳ- ରାୟଗଡ଼ା ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଶିକ୍ଷଣକୁ ଜିଲ୍ଲା ମାଷ୍ଟର ଟ୍ରେନର ରଞ୍ଜନ କୁମାର ମାନସେଟ, ତହସିଲଦାର, କେ. ସିଂହପୁର ଓ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ଜିଲ୍ଲାପାଳ ସାମାଜିକ ସୁରକ୍ଷା ଅଧିକାରୀ ରାୟଗଡ଼ା ଦ୍ୱାରା ପ୍ରଦାନ କରାଯାଇଥିଲା । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ରାୟଗଡ଼ ନବୀନ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ ଏବଂ ଶିବ ପ୍ରସାଦ ସାହୁ, ସହକାରୀ ଜିଲ୍ଲାପାଳ ଏହାକୁ ସମନ୍ୱୟ କରିଥିଲେ ।

# ନାଗେଶ୍ୱରଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

ଧାମନଗର, ୧୪ ।୩ (ନିପ୍ର): ଧାମନଗର ବ୍ଲକ ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା ନିକଟସ୍ତ ମଠସାହି ଗ୍ରାମରେ ପବିତ୍ର ବୈତରଣୀ ନଦୀ କୂଳରେ ଅବସ୍ଥିତ ଶ୍ରୀ ଶ୍ରୀ ବାବା ନାଗେଶ୍ୱରଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅତ୍ୟନ୍ତ ଆଧାତ୍ମିକ ପରିବେଶ ମଧରେ ଶେଷ ହୋଇଯାଇଛି । ଚଳିତ ମାସ ୯ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ଭକ୍ତିମୟ କାର୍ଯ୍ୟକ୍ରମରେ ସମଗ୍ର ଅଞ୍ଚଳ ଉତ୍ସବ ମୁଖର ହୋଇଉଠିଥିଲା ।

# ରଥଯାତ୍ରା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ

ପୁରୀ, ୧୪ ।୩(ନିପ୍ର);ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଜିଲ୍ଲାପାଳଙ୍କ ଅଧକ୍ଷତାରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରଥଯାତ୍ରା ସହ ଜଡିତ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିବାବେଳେ ରଥଯାତ୍ରା ପାଇଁ ପ୍ରସ୍ତୁତ ହୋଇଛି ମାଷ୍ଟରପ୍ଲାନ୍ । ବୈଠକରେ ମାଷ୍ଟରପ୍ଲାନ୍ ଉପରେ ବିସ୍ତୃତ ଆଲୋଚନା ହୋଇଥିବା ବେଳେ ସ୍ୱଳ୍ପମିଆଦୀ ଓ ଦୀର୍ଘମିଆଦି ଯୋଜନା କାର୍ଯ୍ୟକାରୀ କରିବାକୁ ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲ୍ଲାପାଳ କହିଛନ୍ତି । ଚଳିତ ରଥଯାତ୍ରାରେ ମାତ୍ରାଧିକ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ଡ୍ରେନେଜ ବ୍ୟବସ୍ଥାରେ ସୁଧାର, ପାର୍କିଂ ଇସୁ, ରଥଯାତ୍ରା ସମୟରେ ବିଭିନ୍ନ ଜାଗାରେ ମେଡିକାଲ୍ ବ୍ୟବସ୍ଥା, ଟ୍ରାନସଫରମର କେଉଁଠି ଲାଗିବ ପୋଲିସ ପ୍ରଶାସନ ଦ୍ୱାରା ଭିଡ ନିୟନ୍ତ୍ରଣ, ରେଳବିଭାଗର ବଳକା କାମ ଶେଷ କରିବା, ରାସ୍ତା ଉପରୁ ଜବରଦଖଲ ହଟାଇବା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କାମକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

ସମସ୍ତ କାର୍ଯ୍ୟକୁ ଏକ ଡେଡ୍ ଲାଇନ୍ ଅବଧି ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ମଧ ଜିଲ୍ଲାପାଳ କହିଛନ୍ତି । ପୂର୍ବ ବର୍ଷର ତ୍ରୁଟି ବିଚ୍ୟୁତିକୁ ସୁଧାରିବା ସହ ଚଳିତ ରଥଯାତ୍ରାର ସୁପରିଚାଳନା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି ।

15 .03.2026.pmd 1 3/14/2026, 5:34 PM

# ଯୁଦ୍ଧ ନେଇ କଂଗ୍ରେସ ଆତଙ୍କ ସୃଷ୍ଟି କରିବାକୁ ଚାହୁଁଛି: ମୋଦି




ଗୁଆହାଟୀ, ୧୪।୩: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଆସାମ ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ପଶ୍ଚିମ ଏସିଆ ଯୁଦ୍ଧ ନେଇ କଂଗ୍ରେସପାର୍ଟିକୁ ତୀବ୍ର ସମାଲୋଚନା କରିଛନ୍ତି। କଂଗ୍ରେସ ଯୁଦ୍ଧକୁ ନେଇ ଦେଶରେ ଆତଙ୍କ ସୃଷ୍ଟି କରିବାକୁ ଚାହୁଛି ବୋଲି ସେ କହିଛନ୍ତି। ଆସାମରେ ଆଗକୁ ବିଧାନସଭା ନିର୍ବାଚନ ଥିବାବେଳେ ମୋଦି ବାରାକ୍ ଉପତ୍ୟକାର ସିଲଚରଠାରେ ଏକ ଜନସଭାକୁ ସମ୍ବୋଧିତ କରି କହିଛନ୍ତି ଯେ, ଯୁଦ୍ଧର ପ୍ରଭାବ ଭାରତ ଉପରେ ସବୁଠୁ କମ୍ ଯେପରି ପଡ଼ିବ ସେଥିପାଇଁ ଭାରତ ସରକାର ପୂର୍ଣ୍ଣ ପ୍ରୟାସ କରୁଛନ୍ତି। କଂଗ୍ରେସ ଏକ ଦାୟିତ୍ୱସମ୍ପନ୍ନ ରାଜନୈତିକ ଦଳର ଭୂମିକା ଗ୍ରହଣ କରିବ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ଏହା ଦେଶର ଜନତାଙ୍କ କଲ୍ୟାଣ ପରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବାରେ ପୁଣିଥରେ ବିଫଳ ହୋଇଛି। କଂଗ୍ରେସ ଚାହୁଛି ଦେଶରେ ଆତଙ୍କ ସୃଷ୍ଟି କରି ମୋଦିଙ୍କୁ ସମାଲୋଚନା କରିପାରିବ। କଂଗ୍ରେସର ଦେଶ ପାଇଁ କୌଣସି ଦୂରଦୃଷ୍ଟି ନାହିଁ। ଆସାମରେ ଲୋକମାନେ ମଧ୍ୟ ଏହି ଦଳକୁ ନେଇ ଚିନ୍ତିତ। କଂଗ୍ରେସକୁ ସବୁ ରାଜ୍ୟ କଡ଼ା ଶିକ୍ଷା ଦେଇଛନ୍ତି। ଏହା ନିର୍ବାଚନ ପରେ ନିର୍ବାଚନ ହାରିବାରେ ଲାଗିଛି ବୋଲି ମୋଦି କହିଥିଲେ। ମୋଦି ଏହି ଅବସରରେ ୨୪,୦୦୦ କୋଟି ଟଙ୍କାରେ ନିର୍ମିତ ହେବାକୁ ଥିବା ସିଲଂ-ସିଲଚର୍ ହାଇସ୍ପିଡ କରିଡରର ଶିଳାନ୍ୟାସ କରିଥିଲେ। ଉତ୍ତର-ପୂର୍ବ ଭାରତରେ ଏହା ଏପରି ପ୍ରଥମ ସଡ଼କ ଯାହା ସିଲଚରକୁ ମିଜୋରାମ, ମଣିପୁର ଓ ତ୍ରିପୁରା ଏପରିକି ଦକ୍ଷିଣ -ପୂର୍ବ ଏସିଆର ବିଶାଳ ବଜାର ସହିତ ଯୋଡ଼ିବ। ସ୍ଥାନୀୟ ଶିଳ୍ପ, କୃଷି ଓ ପର୍ଯ୍ୟଟନ ପାଇଁ ଏହି ସଂଯୋଗ ବିପୁଳ ସୁଯୋଗ ଆଣିବ ବୋଲି ମୋଦି କହିଥିଲେ। ବିକାଶ କ୍ଷେତ୍ରରେ ଯେଉଁମାନେ ପଛେଇ ଯାଇଛନ୍ତି, ସେମାନଙ୍କୁ ଆଗକୁ ଆଣିବା ବିଜେପିର ମନ୍ତ୍ର। ସୀମାନ୍ତ ଗାଁକୁ ପୂର୍ବେ ଶେଷ ଗାଁ ଭାବେ ଦେଖାଯାଉଥିଲା, କିନ୍ତୁ ତାଙ୍କ ସରକାରରେ ତାହା ପ୍ରଥମ ଗାଁ ଭାବେ ଦେଖାଯାଉଛି। ଆସାମ ବର୍ତ୍ତମାନ ଦେଶରେ ସେମିକଣ୍ଡକ୍ଟର କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ପରିଣତ ହୋଇଛି ବୋଲି ମୋଦି କହିଥିଲେ।

## କୋଲକାତାକୁ ୧୮,୭୦୦ କୋଟି ଟଙ୍କାର ଭେଟି ଲୋକଙ୍କ ଜୀବନର ଗୁଣବତ୍ତା ଉନ୍ନତ କରିବ

ନୂଆଦିଲ୍ଲୀ, ୧୪।୩(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି କୋଲକାତାରେ ୧୮,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ସମାବେଶକୁ ସମ୍ବୋଧିତ କରି ସେ କହିଥିଲେ, "ଆଜି କୋଲକାତାର ଏହି ଭୂମିରୁ ପଶ୍ଚିମବଙ୍ଗ ଓ ସମଗ୍ର ପୂର୍ବ ଭାରତ ପାଇଁ ବିକାଶର ଏକ ନୂତନ ଅଧ୍ୟାୟ ଆରମ୍ଭ ହେଉଛି।" ପ୍ରଧାନମନ୍ତ୍ରୀ କହିଥିଲେ, ଏହି କାର୍ଯ୍ୟକ୍ରମରେ ରାସ୍ତା, ରେଳ ଓ ବନ୍ଦର ଭିତ୍ତିଭୂମି ସହ ସମ୍ପୃକ୍ତ ୧୮,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରାଯାଇଛି। ସେ କହିଥିଲେ, ଏହି ପ୍ରକଳ୍ପଗୁଡ଼ିକ ପଶ୍ଚିମବଙ୍ଗ ଓ ସମଗ୍ର ପୂର୍ବ ଭାରତକୁ ନୂତନ ଗତି ଦେବା ସହ ବାଣିଜ୍ୟ ଓ ଶିଳ୍ପକୁ ପ୍ରୋତ୍ସାହିତ କରିବ ଏବଂ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରି ଜୀବନକୁ ସହଜ କରିବ। ପ୍ରଧାନମନ୍ତ୍ରୀ ଖଡଗପୁର-ମୋରେଗ୍ରାମ ଏକ୍ସପ୍ରେସୱେ ସମାପ୍ତି ଦ୍ୱାରା ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ବୋଲି କହିଥିଲେ। ସେ ଏହାସହ ଦୁବରାଜପୁର ବାଇପାସ୍ ଏବଂ କଂସାବତୀ ନଦୀ ଓ ଶିଳାବତୀ ନଦୀ ଉପରେ ନିର୍ମିତ ପ୍ରମୁଖ ସେତୁଗୁଡ଼ିକ ସଂଯୋଗ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ ବୋଲି ଉଲ୍ଲେଖ କରିଥିଲେ। ଶେଷରେ ସେ ପଶ୍ଚିମବଙ୍ଗ ଓ ପୂର୍ବ ଭାରତର ଲୋକମାନଙ୍କୁ ଏହି ପରିବର୍ତ୍ତନକାରୀ ପ୍ରକଳ୍ପ ପାଇଁ ଅଭିନନ୍ଦନ ଜଣାଇଥିଲେ।

## ଯୁଦ୍ଧ ସମୟରେ ଭାରତୀୟ ଅର୍ଥନୀତି ସୁଦୃଢ଼ ଅଛି: ସର୍ଭେ

ନୂଆଦିଲ୍ଲୀ, ୧୪।୩: ଇରାନ୍-ଇସ୍ରାଏଲ୍-ଆମେରିକା ଯୁଦ୍ଧକୁ ନେଇ ମଧ୍ୟପ୍ରାଚ୍ୟରେ ଅଶାନ୍ତିର ବାତାବରଣ ଲାଗି ରହିଥିବା ବେଳେ ହର୍ମୁଜ୍ ପ୍ରଣାଳୀ ଦେଇ ତେଲ ପରିବହନ ବାଧାପ୍ରାପ୍ତ ହୋଇଛି। ଏହା ସମଗ୍ର ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରୁଥିବା କୁହାଯାଇଛି । ତେବେ ଏଭଳି ଉତ୍ତେଜନାମୂଳକ ସ୍ଥିତିରେ ମଧ୍ୟ ଭାରତୀୟ ଅର୍ଥନୀତି ଦୋହଲି ନଯାଇ ଦୃଢ଼ ରହିଛି। ବିଭିନ୍ନ ଅର୍ଥନୀତି ଅନୁଧ୍ୟାନକାରୀ ସଂସ୍ଥା ପ୍ରକାଶ କରିଥିବା କେତେକ ରିପୋର୍ଟରେ ଯୁଦ୍ଧ ସମୟରେ ବି ଭାରତୀୟ ଅର୍ଥନୀତିର ସକାରାତ୍ମକ ଚିତ୍ର ଅଙ୍କାଯାଇଛି । ଆନ୍ତର୍ଜାତିକ ସ୍ତରର ଅର୍ଥନୀତି ଅନୁଧ୍ୟାନକାରୀ ସଂସ୍ଥା 'ଫିଚ୍' ଏହାର ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ହାର ସଂକ୍ରାନ୍ତ ପୂର୍ବାନୁମାନକୁ ବଦଳାଇ ଅଭିବୃଦ୍ଧି ହାର ସାମାନ୍ୟ ଅଧିକ ହେବ ବୋଲି ପ୍ରକାଶ କରିଛି। ସେହିପରି ଏଚ୍‌ଏସ୍‌ବିସି ଓ ଫିଚ୍ କରିଥିବା ସର୍ଭେ ମଧ୍ୟ ଏଭଳି ଦର୍ଶାଇଛି ।

ଏଚ୍‌ଏସବିସି ଏହାର ରିପୋର୍ଟରେ କହିଛି ଯେ ଭାରତରେ ଅଭିବୃଦ୍ଧି ସାମ୍ପ୍ରତିକ ଆହ୍ୱାନକୁ ମୁକାବିଲା କରି ପାରିବାର ସାମର୍ଥ୍ୟ ରଖିଛି। ପୁଞ୍ଜିନିବେଶ ପାଇଁ ଏଠାରେ ବଜାର ଏବେ ବି ଉତ୍ସାହଜନକ ରହିଛି। ଦେଶରେ ସୁଧ ହାର ଏଥିପାଇଁ ଅନୁକୂଳ ରହିଛି । ଭିତ୍ତିଭୂମି କ୍ଷେତ୍ରରେ ସରକାରୀ କାର୍ଯ୍ୟକ୍ରମ ସହିତ ଘରୋଇ ପୁଞ୍ଜିନିବେଶ ପାଇଁ ପଥ ପରିଷ୍କାର ରହିଛି। ନବୀକରଣକ୍ଷମ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ପାଇଁ ଭାରତରେ ଘରୋଇ କଂପାନିମାନେ ଅଧିକ ନିବେଶ କରୁଛନ୍ତି । ତେବେ ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ସଂକଟ ଲମ୍ବା ସମୟ ଚାଲିଲେ ଭାରତୀୟ ଅର୍ଥନୀତି ମଧ୍ୟ ପ୍ରଭାବିତ ହେବ ବୋଲି ଏଚ୍‌ଏସବିସି ଏହାର ରିପୋର୍ଟରେ ପ୍ରକାଶ କରିଛି । ୨୦୨୫-୨୬ ପାଇଁ ଫିଚ୍ ଭାରତୀୟ ଅର୍ଥନୀତିରେ ଅଭିବୃଦ୍ଧି ହାର ପୂର୍ବାନୁମାନକୁ ସଂଶୋଧନ କରି ଏଥିରେ ସାମାନ୍ୟ ବୃଦ୍ଧି କରିଛି।

## ଆଫଗାନିସ୍ତାନ ଆକ୍ରମଣରେ ୧୪ ପାକିସ୍ତାନୀ ସୈନିକ ନିହତ

କାବୁଲ, ୧୪।୩: ଆଫଗାନିସ୍ତାନ ଓ ପାକିସ୍ତାନ ମଧ୍ୟରେ ସୀମା ବିବାଦ ଏବେ ଏକ ଭୟଙ୍କର ରୂପ ଧାରଣ କରିଛି। ପାକିସ୍ତାନ ବାୟୁସେନା ପକ୍ଷରୁ ଆଫଗାନିସ୍ତାନର ବିଭିନ୍ନ ଅଞ୍ଚଳରେ କରାଯାଇଥିବା ସାଂଘାତିକ ଏୟାରଷ୍ଟ୍ରାଇକର କଡ଼ା ଜବାବ ଦେଇଛି ତାଲିବାନ ଶାସିତ ଆଫଗାନିସ୍ତାନ ପ୍ରତିରକ୍ଷା ମନ୍ତ୍ରଣାଳୟ। ଆଫଗାନିସ୍ତାନର ପାଲଟା ଆକ୍ରମଣରେ ଅତିକମରେ ୧୪ ଜଣ ପାକିସ୍ତାନୀ ସୈନ୍ୟ ନିହତ ହୋଇଥିବା ଦାବି କରାଯାଇଛି। ସୂଚନା ଅନୁଯାୟୀ, ଗତକାଲି ପାକିସ୍ତାନୀ ଯୁଦ୍ଧବିମାନଗୁଡ଼ିକ ଆଫଗାନିସ୍ତାନର ନଙ୍ଗରହାର, କାନ୍ଦାହାର ଓ ପାକ୍ତିକା ଭଳି ପ୍ରମୁଖ ଅଞ୍ଚଳରେ ବୋମାମାଡ଼ କରିଥିଲେ। ଏହି ଆକ୍ରମଣରେ ଅନେକ ସାଧାରଣ ନାଗରିକଙ୍କ ବାସଭବନକୁ ଟାର୍ଗେଟ୍ କରାଯାଇଥିବା ଅଭିଯୋଗ ହୋଇଛି, ଯେଉଁଥିରେ ମହିଳା ଓ ଶିଶୁଙ୍କ ସମେତ ଅନେକ ନିରୀହ ଲୋକ ପ୍ରାଣ ହରାଇଛନ୍ତି। ଏହାସହ ହଜ୍ ପାଇଁ ଇନ୍ଧନ ଡିପୋକୁ ମଧ୍ୟ କ୍ଷତି ପହଞ୍ଚିଛି। ଏହି ଆକ୍ରମଣର ଜବାବରେ ଅଫଗାନିସ୍ତାନର ପ୍ରତିରକ୍ଷା ମନ୍ତ୍ରଣାଳୟ ପାକିସ୍ତାନୀ ସେନାର ସ୍ଥିତି ଉପରେ ଜବାବୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି।ଏହି ସଂଘର୍ଷ ଉଭୟ ଦେଶ ମଧ୍ୟରେ ଦୀର୍ଘ ସମୟରୁ ଚାଲି ଆସିଥିବା ବିବାଦ , ବିଶେଷକରି ତାଲିବାନ ପକ୍ଷରୁ ପାକିସ୍ତାନୀ ଆତଙ୍କୀଙ୍କ ଶରଣ ଦେବାର ଅଭିଯୋଗର ଫଳାଫଳ। ଆଫଗାନିସ୍ତାନର ପ୍ରତିରକ୍ଷା ମନ୍ତ୍ରଣାଳୟ ବିବୃତ୍ତି ଜାରି କରି କହିଛି ଯେ, କୁନାର ଓ ନଙ୍ଗରହାର ପ୍ରାନ୍ତରେ ଅପରେସନ ବେଳେ ପାକିସ୍ତାନୀ ସାମରିକ ଆଡ୍ଡା ଉପରେ ଆକ୍ରମଣ କରାଯାଇଛି। ଆଫଗାନ ବାହିନୀ ଦାବି କରିଛନ୍ତି ଯେ, ଏହି କାର୍ଯ୍ୟାନୁଷ୍ଠାନରେ ୧୪ ଜଣ ପାକିସ୍ତାନୀ ସୈନିକଙ୍କ ମୃତ୍ୟୁ ହୋଇଥିବା ବେଳେ , ୧୧ ଆହତ ହୋଇଛନ୍ତି , ଗୋଟିଏ ଆର୍ମର୍ଡ଼ ଟ୍ୟାଙ୍କ୍ ଓ ଗୋଟିଏ ଇଣ୍ଟରନ୍ୟାସନାଲ ଗାଡ଼ି ସଂପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଇଛି।

## ଯମଜ ଭଉଣୀକୁ ୮୪ ଥର ଛୁରିଭୁସି ହତ୍ୟା

ମୋରାଦାବାଦ, ୧୪।୩: ଉତ୍ତରପ୍ରଦେଶର ମୋରାଦାବାଦରେ ଜଣେ ଯୁବ ଇଞ୍ଜିନିୟର ନିଜ ଯମଜ ଭଉଣୀଙ୍କୁ ୮୪ ଥର ଛୁରି ଭୁସି ହତ୍ୟା କରିବା ପରି ଜଘନ୍ୟକାଣ୍ଡ ଘଟାଇବା ପରେ ମା'ଙ୍କୁ ମଧ୍ୟ ଆକ୍ରମଣ କରି ଗୁରୁତର କରିଦେଇଛନ୍ତି। ସାମାଜିକ ଗଣମାଧ୍ୟମ ଓ ପ୍ରେମ ସମ୍ପର୍କରୁ ଦୂରେଇ ରହି କ୍ୟାରିୟର ଉପରେ ଧ୍ୟାନ ଦେବାକୁ ମା' ଓ ଭଉଣୀଙ୍କ ପରାମର୍ଶରେ ଅତିଷ୍ଠ ହୋଇପଡ଼ିଥିଲେ ୨୫ ବର୍ଷୀୟ ହାର୍ଦ୍ଦିକ। ହାର୍ଦ୍ଦିକ ଓ ତାଙ୍କ ଭଉଣୀ ହିମାଶିଖା ଉଭୟ ଇଞ୍ଜିନିୟର। ଗୁରୁଗ୍ରାମର ଏକ କମ୍ପାନିରେ ଉଭୟ କାମ କରୁଥିଲେ। ହିମାଶିଖା ଇଞ୍ଜିନିୟରିଂ ସହିତ ଏମ୍ବିଏ ମଧ୍ୟ କରୁଥିଲେ। କିନ୍ତୁ ହାର୍ଦ୍ଦିକ ଚାକିରି ଛାଡ଼ି ଘରେ ବସି ବସି ସାମାଜିକ ଗଣମାଧ୍ୟମରେ ଅଧିକ ସମୟ ବିତାଉଥିଲେ। ମୋବାଇଲ ଫୋନରେ କାହା ସହିତ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଟିଂ କରୁଥିଲେ। ପରିବାର ଲୋକ ତାଙ୍କ ବ୍ୟବହାର ପରିବର୍ତ୍ତନ ଦେଖିଥିଲେ। ପୁଲିସ ତଦନ୍ତରୁ ହାର୍ଦ୍ଦିକ ସାମାଜିକ ଗଣମାଧ୍ୟମରେ ପୁଣେର ଜଣେ ମୁସଲମାନ ମହିଳାଙ୍କ ସହିତ ଚାଟିଂ କରୁଥିବା ଓ ତାଙ୍କୁ ବିବାହ କରିବାକୁ ଚାହୁଁଥିବା ଜାଣିବାକୁ ପାଇଛି। ହାର୍ଦ୍ଦିକଙ୍କୁ ଏସବୁ ଦୂରେଇବା ପାଇଁ ମା' ନିଳିମା ଓ ଭଉଣୀ ବହୁ ସମୟ ବୁଝାସୁଝା କରୁଥିଲେ। ମାର୍ଚ୍ଚ ୬ ତାରିଖରେ ଭାଇଭଉଣୀ କଥାବାର୍ତ୍ତା ହେଉଥିବାବେଳେ ଦୁଇ ଜଣଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ହାର୍ଦ୍ଦିକ ପରିବା କଟା ଛୁରିରେ ଉଭଣୀ ହିମାଶିଖାଙ୍କୁ ଆକ୍ରମଣ କରିଥିଲେ। ତାଙ୍କର ମୃତ୍ୟୁ ହୋଇଥିବାବେଳେ ଶବ ବ୍ୟବଚ୍ଛେଦରୁ ହାର୍ଦ୍ଦିକ ଭଉଣୀକୁ ୮୪ ଥର ଛୁରାମାଡ଼ କରିଥିବା ଜଣାପଡ଼ିଥିଲା।

## ମା' ଦୁବାଇ ଆଇସିୟୁରେ: ସାହାଯ୍ୟ ପାଇଁ ଗୁହାରି କଲେ ଭାରତୀୟ ଯୁବକ

ଦୁବାଇ, ୧୪।୩: ଯୁଦ୍ଧ ଯୋଗୁଁ ଘନ ଘନ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ମାଡ଼ରେ ଦୁବାଇର ବ୍ୟସ୍ତବହୁଳ ଜନଜୀବନ ଥମି ଯାଇଛି। ଥିଲକକୁମାର ଜଲାଥୁ ଅନିରୁଥରାଜ ଓ ତାଙ୍କ ପତ୍ନୀ ଶ୍ୟାମିନି ରମେଶ ଆଠ ବର୍ଷ ପୂର୍ବେ ଉନ୍ନତ ଜୀବନ ଆଶାରେ ତାମିଲନାଡୁରୁ ଦୁବାଇ ଚାଲି ଯାଇଥିଲେ। ବର୍ତ୍ତମାନ ଥିଲକକୁମାର ଯୁଦ୍ଧ ଯୋଗୁଁ ନିଜ ମା'କୁ ବଞ୍ଚେଇବା ପାଇଁ ସଂଘର୍ଷ କରୁଛନ୍ତି। ଥିଲକକୁମାରଙ୍କ ମା' ୪୦ ଦିନ ହେଲା ଆଇସିୟୁରେ ଅଛନ୍ତି। ଦୁବାଇ ନିଜ ପିଲାଙ୍କ ପାଖକୁ ବୁଲିବାକୁ ଯାଇଥିବାବେଳେ ଜୀବାଣୁଜନିତ ଗମ୍ଭୀର ସଂକ୍ରମଣରେ ପୀଡ଼ିତ ହୋଇ ସେ ଭେଣ୍ଟିଲେଷ୍ଟରରେ ଅଛନ୍ତି। ଆହୁରି ଦୁଇ ମାସ ତାଙ୍କ ମା'କୁ ଭେଣ୍ଟିଲେଟର ରହିବାକୁ ପଡ଼ିବ ବୋଲି ଡାକ୍ତର କହିଥିବା ଥିଲକକୁମାର କହିଛନ୍ତି। ହସ୍ପିଟାଲରେ ଦିନକୁ ୩ ଲକ୍ଷ ଟଙ୍କାର ବିଲ୍ ଆସୁଛି। ଏପର୍ଯ୍ୟନ୍ତ ମୋଟ ବିଲ ୧ କୋଟି ୨୫ ଲକ୍ଷ ଟଙ୍କା ହେଲାଣି। ଜଣେ ବେତନଭୋଗୀଙ୍କ ପାଇଁ ଏତେ ଟଙ୍କା ଖର୍ଚ୍ଚ କରିବା ଖୁବ୍ କଷ୍ଟକର ହୋଇପଡ଼ିଛି। ମା' ତାଙ୍କୁ ଏକୁଟିଆ ବଡ଼ କରିବାରେ ଅନେକ କଷ୍ଟ ସହିଥିବାରୁ ସେ ଭାରତକୁ ଆଣି ତାଙ୍କର ଚିକିତ୍ସା କରିବାକୁ ଚାହୁଁଛନ୍ତି।

## ଜେଲରୁ ବାହାରିବେ ସୋନମ ୱାଙ୍ଗଚୁକ୍



ନୂଆଦିଲ୍ଲୀ, ୧୪।୩: ପରିବେଶବିତ୍ ତଥା ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କ ମୁକ୍ତି ନେଇ ସରକାରଙ୍କ ବଡ଼ ନିଷ୍ପତ୍ତି। ୧୭୦ ଦିନ ପରେ ଗୃହମନ୍ତ୍ରଣାଳୟ ତାଙ୍କୁ ମୁକ୍ତ କରିବାର ନିଷ୍ପତ୍ତି ନେଇଛି। ସରକାର ରାଷ୍ଟ୍ରୀୟ ସୁରକ୍ଷା ଅଧିନିୟମ ଅନୁସାରେ ୱାଙ୍ଗଚୁକଙ୍କୁ ମୁକ୍ତ କରିବେ। ଯାହାକି ଲଦାଖରେ ଉତ୍ତେଜନା କମ୍ କରିବା ଓ ଆଲୋଚନାକୁ ଆଗକୁ ବଢ଼ାଇବା ଦିଗରେ ଏକ ବଡ଼ ପଦକ୍ଷେପ ବୋଲି ମନେକରାଯାଉଛି। ଉଲ୍ଲେଖନୀୟ ଯେ, ସୋନମ ୱାଙ୍ଗଚୁକଙ୍କୁ ଗତ ବର୍ଷ ଲେହରେ ହୋଇଥିବା ହିଂସାତ୍ମକ ପ୍ରଦର୍ଶନ ପରେ କଷ୍ଟଡିରେ ନିଆଯାଇଥିଲା। ତାଙ୍କର ମୁକ୍ତିକୁ ନେଇ ବର୍ତ୍ତମାନ ବିରୋଧି ଦଳ ସ୍ୱର ଉତ୍ତୋଳନ କରିଛନ୍ତି। ଲେହ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶରେ ଗତ ବର୍ଷ ୨୬ ସେପ୍ଟେମ୍ବର ୨୦୨୫ରେ ୱାଙ୍ଗଚୁକଙ୍କୁ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ଅଧୀନରେ ଅଟକ ରଖାଯାଇଥିଲା। ୨୪ ସେପ୍ଟେମ୍ବରରେ ଲେହରେ ହିଂସାତ୍ମକ ପ୍ରତିବାଦ ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା, ଯେଉଁଥିରେ ୪ ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା ଏବଂ ଅନେକ ଆହତ ହୋଇଥିଲେ। ଏହି ପ୍ରତିବାଦ ଲଦାଖକୁ ରାଜ୍ୟ ମାନ୍ୟତା, ଷଷ୍ଠ ଅନୁସୂଚୀରେ ଅନ୍ତର୍ଭୁକ୍ତ କରିବା, ଭୂମି ଅଧିକାର, ଚାକିରି ଏବଂ ସାମ୍ବିଧାନିକ ସୁରକ୍ଷା ଦାବି କରି ହୋଇଥିଲା। ଗୃହମନ୍ତ୍ରଣାଳୟ ଏନ୍‌ଏସଏର ଶକ୍ତି ବ୍ୟବହାର କରି ସୋନମ ୱାଙ୍ଗଚୁକଙ୍କ ବିନା କୌଣସି ସର୍ତ୍ତରେ ତୁରନ୍ତ ମୁକ୍ତି କରିବାର ନିର୍ଦ୍ଦେଶ ଦେଇଛନ୍ତି। ଏବେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଜାତୀୟ ସୁରକ୍ଷା ଆଇନ ର କ୍ଷମତା ବ୍ୟବହାର କରି ସୋନମ ୱାଙ୍ଗଚୁକଙ୍କୁ ତୁରନ୍ତ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛି।

## ଉତ୍ତର କୋରିଆର ମିସାଇଲ୍ ବର୍ଷା

ନୂଆଦିଲ୍ଲୀ, ୧୪/୩ : ମଧ୍ୟପ୍ରାଚ୍ୟ ମହାଯୁଦ୍ଧ ଭିତରେ ଆଉ ଏକ ଯୁଦ୍ଧର ପଦଧ୍ୱନି। ଆମେରିକା,ଇସ୍ରାଏଲ୍-ଇରାନ ଯୁଦ୍ଧ ମଧ୍ୟରେ ଉତ୍ତର କୋରିଆର ମିସାଇଲ୍ ବର୍ଷା। ୧୦ଟି ବାଲାଷ୍ଟିକ୍ ମିସାଇଲ୍ ମାଡ଼ କରି ଶକ୍ତି ପ୍ରଦର୍ଶନ କଲେ କିମ୍ ଜୋଙ୍ଗ ଉନ୍। ଦକ୍ଷିଣ କୋରିଆ ଏବଂ ଜାପାନ ଛାତି ଧଡ଼ଧଡ଼। କାହିଁକି କ୍ଷେପଣାସ୍ତ୍ର ବର୍ଷା କଲା ଉତ୍ତର କୋରିଆ। ତେବେ ୧୫ ଦିନ ହେଲା ଆମେରିକା,ଇସ୍ରାଏଲ୍-ଇରାନ ଯୁଦ୍ଧରେ ମଧ୍ୟପ୍ରାଚ୍ୟ ଜଳୁଛି। ଏହି ମଧ୍ୟରେ ଉତ୍ତର କୋରିଆ ଶନିବାର ପୂର୍ବତଟରେ ୧୦ଟି ବାଲାଷ୍ଟିକ୍ ମିସାଇଲ୍ ପରୀକ୍ଷଣ କରିଛି। ଏହା ପୂର୍ବରୁ ଜାନୁଆରୀ ୨୭ରେ କିମ୍ ଜୋଙ୍ଗ ମିସାଇଲ୍ ପରୀକ୍ଷଣ କରିଥିଲେ। ଏହା ନର୍ଥ କୋରିଆର ତୃତୀୟ ପରୀକ୍ଷଣ ବୋଲି କୁହାଯାଉଛି। ଦକ୍ଷିଣ କୋରିଆର ଜଏଣ୍ଟ୍ ଚିଫସ୍ ଅଫ୍ ଷ୍ଟାଫ୍ ଏନେଇ ସ୍ପଷ୍ଟ କରିଛି। ଜାପାନ ସରକାର ମଧ୍ୟ ଘଟଣା ଉପରେ ନଜର ରଖିଛନ୍ତି। ଟୋକିଓର କୋଷ୍ଟ୍ ଗାର୍ଡ ମଧ୍ୟ ଏନେଇ ସ୍ପଷ୍ଟ କରିଛି । ଦକ୍ଷିଣ କୋରିଆ ଏବଂ ଆମେରିକା ଏବେ ବାର୍ଷିକ ବସନ୍ତ ସାମରିକ ଅଭ୍ୟାସ ଫ୍ରିଡମ ସିଲ୍ଡରେ ବ୍ୟସ୍ତ ଅଛନ୍ତି।

## ଟିଏମ୍‌ସି- ବିଜେପି କର୍ମୀ ମୁହାଁମୁହିଁ; ୩୦ଆହତ




କୋଲକାତା, ୧୪।୩: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଅପରାହ୍ଣରେ ପଶ୍ଚିମବଙ୍ଗ ଗସ୍ତରେ ଯାଇ କୋଲକାତାର ବ୍ରିଗେଡ ପରେଡ ଗ୍ରାଉଣ୍ଡରେ ବିଜେପିର ପରିବର୍ତ୍ତନ ଯାତ୍ରା ରାଲିକୁ ସମ୍ବୋଧିତ କରିଥିଲେ। ଏହାପୂର୍ବରୁ ପରେଡ ଗ୍ରାଉଣ୍ଡଠାରୁ ୩ କିମି ଦୂର ଗିରିଶ ପାର୍କଠାରେ ତୃଣମୂଳ କଂଗ୍ରେସ ଓ ବିଜେପି କର୍ମୀ ମୁହାଁମୁହିଁ ହୋଇଥିଲେ। ଏହି ଘଟଣାରେ ଦୁଇ ପକ୍ଷର ୩୦ରୁ ଅଧିକ କର୍ମୀ ଆହତ ହୋଇଛନ୍ତି। ବିଜେପି ସମର୍ଥକମାନେ କହିଛନ୍ତି ଯେ, ସେମାନେ ମୋଦିଙ୍କ ସମର୍ଥନରେ ସ୍ଲୋଗାନ ଦେଇ ରାଲି ହେଉଥିବା ସ୍ଥାନକୁ ଯାଉଥିବା ସମୟରେ ହଠାତ୍ ସେମାନଙ୍କ ଉପରକୁ ପଥର ମାଡ଼ ହୋଇଥିଲା। ଏପରିକି ସେମାନଙ୍କୁ ଗାଳିଗୁଲଜ କରାଯାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ ଦୁଇ ଦଳର କର୍ମୀ ପରସ୍ପର ଉପରକୁ ପଥର ମାଡ଼ କରିବା ସହିତ ନାରାବାଜି କରୁଥିଲେ। ଦୁଇ ଦଳର କର୍ମୀଙ୍କ ମଧ୍ୟରେ ସଂଘର୍ଷରେ ଅନେକ ଗାଡ଼ି ନଷ୍ଟ ହୋଇଛି।

## ନିଶାମୁକ୍ତ ପଞ୍ଜାବ ଗଢ଼ିବାକୁ ବିଜେପିକୁ ଗୋଟିଏ ସୁଯୋଗ ଦିଅ: ଶାହ



ମୋଗା, ୧୪।୩: ପଞ୍ଜାବରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ବିଜେପି ଏବେଠାରୁ ରାଜ୍ୟରେ ପ୍ରଚାର ଅଭିଯାନ ଆରମ୍ଭ କରିଦେଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶନିବାର ଏଠାରେ ପ୍ରଚାର ଅଭିଯାନ ଆରମ୍ଭ କରି ଲୋକମାନଙ୍କୁ ୨୦୨୭ ବିଧାନସଭା ନିର୍ବାଚନରେ ବିଜେପିକୁ କ୍ଷମତାକୁ ଆଣିବାକୁ ନିବେଦନ କରିଛନ୍ତି। ଶାହ କହିଛନ୍ତି, ଯଦି ପଞ୍ଜାବକୁ କେହି ନିଶାମୁକ୍ତ କରିପାରନ୍ତି ସେ ହେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ଦଳ। ଆଜି ପଞ୍ଜାବ ରଣଗ୍ରସ୍ତ, ଡ୍ରଗ୍ସ, ଧର୍ମାନ୍ତରୀକରଣ, ଦୁର୍ନୀତି ଓ ଗ୍ୟାଙ୍ଗଷ୍ଟରଙ୍କ ଆତଙ୍କରେ ପୀଡ଼ିତ। ମୋଗାର କିଲି ଚାହଲାନ୍ ଗାଁରେ 'ପରିବର୍ତ୍ତନ' ରାଲିକୁ ସମ୍ବୋଧିତ କରି ଶାହ କହିଛନ୍ତି, ପଞ୍ଜାବର ଲୋକମାନେ କଂଗ୍ରେସ ପାର୍ଟି, ଅକାଳି ଦଳ ଓ ଆମ ଆଦମୀ ପାର୍ଟିକୁ ଅନେକ ସୁଯୋଗ ଦେଇଛନ୍ତି। ଏବେ ସେମାନେ ବିଜେପିକୁ ଗୋଟିଏ ସୁଯୋଗ ଦେବେ କି ? ଆମେ ପଞ୍ଜାବରେ ପରିବର୍ତ୍ତନ ଆଣିବୁ। ଶାହ କହିଛନ୍ତି, ଭଗବନ୍ତ ମାନଙ୍କ ସରକାର ଦୁର୍ନୀତିରେ ବୁଡ଼ି ରହିଛି। ଏହା ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ ପାଇଁ 'ଏଟିଏମ୍'ରେ ପରିଣତ ହୋଇଛି ।ଶାହ କହିଛନ୍ତି, ୨୦୨୭ରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ମୋଗାରୁ ବିଜେପି ଏହାର ପ୍ରଚାର ଅଭିଯାନ ଆରମ୍ଭ କରିଛି। ତାଙ୍କ ପାର୍ଟି ପାଇଁ ପଞ୍ଜାବର ଲୋକମାନଙ୍କ ସମର୍ଥନ ଲୋଡ଼ିବାକୁ ଚାହୁଁଛି। ପୂର୍ବରୁ ଅକାଳୀ ଦଳ ସହିତ ମିଶି ସେମାନେ ରାଜ୍ୟରେ ସରକାର ଗଢ଼ିଥିଲେ। ଏବେ ବିଜେପି ନିଜର ସରକାର ଗଢ଼ିବାକୁ ଲଢ଼ିବ ବୋଲି ଅମିତ ଶାହ କହିଥିଲେ। ପଞ୍ଜାବର ରାଜନୈତିକ ଦୃଷ୍ଟିରୁ ମୋଗା ଗୁରୁତ୍ୱପୂର୍ଣ୍ଣ ମାଲୱା କ୍ଷେତ୍ର ଅଧୀନରେ ଆସୁଛି। ଏଥି ଅଧୀନରେ ରାଜ୍ୟର ୧୧୭ ବିଧାନସଭା ଆସନ ମଧ୍ୟରୁ ୬୯ ଟି ଆସନ ଆସୁଛି।

## ମଧ୍ୟପ୍ରାଚ୍ୟ ମହାଯୁଦ୍ଧ

# ଯୁଦ୍ଧରେ ହାରିବା ପରେ ଏବେ ସାଲିସ କରିବାକୁ ଚାହୁଁଛି ଇରାନ: ଟ୍ରମ୍ପ



ୱାଶିଂଟନ, ୧୪।୩: ଶନିବାର ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷର ୧୫ତମ ଦିନ। ଆମେରିକା ତେହେରାନ ଉପରେ ନିରନ୍ତର ଆକ୍ରମଣ ଆରମ୍ଭ କରୁଛି। ଏହି ମଧ୍ୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପକ୍ଷରୁ ଏକ ପ୍ରମୁଖ ବିବୃତ୍ତି ପ୍ରକାଶ ପାଇଛି। ବିଶେଷକରି, ଟ୍ରମ୍ପ ଦାବି କରିଛନ୍ତି ଯେ ଇରାନ ଦେଶ ବିରୁଦ୍ଧରେ ଆମେରିକା-ଇସ୍ରାଏଲର ମିଳିତ ସାମରିକ ଅଭିଯାନରେ 'ସମ୍ପୂର୍ଣ୍ଣ ପରାସ୍ତ' ହୋଇଛି, ଏବଂ ଏହା ଏବେ ଏକ ଚୁକ୍ତି ଖୋଜୁଛି – ଯାହା ସେ ଗ୍ରହଣ କରିବେ ନାହିଁ – ଏପରିକି ଇରାନୀ ଅଧିକାରୀମାନେ ଯୁଦ୍ଧ ଜାରି ରଖିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତାଙ୍କ ଟ୍ରୁଥ ସୋସିଆଲ ପ୍ଲାଟଫର୍ମରେ ଏକ ପୋଷ୍ଟରେ, ରାଷ୍ଟ୍ରପତି ଟ୍ରମ୍ପ ଦାବି କରିଛନ୍ତି ଯେ ଇରାନ ଏହି ସଂଘର୍ଷରେ ସମ୍ପୂର୍ଣ୍ଣ ପରାଜୟ ପାଇଛି ଏବଂ ବର୍ତ୍ତମାନ ଏକ ସମାଧାନ ପାଇଁ ଆଲୋଚନା କରିବାକୁ ଚାହୁଁଛି; ତଥାପି, ସେ କହିଛନ୍ତି ଯେ ଇରାନ ଏପରି ସର୍ତ୍ତାବଳୀ ଖୋଜୁଛି ଯାହାକୁ ସେ ଗ୍ରହଣ କରିବେ ନାହିଁ। ଏହା ବ୍ୟତୀତ, ଟ୍ରମ୍ପ ଗଣମାଧ୍ୟମକୁ ଏହି ଘଟଣା ସମ୍ପର୍କରେ ରିପୋର୍ଟ କରିବାକୁ ଅନିଚ୍ଛୁକ ବୋଲି ଅଭିଯୋଗ କରି ସମାଲୋଚନା କରିଛନ୍ତି। ତାଙ୍କ ପୋଷ୍ଟରେ, ଆମେରିକାର ରାଷ୍ଟ୍ରପତି ଲେଖିଛନ୍ତି: 'ଇରାନ ବିରୁଦ୍ଧରେ ଆମେରିକୀୟ ସେନାର ଚମତ୍କାର ପ୍ରଦର୍ଶନ ବିଷୟରେ ରିପୋର୍ଟ କରିବାକୁ ଫେକ ନ୍ୟୁଜ ମିଡିଆ ଅନିଚ୍ଛୁକ, ଯଦିଓ ଇରାନ ସମ୍ପୂର୍ଣ୍ଣ ଭାବରେ ପରାଜିତ ହୋଇଛି ଏବଂ ଏକ ଚୁକ୍ତି ଚାହୁଁଛି – କିନ୍ତୁ ଏକ ଚୁକ୍ତି ଯାହାକୁ ମୁଁ ଗ୍ରହଣ କରିବି ନାହିଁ। ଏହି ବିଷୟରେ ଆପଣଙ୍କ ଧ୍ୟାନ ପାଇଁ ଧନ୍ୟବାଦ।' କିଛି ଘଣ୍ଟା ପୂର୍ବରୁ, ରାଷ୍ଟ୍ରପତି ଟ୍ରମ୍ପ ଟ୍ରୁଥ ସୋସିଆଲରେ ଆଉ ଏକ ବାର୍ତ୍ତା ପୋଷ୍ଟ କରିଥିଲେ, ଯେଉଁଥିରେ ସେ ଦୃଢ଼ ଭାବରେ କହିଥିଲେ ଯେ ଇରାନ ସମଗ୍ର ମଧ୍ୟପ୍ରାଚ୍ୟର ନିୟନ୍ତ୍ରଣ ଦଖଲ କରିବା ଏବଂ ଇସ୍ରାଏଲକୁ ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ କରିବା ପାଇଁ ମହତ୍ତ୍ୱାକାଂକ୍ଷା ପୋଷଣ କରିଛି। ତାଙ୍କ ପୋଷ୍ଟରେ, ଟ୍ରମ୍ପ ଲେଖିଛନ୍ତି: 'ଇରାନର ଯୋଜନା ଥିଲା ସମଗ୍ର ମଧ୍ୟପ୍ରାଚ୍ୟକୁ ଦଖଲ କରିବା ଏବଂ ଇସ୍ରାଏଲକୁ ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ କରିବା। ଇରାନ ପରି, ସେମାନଙ୍କର ସେହି ଯୋଜନା ଏବେ ଶେଷ ହୋଇଛି।

## ଯୁଦ୍ଧ ଭିତରେ ୪୦ ପ୍ରତିଶତ ବଢ଼ିଲାଣି ଅଶୋଧିତ ତୈଳ ମୂଲ୍ୟ

ନୂଆଦିଲ୍ଲୀ, ୧୪।୩: ଅନ୍ତରାଷ୍ଟ୍ରୀୟ ବଜାରରେ ଗତ ୧୫ ଦିନ ଭିତରେ ଅଶୋଧିତ ତୈଳ ମୂଲ୍ୟ ୪୦ ପ୍ରତିଶତ ବୃଦ୍ଧି ପାଇଛି । ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଭିତରେ ପଶ୍ଚିମ ଏସିଆରେ ଶକ୍ତି ସଂକଟ ଏବେ ସୀମା ଟପିଛି । ବିଶେଷ କରି ହର୍ମୋଜରେ ଇରାନ ତୈଳ ଓ ଗ୍ୟାସ ଟ୍ୟାଙ୍କରଗୁଡିକ ଅଟକାଇବା ପରେ ବିଶ୍ୱ ତୈଳ ବଜାର ବିଶେଷ କରି ଏସିଆ ମହାଦେଶର ଦେଶଗୁଡିକ ଉପରେ ଏହାର ଗମ୍ଭୀର ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଛି। ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଅର୍ଥାତ ଫେବୃଆରୀ ୨୭ ତାରିଖରେ ଅନ୍ତରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପ୍ରତି ୭୩ ଡଲାର ଥିଲା । ହେଲେ ଆଜି ସୁଦ୍ଧା ଏହାର ଦାମ ୧୦୩ ଡଲାରରେ ପହଞ୍ଚିସାରିଛି । ଅର୍ଥାତ ୧୫ ଦିନ ମଧ୍ୟରେ ବ୍ୟାରେଲ ପ୍ରତି ଦାମ ୩୦ ଡଲାର ବୃଦ୍ଧି ପାଇଛି। ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ୨୮ ଫେବୃଆରୀରୁ ଉଗ୍ରରୂପ ନେଇଥିଲା । ଯେତେବେଳେ ଆମେରିକା ଓ ଇସ୍ରାଏଲର ମିଳିତ ସେନା ଇରାନର ସେନା ଠିକଣାରେ ଜୋରଦାର ଆକ୍ରମଣ କରିଥିଲେ । ସେପଟେ ତୈଳ ବଜାରକୁ ନେଇ ବିଶେଷଜ୍ଞମାନେ ଅନୁମାନ କରିଛନ୍ତି କି, ଆଗାମୀ ଦିନରେ ଏହା ଭୟଙ୍କର ହେବାକୁ ଯାଉଛି । ଏନରିଚ୍ ମନିର ସିଇଓ ପୋନମୁଡି ଆର କହିଛନ୍ତି କି, ଆଗାମୀ ସପ୍ତାହରେ ତୈଳଦର ଆଶାତୀତ ଭାବେ ବୃଦ୍ଧି ପାଇବ ।

## ଆମେରିକାର 'ତୈଳ ଭଣ୍ଡାର'କୁ ଜାଳି ପାଉଁଶ କରି ଦେବୁ': ଇରାନ



ନୂଆଦିଲ୍ଲୀ, ୧୪।୩: ଇରାନ ବିରୋଧରେ ଆମେରିକା-ଇସ୍ରାଏଲର ୧୪ଦିନ ଧରି ଯୁଦ୍ଧ ଜାରି ରହିଛି। ଏହା ଭିତରେ ସାରା ଦୁନିଆରେ ଦେଖାଯାଇଛି ଶକ୍ତି ସଙ୍କଟ। ଏସବୁ ଭିତରେ ଆମେରିକାକୁ ଏବେ ଇରାନ ଦେଇଛି ଧମକ। ସେ କହିଛି ଏଥର ଆମେରିକାର 'ତୈଳ ଭଣ୍ଡାର' ଉପରେ ଆକ୍ରମଣ କରି ପାଉଁଶ କରିଦେବୁ। ଅନ୍ୟପକ୍ଷେ ଆମେରିକା ରାଷ୍ଟ୍ରପତି ଡୋନାଲଡ୍ଡ ଟ୍ରମ୍ପ କହିଛନ୍ତି, ଯଦି ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ଜାହାଜର ସୁରକ୍ଷିତ ଗତିବିଧି ବାଧାପ୍ରାପ୍ତ ହେଲେ ଇରାନର ସର୍ବବୃହତ ତୈଳ ରପ୍ତାନି କେନ୍ଦ୍ର 'ଖାର୍ଗ ଦ୍ୱୀପ'କୁ ସମ୍ପୂର୍ଣ୍ଣ ଧ୍ୱଂସ କରିବୁ। ୨୮ ଫେବୃଆରୀରେ ଆମେରିକା ଓ ଇସ୍ରାଏଲ ଇରାନ ଉପରେ ଆକ୍ରମଣ ଆରମ୍ଭ କରିଛନ୍ତି। ପ୍ରଥମ ଦିନ ହିଁ ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମେନେଇଙ୍କ ମୃତ୍ୟୁ ହୋଇଥିଲା। ସେବେଠାରୁ ଏପର୍ଯ୍ୟନ୍ତ ଆମେରିକା-ଇସ୍ରାଏଲ ଇରାନରେ ୧୫,୦୦୦ରୁ ଅଧିକ ଆଡ୍ଡା ଉପରେ ଆକ୍ରମଣ କରିସାରିଛି। ଇସ୍ରାଏଲ ଏକାକୀ ୭୬୦୦ ଆକ୍ରମଣ କରିଛି, ଯେଉଁଥିରେ ଅଧିକାଂଶଇରାନ ମିସାଇଲ କାର୍ଯ୍ୟକ୍ରମକୁ ଟାର୍ଗେଟ କରିଛି ।ଇରାନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁସାରେ, ୧୨୦୦ରୁ ଅଧିକ ଲୋକ ମୃତ୍ୟୁ ହୋଇଛନ୍ତି।

### ବେଲଗୁଣ୍ଠା ପୋଲିସର ବଡ଼ ଧରଣର ଚଢ଼ାଉ

# ବିପୁଳ ପରିମାଣର ବିସ୍ଫୋରକ ଜବତ: ଦୁଇ ଗିରଫ




ବେଲଗୁଣ୍ଠା(ନିପ୍ର): ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଥାନା ପୋଲିସକୁ ଏକ ବଡ଼ ଧରଣର ସଫଳତା ମିଳିଛି । ଶନିବାର ସକାଳୁ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବେଲଗୁଣ୍ଠା ଥାନାର ରେବତୀ ଶବରଙ୍କ ନେତୃତ୍ୱରେ ପୋଲିସ ଟିମ୍ ବରଗାଁ ଗ୍ରାମର ବଡ଼ସାହିରେ ଆଜି ସକାଳ ୮.୩୦ରେ ଅତର୍କିତ ଚଢ଼ାଉ କରିଥିଲେ । ସେଠାରେ ପୋଲିସ ବିପୁଳ ପରିମାଣର ବେଆଇନ ବିସ୍ଫୋରକ ସାମଗ୍ରୀ ଜବତ କରିବା ସହ ଦୁଇ ଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଛି । ଗିରଫ ହୋଇଥିବା ଅଭିଯୁକ୍ତ ଦ୍ୱୟ ହେଲେ ସେହି ଗ୍ରାମର କଂଗ୍ରେସ ଜେନାଙ୍କ ଦୁଇ ପୁଅ ଶଙ୍କର ଜେନା (୩୮) ଏବଂ ସାଗର ଜେନା (୨୮) । ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ କୌଣସି ବଡ଼ ଧରଣର ବେଆଇନ କାର୍ଯ୍ୟ କିମ୍ବା ଅନ୍ୟ କୌଣସି କାର୍ଯ୍ୟ ପାଇଁ ଏହି ବିସ୍ଫୋରକଗୁଡ଼ିକୁ ମହଜୁଦ ରଖିଥିବା ସନ୍ଦେହ କରାଯାଉଛି । ଜବତ ସାମଗ୍ରୀ ମଧ୍ୟରେ ୮ଟି ପ୍ୟାକେଟ ଆମୋନିୟମ ନାଇଟ୍ରେଟ ରହିଛି, ଯେଉଁଥିରୁ ପ୍ରତ୍ୟେକର ଓଜନ ପ୍ରାୟ ୫୦ କେଜିରୁ ଅଧିକ, ଏଥି ସହିତ ୫୯୯ଟି ଆଇଡିଆଲ ପାୱାର-୯୦ ଜେଲାଟିନ ଷ୍ଟିକ, ୧୫ ଟି କଏଲ ବ୍ଲାଷ୍ଟିଂ ତାର ଏବଂ ୧୧ କଏଲ ଡିଏଫଏ ତାର ରହିଛି ।ଏହି ଘଟଣାରେ ବେଲଗୁଣ୍ଠା ପୋଲିସ ନିଜ ଆଡୁ ୯୬/୨୬ ରେ ଗୋଟିଏ ମାମଲା ରୁଜୁକରି ଭାରତୀୟ ନ୍ୟାୟ ସଂହିତାର ୨୮୮/୩(୫) ଧାରା ଏବଂ ବିସ୍ଫୋରକ ସାମଗ୍ରୀ ଅଧିନିୟମର ଧାରା ୪/୫ ଅନୁସାରେ ତଦନ୍ତ ଚଳାଇଛି । ଅପରାହ୍ନରେ ଉଭୟ ଅଭିଯୁକ୍ତଙ୍କୁ ଭଞ୍ଜନଗର ଏସଡିଜେଏମ କୋର୍ଟକୁ ଚାଲାଣ କରାଯାଇଛି । ଏତେ ପରିମାଣର ବିପଜ୍ଜନକ ବିସ୍ଫୋରକ ଏହି ଅଞ୍ଚଳକୁ କେଉଁଠାରୁ ଆସିଲା ଏବଂ ଏହା ପଛରେ କୌଣସି ବଡ଼ ରାକେଟ୍ ସମ୍ପୃକ୍ତ ଅଛି କି ନାହିଁ, ସେ ନେଇ ପୋଲିସ ଅଧିକ ଛାନଭିନ୍ ଜାରି ରଖିଛି ବୋଲି ଥାନାଧିକାରୀ ରେବତୀ ଶବର ପ୍ରକାଶ କରିଛନ୍ତି ।

# ଦୋକାନରେ ପଶି ଚୋରି, ୩ ଗିରଫ

ଭୁବନେଶ୍ୱର(ନିପ୍ର): ଦୋକାନ ତାଲା ଭାଙ୍ଗି ଚୋରି କରିବା ଅଭିଯୋଗରେ ନୂଆପଲ୍ଲୀ ପୁଲିସ ୩ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଭାଗ୍ୟବାନ ବେହେରା, ଅର୍ଜ୍ଜୁନ ବେହେରା ଓ ଦୀପକ ନାୟକ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ଅଭିଯୋଗକାରୀ ଗୁରୁଦେବ ପାଇକରାୟ ବିବେକାନନ୍ଦ ହସ୍ପିଟାଲ ନିକଟରେ ଏକ ଚା ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି । ଗତ ୨୨.୦୨.୨୦୨୬ ରାତିରେ ସେ ଦୋକାନ ବନ୍ଦ କରି ତାଙ୍କ ଘରକୁ ଚାଲିଯାଇଥିଲେ । ସେହିଦିନ ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଅଭିଯୋଗକାରୀଙ୍କ ଚା ଦୋକାନରେ ପ୍ରବେଶ କରି ଭିତରେ ଥିବା ସାମଗ୍ରୀ ସବୁକୁ ଚୋରି କରି ନେଇଯାଇଥିଲେ । ତା ପରଦିନ ସକାଳେ ଅଭିଯୋଗକାରୀ ଦୋକାନ ଖୋଲିବାକୁ ଆସି ଦେଖିଲେ ଯେ, ଦୋକାନର ତାଲା ଭଙ୍ଗା ଯାଇ ତା ଭିତରୁ ବିକ୍ରି ଉପଯୋଗୀ ସାମଗ୍ରୀ ସବୁ ଚୋରୀ ହୋଇଯାଇଛି । ଚୋରି ହୋଇଥିବା ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୧୫,୦୦୦ ରୁ ୨୦,୦୦୦ ଟଙ୍କା ହେବ ବୋଲି ଅଭିଯୋଗକାରୀ ଉଲ୍ଲେଖ କରିଛନ୍ତି । ତଦନ୍ତ ସମୟରେ ଘଟଣା ସ୍ଥଳ ପାଖରେ ଥିବା ରୋହନ ମୋଟର୍ସ ନାମକ ସୋରୁମର ସିସିଟିଭି କ୍ୟାମେରା ଯାଞ୍ଚ କରାଯାଇଥିଲା । ସେଥିରେ ଦେଖାଗଲା ଯେ, ଘଟଣା ଦିନ ରାତିରେ ତିନିଜଣ ବ୍ୟକ୍ତି ଦୋକାନ ଭିତରକୁ ପ୍ରବେଶ କରିଥିଲେ ଏବଂ କିଛି ସମୟର ବ୍ୟବଧାନ ପରେ ହାତରେ ବ୍ୟାଗ ଧରି ଦୋକାନରୁ ବାହାରିଥିଲେ । ପରେ ସ୍ଥାନୀୟ ଲୋକଙ୍କ ଠାରୁ ତଦନ୍ତ କରି ଜଣାପଡ଼ିଲା ଯେ, ସେହି ତିନିଜଣ ଅଭିଯୁକ୍ତ ନୟାପଲ୍ଲୀ ଥାନା ଅଧୀନ ଗଣପତିନଗର ବସ୍ତି ବାସିନ୍ଦା । ମାମଲାର ତଦନ୍ତ ଚାଲିଥିବା ବେଳେ, ଆଜି ଏକ ବିଶ୍ୱସ୍ତ ସ୍ଥାନୀୟ ସୂତ୍ରରୁ ସୂଚନା ପାଇ ଆଇଡି ମାର୍କେଟ ଅଞ୍ଚଳରେ ଚଢ଼ଉ କରିବା ସହ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କ ହେପାଜତରେ ଏକ ମୋବାଇଲ ଫୋନ ଏବଂ ଅଭିଯୋଗକାରୀଙ୍କ ଦୋକାନରୁ ହୋଇଥିବା ଚୋରୀ ସାମଗ୍ରୀ ସବୁକୁ ଜବତ କରିଥିଲେ । ପଚରାଉଚରା ସମୟରେ ଅଭିଯୁକ୍ତ ମାନେ ଉପରୋକ୍ତ ମାମଲାରେ ସଂମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ ।

## ଚୋରା ମଦ ବେପାରୀଙ୍କୁ ୩ବର୍ଷ ଜେଲ୍ ଦଣ୍ଡାଦେଶ

ଟାଙ୍ଗୀ(ନିପ୍ର): ଚୋରା ମଦ ବିକ୍ରୀ କରୁଥିବା ଅଭିଯୋଗରେ ଜଣଙ୍କୁ ୩ବର୍ଷ ଜେଲ ଦଣ୍ଡ ସହ ୧୦,୦୦୦/- ଟଙ୍କା ଜୋରିମାନା ଶୁଣାଇଛନ୍ତି ଚିଲିକା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ । ସୂଚନାଯୋଗ୍ୟ ଯେ, ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଅବକାରୀ ଥାନା ପୋଲିସ୍ ଗତ ତା.୧୯/୦୧/୨୦୨୬ରିଖ ସକାଳ ୭ଘଣ୍ଟିକା ସମୟରେ ବାଲୁଗାଁ ଥାନା ଅନ୍ତର୍ଗତ ସୁବୁଦ୍ଧିପାଟଣା ଛକ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ରାମଚନ୍ଦ୍ର ସାହୁ ଏକ ଜରି ବ୍ୟାଗ୍‌ରେ ଆସ୍କାଫର୍ଟି ମଦ ଚୋରାରେ ବିକ୍ରୀ କରୁଥିବା ଖବରପାଇ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ରାମଚନ୍ଦ୍ର ସାହୁଙ୍କଠାରୁ ୩୨ଟି ଆସ୍କା ଫର୍ଟି ମଦ ବୋତଲ ଜବତ କରିଥିଲା ଯାହା ୬.୪ଲିଟର ହେବ । ତେବେ ଏ ନେଇ ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟରେ ୨(ଏ)ସି.ସି. ମାମଲା ନଂ-୨/୨୦୨୬ରେ ମାମଲା ରୁଜୁ ହୋଇଥିଲା । ଏହି ମାମଲାର ସାକ୍ଷ୍ୟ ପ୍ରମାଣକୁ ବିଚାର କରି ଚିଲିକା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ଅଭିଯୁକ୍ତ ରାମଚନ୍ଦ୍ର ସାହୁକୁ ଭାରତୀୟ ଦଣ୍ଡବିଧି ଆଇନର ୫୨(ଏ)(ଆଇ) ଦଫା ମତେ ୩ବର୍ଷ ଜେଲ୍ ଦଣ୍ଡାଦେଶ ୧୦,୦୦୦ ଟଙ୍କା ଜୋରିମାନା, ଜୋରିମାନା ଅନାଦେୟ ଅଧିକ ୬ମାସ ଜେଲ୍ ଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି । କୋର୍ଟଙ୍କ ଏହି ରାୟ ଆସିବା ପରେ ମଦ ବେପାରିମାନଙ୍କ ମନରେ ଛନକା ପଶିଥିବା ଚର୍ଚ୍ଚା ହେଉଛି । ଏହି ମାମଲାଟିକୁ ସରକାରଙ୍କ ତରଫରୁ ସରକାରୀ ଓକିଲ ପ୍ରଦୀପ୍ତ କୁମାର ନନ୍ଦ ଓ ହରେକୃଷ୍ଣ ଜଗଦେବ ପରିଚାଳନା କରିଥିଲେ ।

## ଖମ୍ବେଶ୍ୱରୀ ମନ୍ଦିରରୁ ଅଳଙ୍କାର ଲୁଟିନେଲେ ଦୁର୍ବୃତ୍ତ

ଆସିକା(ନିପ୍ର): ଲୁଟେରାଙ୍କ ଟାର୍ଗେଟରେ ବର୍ତ୍ତମାନ ଗଞ୍ଜାମ ଜିଲ୍ଲାର ବିଭିନ୍ନ ମନ୍ଦିର । କିଛିଦିନ ମଧ୍ୟରେ ଜିଲ୍ଲାର ଏକାଧିକ ମନ୍ଦିରରେ ଲୁଟେରା ଦାନ ହୁଣ୍ଡି ସହ ବିଭିନ୍ନ ଅଳଙ୍କାର ଲୁଟ କରିଥିବା ଘଟଣା ସାମ୍ନାକୁ ଆସିଥିବା ବେଳେ ଶନିବାର ପୁଣି ଆସିକା ଥାନା ଅଧୀନ ମାଆ ଖମ୍ବେଶ୍ୱରୀଙ୍କ ମନ୍ଦିରରୁ ହୋଇଛି ଲୁଟ । ମନ୍ଦିରରୁ ଗତକାଲି ବିଳମ୍ବିତ ରାତିରେ ଲୁଟ କରିଛନ୍ତି ଦୁର୍ବୃତ୍ତ । ମନ୍ଦିରର ପଛ ପାର୍ଶ୍ୱରୁ ଲୁଟେରାମାନେ ମନ୍ଦିର ଭିତରକୁ ପ୍ରବେଶ କରିଥିଲେ ଏବଂ ମାଆଙ୍କ ଗର୍ଭଗୃହ କବାଟ ଭାଙ୍ଗି ମାଆଙ୍କ ତିନୋଟି ଆଖି, ଆଖିର ଦୁଇଟି ଭୁଲତା ଗୋଟିଏ ନୋଥ, ଗୁଣା, କାନ ଲୁଟି ନେବା ସହ ମନ୍ଦିର ମଧ୍ୟରେ ସୁରକ୍ଷା ପାଇଁ ଲଗାଯାଇଥିବା ତିନୋଟି ସିସି ଟିଭି କ୍ୟାମେରା ତାର କାଟି ଦେଇଥିବା ଆସିକା ଥାନା ଅଧିକାରୀ ସୁଧୀର ସାହୁ ପ୍ରକାଶ କରିଛନ୍ତି । ଶନିବାର ସକାଳୁ ପୂଜକ ମନ୍ଦିରରେ ପହଞ୍ଚି ଗର୍ଭଗୃହ ତାଲା ଭଙ୍ଗା ଯାଇଥିବା ଦେଖି ମନ୍ଦିର କମିଟିକୁ ଖବର ଦେଇଥିଲେ । ମନ୍ଦିର କମିଟି ଚୋରି ସମ୍ବନ୍ଧରେ ଆସିକା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି । ପ୍ରକାଶ ଥାଉକି କିଛି ମାସ ମଧ୍ୟରେ ଆସିକା ଅଞ୍ଚଳର ବିଭିନ୍ନ ମନ୍ଦିରରୁ ଏହିଭଳି ଚୋରି ହୋଇଥିଲେ ମଧ୍ୟ ପୋଲିସକୁ କୌଣସି ସଫଳତା ମିଳିପାରିନାହିଁ । ଯାହାଫଳରେ ଲୁଟେରା ମାନେ ଅଞ୍ଚଳର ଗୋଟିଏ ପରେ ଗୋଟିଏ ମନ୍ଦିରକୁ ଟାର୍ଗେଟ କରୁଥିବା ବେଳେ ପୋଲିସ ଏହାରି ଉପରେ କେବେ ରୋକ ଲଗାଇପାରୁଛି ତାହା ଦେଖିବାକୁ ବାକିରହିଲା ।

# ଏକତରଫା ପ୍ରେମ ଓ ହତ୍ୟା ଉଦ୍ୟମ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ମହିଳାଙ୍କୁ ଏକତରଫା ପ୍ରେମ କରିବା ଓ ପରେ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ଧଉଳି ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ବିସ୍ମିତ ରଞ୍ଜନ ଦାସ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯକ୍ତକୁ କୋର୍ଟ ଚାଲାଣ କରିଛି । ସୂଚନା ଅନୁସାରେ, ଅଭିଯୋଗକାରିଣୀଙ୍କର ପୂର୍ବରୁ ୨୦୧୨ ମସିହାରେ ଅନ୍ୟ ଜଣେ ବ୍ୟକ୍ତିଙ୍କ ସହିତ ବିବାହ ହୋଇଥିଲା । କିନ୍ତୁ ପରେ ଭୁଲ ବୁଝାମଣା ହେତୁ ସେମାନେ ୨୦୨୩ ମସିହାରେ ପାରସ୍ପରିକ ବୁଝାମଣା ଅନୁଯାୟୀ ଅଲଗା ହୋଇଯାଇଥିଲେ । ଏହା ପରେ ସେ ସାଦି ଡ଼ଟ୍ କମ ନାମକ ଏକ ବୈବାହିକ ୱେବସାଇଟ୍ ମାଧ୍ୟମରେ ଅଭିଯୁକ୍ତ ବିସ୍ମିତ ଦାସଙ୍କ ସହିତ ପରିଚ୍ଚିତ ହୋଇଥିଲେ । ପରେ ସେ ଜାଣିବାକୁ ପାଇଥିଲେ ଯେ, ବିସ୍ମିତ ଦାସ ପୂର୍ବରୁ ବିବାହିତ ଥିଲେ, ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଯାଇଛି ଏବଂ ତାଙ୍କର ଦୁଇଟି ସନ୍ତାନ ଅଛନ୍ତି । ଏହା ଜାଣିବା ପରେ ସେ ତାଙ୍କ ଠାରୁ ଅଲଗା ହେବାକୁ ଚେଷ୍ଟା କରିଥିଲେ, କିନ୍ତୁ ବିସ୍ମିତ ଦାସ ତାଙ୍କୁ ଭୟଙ୍କର ପରିଣାମ ଭୋଗିବାକୁ ଧମକ ଦେଇଥିବାରୁ ସେ ବାଧ୍ୟ ହୋଇ ସମ୍ପର୍କ ଜାରି ରଖିଥିଲେ । ଏହା ସହିତ ସେ ମଦ୍ୟପାନ କରି ତାଙ୍କୁ ଏବଂ ତାଙ୍କ ପରିବାର ସଦସ୍ୟ ମାନଙ୍କୁ ପ୍ରାୟତଃ ଅଶ୍ଳୀଳ ଭାଷାରେ ଗାଳି ଦେଉଥିଲେ ଏବଂ ଧମକ ମଧ୍ୟ ଦେଉଥିଲେ । ଅଭିଯୁକ୍ତ ବିସ୍ମିତ ଦାସଙ୍କର ଅନ୍ୟ ଝିଅ ମାନଙ୍କ ସହିତ ମଧ୍ୟ ଅବୈଧ ସମ୍ପର୍କ ଥିବା ନେଇ ସେ ଜାଣିବାକୁ ପାଇଥିଲେ । ଗତ ୦୭.୦୩.୨୦୨୬ ରେ ବିସ୍ମିତ ଦାସ ତାଙ୍କ ଘରକୁ ଆସି ତାଙ୍କୁ ଓ ତାଙ୍କ ଘରମାଲିକଙ୍କୁ ଦୁର୍ବ୍ୟବହାର କରିଥିଲେ । ଏନେଇ ସେ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ ମଧ୍ୟ କରିଥିଲେ । ସେଠାରେ ଅଭିଯୁକ୍ତ ବିସ୍ମିତ ଓ ତାଙ୍କ ମଧ୍ୟରେ ଏକ ସୌହାର୍ଦ୍ଦପୂର୍ଣ୍ଣ ସମାଧାନ ହୋଇଥିଲା । କିନ୍ତୁ ସେହି ଦିନ ବିସ୍ମିତ ଦାସ ପୁଣି ତାଙ୍କୁ ଧମକ ଦେଇଥିଲେ ଯେ ସେ ରେଳ ଟ୍ରାକରେ ଆତ୍ମହତ୍ୟା କରିବେ । ଏହି ଘଟଣା ପରେ ସେ ପୁଣିଥରେ ମହିଳା ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ । ତଥାପି ବିସ୍ମିତ ଦାସ ତାଙ୍କୁ ଏବଂ ତାଙ୍କ ପୁଅକୁ ହତ୍ୟା କରିବାକୁ ଧମକ ଦେଇଥିଲେ । ସେହିପରି ୧୩/୧୪.୦୩.୨୦୨୬ ମଧ୍ୟରାତ୍ରି ପ୍ରାୟ ୨:୦୦ଟା ସମୟରେ ବିସ୍ମିତ ଦାସ ତାଙ୍କ ଘରର ସୀମା କାନ୍ଥ ଡେଇଁ ତାଙ୍କ କୋଠରୀ ପାଖକୁ ଆସି ଝରକା ବାଡ଼େଇ ଦ୍ୱାର ଭାଙ୍ଗିବାକୁ ଧମକ ଦେଇଥିଲେ । ଭୟରେ ସେ ଦ୍ୱାର ଖୋଲିଥିଲେ । ପରେ ବିସ୍ମିତ ଦାସ ଘରେ ପଶି ବ୍ଲେଡ୍ ଦ୍ୱାରା ତାଙ୍କ ହାତ କାଟି ଦେଇଥିଲେ ଏବଂ ତାଙ୍କ ସହ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ । ତାଙ୍କ ପାଟି ଶୁଣି ସମ୍ପର୍କୀୟ ମାନେ ଆସି ତାଙ୍କୁ ଅଭିଯୁକ୍ତଙ୍କ କବଳରୁ ଉଦ୍ଧାର କରିଥିଲେ । ପରେ ସେ ଥାନାରେ ହାଜର ହୋଇ ଅଭିଯୁକ୍ତଙ୍କ ବିରୁଦ୍ଧରେ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରି ଲିଖିତ ରିପୋର୍ଟ ଦାଖଲ କରିଥିଲେ । ମାମଲାର ତଦନ୍ତ ଚାଲିଥିବା ବେଳେ, ପୁଲିସ ଆଜି ଅଭିଯୁକ୍ତ ବିସ୍ମିତ ରଞ୍ଜନ ଦାସଙ୍କୁ ଗିରଫ କରିଥିଲେ । ପଚରାଉଚରା ସମୟରେ ଅଭିଯୁକ୍ତ ନିଜର ଦୋଷ ସ୍ୱୀକାର କରିଥିଲେ । ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଖଣ୍ଡାପଡ଼ା ଥାନାରେ ଏକ ମାମଲା ରହିଛି ।

## ଚୋରା ଗଞ୍ଜେଇ ଜବତ: ତିନି ଗିରଫ

ଧର୍ମଗଡ଼(ନିପ୍ର): ଚୋରା ଗଞ୍ଜେଇ କାରବାର ଘଟଣାରେ ଧର୍ମଗଡ଼ ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ ଜବତ କରିବା ସହ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ସହକାରୀ ଅଧୀକ୍ଷକ ସାଗରିକା ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୁକ୍ରବାର ଧର୍ମଗଡ଼ ସହରର ବସ୍ତିପଡାରେ ଚଢାଉ କରାଯାଇ ଗୁଣନିଧି ନାଏକଙ୍କ ଠାରୁ ୩ କେଜି ଗଞ୍ଜେଇ ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା । ସେହିପରି କୋକସରା ଥାନା ଅଧିନସ୍ଥ ପଲସା ପଡାଠାରେ ଚଢାଉ କରାଯାଇ ଭୁବନେଶ୍ୱର ମେହେର ଓ ଅରକ୍ଷିତ ମେହେରଙ୍କ ଠାରୁ ମୋଟ ୪କେଜି ୪୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଥିଲା । ଧର୍ମଗଡ଼ ଅବକାରୀ ଥାନାରେ ଏ ନେଇ ଦୁଇଟି ପୃଥକ ମାମଲା ରୁଜୁ କରାଯାଇ ତିନି ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢାଉରେ ଧର୍ମଗଡ଼ ଅବକାରୀ ନିରୀକ୍ଷକ ଅରୁଣ କୁମାର ଯୋଶୀ, ଧର୍ମଗଡ଼ ଓଆଇସି ପ୍ରତିମା ବେହେରା, ଜୁନାଗଡ ଓଆଇସି ଲକ୍ଷ୍ମୀପ୍ରିୟା ମଲ୍ଲିକ, ଜୟପାଟଣା ଓଆଇସି ସୁରେଶ ଭୋଇ, କୋକସରା ଓଆଇସି ଗୁପ୍ତେଶ୍ୱର ପଟେଲ ଓ ଅନ୍ୟମାନେ ସାମିଲ ଥିଲେ ।

### ହାଇକୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ

## ୧୫୬ଟି ମାମଲାର ଫଏସଲା

### ୧୨.୮୩ କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

କଟକ(ନିପ୍ର): ହାଇକୋର୍ଟରେ ଶନିବାର ୨୦୨୬ର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧୀକରଣର ମୁଖ୍ୟ ପୃଷ୍ଠ ପୋଷକ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ, ଓଡ଼ିଶା ହାଇକୋର୍ଟ ବିଚାରପତି ତଥା ଓଡ଼ିଶା ଆଇନସେବା ପ୍ରାଧୀକରଣର କାର୍ଯ୍ୟନିର୍ବାହୀ ଅଧକ୍ଷ ଜଷ୍ଟିସ ମାନସ ରଂଜନ ପାଠକ, ଓଡ଼ିଶା ହାଇକୋର୍ଟ ବିଚାରପତି ତଥା ହାଇକୋର୍ଟ ଆଇନସେବା କମିଟି ଅଧକ୍ଷ ଜଷ୍ଟିସ କୃଷ୍ଣରାମ ମହାପାତ୍ରଙ୍କ ମାର୍ଗ ଦର୍ଶନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଚି । ଓଡ଼ିଶା ହାଇକୋର୍ଟ ଆଇନସେବା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ୧୫୬ଟି ମାମଲାର ଆପୋଷ ବୁଝାମଣାରେ ଫଏସଲା କରାଯାଇଥିଲା । ଜଷ୍ଟିସ କେ ଆର ମହାପାତ୍ର, ଜଷ୍ଟିସ ବିପି ରାଉତରାୟ, ଜଷ୍ଟିସ ଏସକେ ପାଣିଗ୍ରାହୀ, ଜଷ୍ଟିସ ଏସ ରଥ, ଜଷ୍ଟିସ ଏମଏସ ସାହୁ, ଜଷ୍ଟିସ ଏକେ ମହାପାତ୍ର, ଜଷ୍ଟିସ ଭି ନରସିଂହ, ଜଷ୍ଟିସ ବିପି ଶତପଥି, ଜଷ୍ଟିସ ଏମଏସ ରମଣ, ଜଷ୍ଟିସ ଏସକେ ମିଶ୍ର, ଜଷ୍ଟିସ ଜି ଶତପଥି, ଜଷ୍ଟିସ ଚିତ୍ତରଂଜନ ଦାଶ ଓ ଜଷ୍ଟିସ ଏସଏସ ମିଶ୍ର ପ୍ରମୁଖ ମାମଲା ଗୁଡ଼ିକର ଫଏସଲା କରିଥିଲେ । ଏଥି ମଧ୍ୟରେ ବୀମା କ୍ଷତି ପୂରଣ, ଏନଆଇ ଧାରା ୧୩୮ ଅନ୍ତର୍ଗତ ମାମଲା, ବିଦ୍ୟୁତ ମାମଲା, ଜମି ଅଧିଗ୍ରହଣ ମାମଲା, ବୈବାହିକ ବିବାଦ ଆଦି ମାମଲା ଅନ୍ତର୍ଭୁକ୍ତ । ଏହି ଅଦାଲତରେ ସାଧାରଣ ବୀମା କଂପାନୀ ମଧ୍ୟରୁ ନ୍ୟାସନାଲ ଇନସୁରାନ୍ସ, ନ୍ୟୁଉ ଇଣ୍ଡିଆ ଆସ୍ୟୁରାନ୍ସ, ଓରିଏ□ାଲ ଇନସୁରାନ୍ସ, ୟୁନାଇଟେଡ଼ ଇଣ୍ଡିଆ ଇନ୍ସରାନ୍ସ କଂପାନୀ, କେତେକ ଘରୋଇ କଂପାନୀ ଅଂଶ ଗ୍ରହଣ କରିଥିଲେ । କ୍ଷତି ପୂରଣ ବାବଦରେ ୧୨କୋଟି ୮୩ଲକ୍ଷ ୨୪ହଜାର ୧୭୨ଟଙ୍କା ପ୍ରଦାନ ପାଇଁ ଆଜି ଅନୁଷ୍ଠିତ ଲୋକ ଅଦାଲତରେ ନିର୍ଦ୍ଦେଶ ଦିଆଯାଇଚି ।

# ଓଡ଼ିଆ ଭାଷାର ପ୍ରାଚୀନ ବିଭବ ହିଁ ଏହାର ଅସ୍ମିତା




ଭୁବନେଶ୍ୱର(ନିପ୍ର): ଓଡ଼ିଆ ଭାଷାର ପ୍ରାଚୀନତା, ଏହାର ଐତିହ୍ୟ ଓ ସଂସ୍କୃତିରେ ବିଦ୍ୟମାନ । ଓଡ଼ିଆ ସାହିତ୍ୟର ଯୁଗାନ୍ତକାରୀ ସୃଷ୍ଟି ସାରଳା ମହାଭାରତ, ଜଗମୋହନ ରାମାୟଣ, ଭାଗବତ ଏହାର ଅସ୍ମିତା ଭାବେ ପରିଚିତ ହୋଇଆସିଛି ବୋଲି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଆଲୋଚନାଚକ୍ରର ଉଦ୍‌ଘାଟନୀ ସଭାରେ ବିଶିଷ୍ଟ ବାଗ୍ମୀ ତଥା ପୂର୍ବତନ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସୁଦର୍ଶନ ନାୟକ ଉଦ୍‌ଘାଟକ ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ଏକଦିବସୀୟ ଆଲୋଚନାଚକ୍ର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଚିନ୍ତକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଓଡ଼ିଶାର ଖାଦ୍ୟପେୟ, ବେଶଭୂଷାରେ ଓଡ଼ିଆ ଅସ୍ମିତାର କିପରି ପ୍ରତିଫଳନ ଘଟିଛି ତାହା ଉପରେ ମତ ରଖିଥିଲେ । ସେହିପରି ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ଡ. ରମେଶ ଚନ୍ଦ୍ର ବେହେରା ଓଡ଼ିଆ ଭାଷାର ପ୍ରାଚୀନ ବିଭବ, ଏହାର ପ୍ରାଚୀନ ସାହିତ୍ୟ କେବଳ ଶାସ୍ତ୍ରୀୟତାର ଗୁଣନୁହେଁ, ବରଂ ଅସ୍ମିତାର ପରିଚୟ ବୋଲି ଉଲ୍ଲେଖ କରିଥିଲେ । ଏହି ଉତ୍ସବରେ ସାରଳା ଦାସ ଚେୟାର ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ର ସାରଳା ଓ ପ୍ରାକ୍ ସାରଳା ସାହିତ୍ୟ ଓଡ଼ିଆ ଭାଷାର ଶାସ୍ତ୍ରୀୟତାର ବିଭିନ୍ନ ଆଧାର ସଂପର୍କରେ ମତ ରଖିଥିଲେ । ଆଲୋଚକ ଭାବେ ଡ. ମମତାରାଣୀ ବେହେରା, ଡ. ଦେବାଶିଷ ମହାପାତ୍ର, ଡ. ତ୍ରିନାଥ ମଲ୍ଲିକ ଓଡ଼ିଆ ଅସ୍ମିତା ଓ ଭାଷାର ଶାସ୍ତ୍ରୀୟତା ସଂପର୍କରେ ବକ୍ତବ୍ୟ ରଖିଥିବା ବେଳେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଓଡ଼ିଶାର ଚିତ୍ରକଳା ଓ ଅସ୍ମିତା ସଂପର୍କରେ ଉଲ୍ଲେଖ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ସହସଚିବ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ ଦେବା ସହ ଏକାଡେମୀର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ମତ ରଖିଥିଲେ । ସଭାମୁଖ୍ୟ ଭାବେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଓଡ଼ିଆ ଅସ୍ମିତାର ବିକାଶରେ ବିଶ୍ୱବିଦ୍ୟାଳୟର ଭୂମିକା ଓ ଆଗାମୀ ଦିନରେ ଯୁବପିଢ଼ିଙ୍କ ଦାୟିତ୍ୱ ସଂପର୍କରେ ମତ ରଖିଥିଲେ । ଓଡ଼ିଆ ବିଭାଗ ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିବା ବେଳେ ଓଡ଼ିଶୀ କଣ୍ଠ ସଂଗୀତ ବିଭାଗର ଗୁରୁ ଡ. ଧୀରଜ କୁମାର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଗଙ୍ଗାଧର ମେହେରଙ୍କ ରଚନାରୁ ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । ଓଡ଼ିଆ ବିଭାଗ ଛାତ୍ରୀ ଲକ୍ଷ୍ମୀପ୍ରିୟା ଜେନା ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକଙ୍କ ସହ ଅନେକ ଗବେଷକ, ସାହିତ୍ୟାନୁରାଗୀ ଉପସ୍ଥିତ ଥିଲେ ।

## ପୂର୍ବଶତ୍ରୁତାକୁ କେନ୍ଦ୍ର କରି ୬୦୦ ନୀଳଗିରି ଗଛ କାଟିଲେ ଦୁର୍ବୃତ୍ତ

ଆସିକା(ନିପ୍ର): ଆସିକା ଥାନା ଅଧୀନ କମାଗଡ଼ ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଦୁର୍ବୃତ୍ତମାନେ ୬୦୦ଶହ ନୀଳଗିରି ଗଛ ଭାଙ୍ଗି ଦେଇଛନ୍ତି । ଏନେଇ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି । ପୋଲିସ ଘଟଣାର ତଦନ୍ତ ଚଳାଇଛି । ପ୍ରକାଶ ଥାଉକି କମାଗଡ଼ ଗ୍ରାମ ହରିଜନ ସାହିର ତାରିଣୀ ନାହାକ (୫୯) ଗତ ତିନି ମାସ ପୂର୍ବରୁ ନିଜ ପୈତୃକ ଘର ଉକ୍ତ ଗ୍ରାମରେ ରହିଥିବା ନିଜ ପିଉସୀ ପୁଅ କେଦାର ନାହାକ(୪୨)କୁ ବିକ୍ରି କରିବାକୁ ସ୍ଥିର କରିଥିଲେ । କିନ୍ତୁ ଉଭୟଙ୍କ ମଧ୍ୟରେ ଟଙ୍କା ନେଣ ଦେଣକୁ କିଛି ସମସ୍ୟା ଦେଖାଦେବାରୁ ତାରିଣୀ ଉକ୍ତ ଘରକୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିଲା । ଏଥିରେ ଉଭୟ ତାରିଣୀ ଓ କେଦାର ମଧ୍ୟରେ ବାଚସା ହୋଇଥିଲା । ସେହି ରାଗ ସୁଝାଇବାକୁ ଯାଇ ଗତକାଲି ତାରିଣୀ କମାଗଡ଼ ସ୍ଥିତ ଦୁଆରୀ କିଆରୀ ଆଖୁମୂଳ ଜମିରେ ଏକ ଭରଣ ଦଶ ନଉତି ଜମିରେ ଲଗାଇଥିବା ୬୦୦ ନୀଳଗିରି ଗଛକୁ କେଦାର ଓ ତାଙ୍କ ପୁଅ ବବୁରୁ ନାହାକ (୨୩) ମିଶି କାଟି ଦେଇଥିଲେ । ଖବର ପାଇ ତାରିଣୀ ଯାଇ ବିଲ ଦେଖିବା ବେଳକୁ ପ୍ରାୟ ସମସ୍ତ ଗଛ ଅଧାରୁ କଟାଯାଇଛି ଏନେଇ ତାରିଣୀ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଘଟଣାର ତଦନ୍ତ ଚଳାଇଛି ।

## ପ୍ରଚଣ୍ଡ ରୌଦ୍ରତାପ: ଲୋକେ ହନ୍ତସନ୍ତ

### ସକାଳୁଆ ବିଦ୍ୟାଳୟ କରିବା ପାଇଁ ଦାବି

କାଶୀନଗର(ନିପ୍ର): କାଶୀନଗର ବ୍ଲକ ଅଞ୍ଚଳରେ ଦିନକୁଦିନ ଗ୍ରୀଷ୍ମ ତାପ ଅହେତୁକ ଭାବେ ବଢୁଥିବାରୁ ସାଧାରଣ ଲୋକଙ୍କ ଜୀବନ ଜୀବିକା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି । ଦିନ ମଧ୍ୟଭାଗରେ ତୀବ୍ର ରୌଦ୍ରତାପ ହେତୁ ଲୋକମାନେ ଘରୁ ବାହାରିବାକୁ ମଧ୍ୟ ଅସୁବିଧା ଅନୁଭବ କରୁଛନ୍ତି । ଏହି ପ୍ରଚଣ୍ଡ ତାପ ମଧ୍ୟରେ କାଶୀନଗର ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ସାଧାରଣ ସମୟ ଯାହାକି ୧୦ ଘଣ୍ଟାରୁ ଅପରାହ୍ନ ୪ଘଣ୍ଟା ଚାଲୁ ଥିବାରୁ ଛାତ୍ରଛାତ୍ରୀମାନେ ଅତ୍ୟଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୀବ୍ର ଗ୍ରୀଷ୍ମ ତାପକୁ ଦୃଷ୍ଟିରେ ରଖି ଶିକ୍ଷାନୁଷ୍ଠାନ ଗୁଡିକୁ ସକାଳୁଆ ଚାଲୁ କରାଯିବାକୁ ଅଭିଭାବକ ଓ ସାଧାରଣ ଲୋକଙ୍କ ମଧ୍ୟରୁ ଦାବି ହେଉଛି । ଅନ୍ୟପଟେ ଏହି ଭୟଙ୍କର ଗ୍ରୀଷ୍ମ ତାପ ସତ୍ତ୍ୱେ ଦିନମଜୁରିଆ ଶ୍ରମିକମାନେ ଖୋଲା ଆକାଶ ତଳେ କାମ କରିବାକୁ ବାଧ୍ୟ ହେଉଛନ୍ତି । ଇଟାଭଟିରେ ଇଟା ପୋଡ଼ା କାର୍ଯ୍ୟ ଚାଲୁଥିବାରୁ ସେଠାରୁ ବିରାଟ ତାପ ଉତ୍ପନ୍ନ ହୋଇ ପରିବେଶର ଉଷ୍ଣତା ଆହୁରି ବଢ଼ିଯାଉଛି । ଏହାର ପ୍ରଭାବରେ ଇଟାଭାଟି ନିକଟରେ ବସବାସ କରୁଥିବା ଲୋକମାନେ ଓ ସେଠାରେ କାମ କରୁଥିବା ଶ୍ରମିକମାନେ ଅଧିକ ଦୁର୍ଭୋଗ ଭୋଗୁଛନ୍ତି । ଏହା ସହ କାଶୀନଗର ଏନଏସି ପକ୍ଷରୁ ସହରର ମୁଖ୍ୟ ସ୍ଥାନଗୁଡ଼ିକରେ ପାନୀୟ ଜଳ ବ୍ୟବସ୍ଥା କରାଯାଇ ନଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ତେଣୁ ଗ୍ରୀଷ୍ମ ତାପକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲି ପାନୀୟ ଜଳ ବ୍ୟବସ୍ଥା କରିବା ସହ ଲୋକମାନଙ୍କ ସୁବିଧା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ପ୍ରଶାସନଙ୍କୁ ସାଧାରଣ ଲୋକମାନେ ଦାବି କରିଛନ୍ତି । ରୌଦ୍ରତାପରୁ ରକ୍ଷା ପାଇଁ ସକାଳୁଆ ବିଦ୍ୟାଳୟ କରିବା ପାଇଁ ଦାବି ହେଉଛି ।

## ବିଜୁ ଜନତା ଦଳ ପକ୍ଷରୁ ମହିଳା ସମାବେଶ

କଟକ(ନିପ୍ର): କଟକ ମହାନଗର ନିଗମ ଅନ୍ତର୍ଗତ ୱାର୍ଡ଼ ନମ୍ବର ୨୮ରେ ସ୍ଥାନୀୟ କର୍ପୋରେଟର ବନଲତା ପ୍ରଧାନଙ୍କ ନେତୃତ୍ୱରେ ବାରବାଟୀ କଟକ ବିଜୁ ଜନତା ଦଳ ପକ୍ଷରୁ ଏକ ମହିଳା ସମାବେଶ ଆୟୋଜିତ ହୋଇଯାଇଛି । ପୂର୍ବ ବିଜେଡ଼ି ସରକାର ସମୟରେ ମହିଳାମାନେ ଏସଏଚଜି ମାଧ୍ୟମରେ ଆତ୍ମନିର୍ଭର ଓ ସ୍ୱୟଂ ରୋଜଗାରକ୍ଷମ ହେଉଥିଲେ । ମହିଳାମାନେ ବିଭିନ୍ନ ପ୍ରକାର ଉତ୍ପାଦ ତିଆରି କରି ବଜାରରେ ବ୍ୟବସାୟ କରୁଥିଲେ ଓ ନିଜ ପରିବାରର ଆର୍ଥିକ ଉନ୍ନତିରେ ସହଯୋଗ କରୁଥିଲେ । କିନ୍ତୁ ବିଡ଼ମ୍ବନାର ବିଷୟ ଏହା ଯେ ବର୍ତ୍ତମାନର ରାଜ୍ୟ ସରକାର ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ପୂର୍ବପରି ସାହାଯ୍ୟ ଦେଉନଥିବା ବିଜେଡ଼ି ପକ୍ଷରୁ ଅଭିଯୋଗ ହୋଇଛି । ଯାହା ଫଳରେ ମହିଳାମାନେ ଆର୍ଥିକ କ୍ଷତି ସହୁଛନ୍ତି । ଏହାର ମୁକାବିଲା କରିବା ସହିତ କିପରି ସରକାରଙ୍କଠାରୁ ଅଧିକ ସାହାଯ୍ୟ ଅଣାଯାଇ ପାରିବ, ସେଥିନିମନ୍ତେ ଏହି ମହିଳା ସମାବେଶରେ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ସିଏମସି ମେୟର ସୁବାସ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲ୍ଲା ମହିଳା ସଭାପତି ଅନିତା ବେହେରାଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ ।

### ଓଡ଼ିଶା ପୋଲିସ୍ ଏବଂ ୟୁନିସେଫ୍‌ର ମିଳିତ ସହଯୋଗରେ

# ‘ଜୁଭେନଟିକା-ଡିଜିଟାଲ୍ ଅଧିକାର ଏବଂ ଶିଶୁଙ୍କ ସୁରକ୍ଷା’

ଭୁବନେଶ୍ୱର(ନିପ୍ର): ଓଡ଼ିଶା ପୋଲିସ୍ ଏବଂ ୟୁନିସେଫ୍‌ର ମିଳିତ ସହଯୋଗରେ ଶନିବାର ଦିନ ଭୁବନେଶ୍ୱରସ୍ଥିତ ପୋଲିସ୍ ଭବନଠାରେ ‘ଜୁଭେନଟିକା-ଡିଜିଟାଲ୍ ଅଧିକାର ଏବଂ ଶିଶୁଙ୍କ ସୁରକ୍ଷା’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଡିଜିଟାଲ୍ ଦୁନିଆରେ ଶିଶୁମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ଏବଂ ସମ୍ଭାବନାଗୁଡ଼ିକର ମୁକାବିଲା ପାଇଁ ପ୍ରଶାସକ, ବରିଷ୍ଠ ପୋଲିସ୍ ଅଧିକାରୀ, ଶିକ୍ଷାବିତ୍, ଅଭିଭାବକ, ଛାତ୍ରଛାତ୍ରୀ ଏବଂ ଶିଶୁ ଅଧିକାର ବିଶେଷଜ୍ଞମାନଙ୍କୁ ଏକାଠି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା । ଅନଲାଇନ୍ ପରିବେଶରେ ଶିଶୁମାନଙ୍କର ଅଧିକାର ଏବଂ କଲ୍ୟାଣକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ଅନୁଷ୍ଠାନ, ପରିବାର ଏବଂ ସମାଜ କିପରି ସହଯୋଗ କରିପାରିବେ, ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଶିଶୁମାନଙ୍କ ପ୍ରତି ଥିବା ସାଇବର ବିପଦ ଏବଂ ଏହାର ମୁକାବିଲା ପାଇଁ ଆଇନ ପ୍ରଣୟନକାରୀ ସଂସ୍ଥାର ଦାୟିତ୍ୱ ବିଷୟରେ ଆଲୋକପାତ କରିଥିଲେ । ସେ ସୂଚନା ଦେଇଥିଲେ ଯେ, ସାଇବର ନିରାପତ୍ତା ସଚେତନତା ବୃଦ୍ଧି ପାଇଁ ରାଜ୍ୟରେ ୨୦ଟି ନୂତନ ସାଇବର ପୋଲିସ୍ ଷ୍ଟେସନ ପ୍ରତିଷ୍ଠା କରାଯାଇଛି ଏବଂ ବୈଷୟିକ ସହାୟତା ପାଇଁ ସାଇବର ବିଶେଷଜ୍ଞମାନଙ୍କୁ ନିୟୋଜିତ କରାଯାଉଛି । ଏଥିସହିତ ୭୧ଟି ପୋଲିସ୍ ଷ୍ଟେସନରେ ‘ଶିଶୁ ଅନୁକୂଳ ସ୍ଥାନ’ର ଉନ୍ନତିକରଣ କରାଯାଇଛି ଏବଂ ଆଗାମୀ ଦିନରେ ସମଗ୍ର ଓଡ଼ିଶା ପୋଲିସକୁ ଶିଶୁ ଅନୁକୂଳ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ । ଡିଜିଟାଲ୍ କ୍ଷେତ୍ରରେ ଶିଶୁମାନଙ୍କୁ ସୁରକ୍ଷା ଦେବା ପାଇଁ ପୋଲିସ୍ ଏବଂ ନାଗରିକ ସମାଜର ମିଳିତ ଦାୟିତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର କହିଛନ୍ତି ଯେ, ଭାରତର ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ୨୦୧୧ରେ ୧୨୫ ମିଲିୟନରୁ ବୃଦ୍ଧି ପାଇ ୨୦୨୧ରେ ୮୪୫ ମିଲିୟନରେ ପହଞ୍ଚିଛି । ସାଇବର ୱିଙ୍ଗର ‘ଚିଲଡ୍ରେନ୍ ଆଣ୍ଡ ୱିମେନ୍ ଅନଲାଇନ୍ ଆବ୍ୟୁଜ୍ ମନିଟରିଂ ୟୁନିଟ୍’ ପକ୍ଷରୁ ଅନଲାଇନରୁ କ୍ଷତିକାରକ ତଥା ଅଶ୍ଳୀଳ ବିଷୟବସ୍ତୁ ହଟାଇବା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସେ ସୂଚନା ଦେଇଥିଲେ । ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀମତୀ ଶାଇନି ଏସ୍. ଇଣ୍ଟରନେଟର ସୁରକ୍ଷିତ ବ୍ୟବହାର ପାଇଁ ଶିଶୁ, ଅଭିଭାବକ ଏବଂ ଶିକ୍ଷକମାନଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱ ଦେଇଥିଲେ ।

ଶିଶୁମାନଙ୍କର ସ୍ୱର ଏବଂ ଡିଜିଟାଲ୍ ଶିକ୍ଷା: ୟୁନିସେଫ୍ ଓଡ଼ିଶାର କ୍ଷେତ୍ର କାର୍ଯ୍ୟାଳୟ ମୁଖ୍ୟ ପ୍ରଶାନ୍ତ କୁମାର ଦାଶ କହିଥିଲେ ଯେ, “ଶିଶୁମାନେ ଡିଜିଟାଲ୍ ଦୁନିଆର କେବଳ ନିଷ୍କ୍ରିୟ ବ୍ୟବହାରକାରୀ ନୁହଁନ୍ତି, ସେମାନେ ହେଉଛନ୍ତି ଶିକ୍ଷାର୍ଥୀ ଓ ସ୍ରଷ୍ଟା; ତେଣୁ ଡିଜିଟାଲ୍ ସୁରକ୍ଷା ଆଲୋଚନାର କେନ୍ଦ୍ରରେ ସେମାନଙ୍କ ସ୍ୱର ରହିବା ଆବଶ୍ୟକ” । ଏହି କାର୍ଯ୍ୟକ୍ରମରେ ସେଲିବ୍ରିଟି ଏବଂ ଇନଫ୍ଲୁଏନ୍ସରମାନଙ୍କ ସହ ଆଲୋଚନା କରାଯାଇଥିଲା, ଯେଉଁଠାରେ ସୋସିଆଲ ମିଡିଆ ଟ୍ରେଣ୍ଡ କିପରି କିଶୋର କିଶୋରୀଙ୍କ ଆଚରଣକୁ ପ୍ରଭାବିତ କରୁଛି ସେ ବିଷୟରେ ଆଲୋଚନା ହୋଇଥିଲା । ଆଲୋଚନା ଚକ୍ରରେ ଶିଶୁମାନଙ୍କ ଡିଜିଟାଲ୍ ସୁରକ୍ଷା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରତିଶ୍ରୁତି ଦିଆଯାଇଥିଲା । ଓଡ଼ିଶା ପୋଲିସ୍ ତରଫରୁ ‘ରକ୍ଷା ସାଥୀ’ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଏବଂ ଶିଶୁ କଲ୍ୟାଣ ପୋଲିସ୍ ଅଧିକାରୀମାନଙ୍କ ପାଇଁ ଉନ୍ନତ ପ୍ରଶିକ୍ଷଣ ଆରମ୍ଭ କରାଯିବ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଠ୍ୟକ୍ରମରେ ଡିଜିଟାଲ୍ ନିରାପତ୍ତା ଶିକ୍ଷା ଏବଂ ‘ଡିଜିଟାଲ୍ ହାଇଜିନ୍ ଓ ସାଇକୋ-ସୋସିଆଲ୍ ଫାଷ୍ଟ ଏଡ୍’ ଅନ୍ତର୍ଭୁକ୍ତ କରାଯିବ । ପୋଲିସ୍ ଏବଂ ଗଣ ଶିକ୍ଷା ବିଭାଗ ମିଳିତ ଭାବେ ଅଭିଭାବକ-ଶିକ୍ଷକ ବୈଠକରେ ଶିଶୁ କଲ୍ୟାଣ ପୋଲିସ୍ ଅଧିକାରୀମାନଙ୍କ ଅଂଶଗ୍ରହଣ ନିଶ୍ଚିତ କରିବେ । ଏଥିପାଇଁ ୟୁନିସେଫ୍ ଓଡ଼ିଶା ପକ୍ଷରୁ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ପାଠ୍ୟକ୍ରମ ପ୍ରସ୍ତୁତ କରାଯିବ ବୋଲି ଆଲୋଚନା ହୋଇଥିଲା ।

## ସାମାନ୍ୟ ବଚସାରୁ ଆକ୍ରମଣ: ୨ ଗିରଫ

ବେଲଗୁଣ୍ଠା(ନିପ୍ର): ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଥାନା ଅନ୍ତର୍ଗତ ସରନୁଆପଲ୍ଲୀ ଗ୍ରାମରେ ସାମାନ୍ୟ କଥା କଟାକଟିକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୋଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ମିଳିଥିବା ସୂଚନା ଅନୁଯାୟୀ, ଗତ ୧୧ ରିଖରେ ସରନୁଆପଲ୍ଲୀ ଗ୍ରାମର ରାଜା ନାୟକଙ୍କ ସହ କୌଣସି ଏକ ସାମାନ୍ୟ ବିଷୟକୁ ନେଇ ସେହି ଗ୍ରାମର ଦୁଇ ଯୁବକଙ୍କ ଯୁକ୍ତିତର୍କ ହୋଇଥିଲା । ଏହି ବଚସା ଉଗ୍ର ରୂପ ନେଇଥିଲା ଏବଂ ଅଭିଯୁକ୍ତ ମାନେ ରାଜାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ । ରାଜା ନାୟକର ଲିଖିତ ଅଭିଯୋଗ ଅଭିଯୋଗ ପାଇବା ପରେ ବେଲଗୁଣ୍ଠା ପୋଲିସ କେସ୍ ନଂ- ୯୨/୨୬ ରୁଜୁ କରିଥିଲା । ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୨୬(୨), ୧୧୫(୨), ୧୦୯(୧), ୩୫୧(୨) ଏବଂ ୩(୫) ଅଧୀନରେ ମାମଲା ଦାୟର କରି ସରନୁଆପଲ୍ଲୀର ମାନସ ରଞ୍ଜନ ଗୌଡ଼ (୧୯), ଲିପୁ ଓରଫ ଦୀପକ ଗୌଡ଼କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ରେବତୀ ଶବର ପ୍ରକାଶ କରିଛନ୍ତି ।



# ଫିଫାର ଚିନ୍ତା ବଢ଼ାଉଛି ମଧ୍ୟପ୍ରାଚ୍ୟ ଯୁଦ୍ଧ




ନୂଆଦିଲ୍ଲୀ, ୧୪/୩: ବିଶ୍ୱର ସର୍ବାଧିକ ଲୋକପ୍ରିୟ କ୍ରୀଡ଼ା ଫିଫା ଫୁଟବଲ ବିଶ୍ୱକପ-୨୦୨୬ ଆସନ୍ତା ଜୁନ୍ ୧୧ରୁ ଜୁଲାଇ ୧୯ ପର୍ଯ୍ୟନ୍ତ କାନାଡା, ମେକ୍ସିକୋ ଓ ଆମେରିକାରେ ଖେଳାଯିବ। ପ୍ରତିଯୋଗିତାଆଉ ୩ ମାସରୁ କମ୍ ସମୟ ରହିଛି। ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧକୁ ନେଇ ଫିଫା ଚିନ୍ତାରେ ପଡ଼ିଛି। ଆମେରିକା ଓ ଇସ୍ରାଏଲର ଇରାନ ଉପରେ ଆକ୍ରମଣ ପରେ ଇରାନର ପ୍ରତି ଆକ୍ରମଣ ଏବେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସୃଷ୍ଟି କରିଛି। ଯଦି ଯୁଦ୍ଧ ଏଭଳି ଆଉ କିଛି ଦିନ ଲାଗି ରହେ ତେବେ ପ୍ରତିଯୋଗିତା ଉପରେ ଏହାର ପ୍ରଭାବ ପକାଇବା ନେଇ ଆଶଙ୍କା କରାଯାଉଛି। କାରଣ ଆମେରିକା ପ୍ରତିଯୋଗିତାର ମୁଖ୍ୟ ଆୟୋଜକ ରହିଛି। ଆମେରିକା ଯୁଦ୍ଧରେ ପ୍ରତ୍ୟେକ୍ଷ ଭାବେ ଜଡିତ ରହିଥିବାରୁ ଫିଫା ବିଶ୍ୱକପର ପ୍ରଭାବ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ପ୍ରଥମ ଥର ପାଇଁ ଫିଫା ବିଶ୍ୱକପରେ ୪୮ଟି ଦଳ ଅଂଶଗ୍ରହଣ କରିବେ। ପୂର୍ବରୁ ୩୨ଟି ଦଳ ଅଂଶଗ୍ରହଣ କରୁଥିଲେ। ଏଥର ୧୬ଟି ଦଳ ବୃଦ୍ଧି ପାଇଛି। ଫଳରେ ମ୍ୟାଚ ସଂଖ୍ୟା ବଢିଛି। ପ୍ରସ୍ତୁତି ବି ପୂର୍ବାପେକ୍ଷା ଅଧିକ ହେଉଛି। ଆମେରିକା ଭେନ୍ୟୁର ମ୍ୟାଚ ଗୁଡ଼ିକ ଉତ୍ତର ଆମେରିକାର ୧୧ଟି ସ୍ଥାନରେ ଖେଳାଯିବ। ଏହାଛଡ଼ା କାନାଡାର ୨ଟି ଓ ମେକ୍ସିକୋର ୩ଟି ଭେନ୍ୟୁରେ ମ୍ୟାଚ ଖେଳାଯିବ। ଏବେ ଫିଫା ପ୍ରତିନିଧି ପ୍ରତିଯୋଗିତା ନେଇ ପ୍ରସ୍ତୁତି ସମୀକ୍ଷା ପାଇଁ ଆମେରିକା ଯିବାରେ ମଧ ସମସ୍ୟା ସୃଷ୍ଟି ହୋଇଛି। ଫିଫା ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ହେମେ।। ଚିର୍ଗି କହିଛନ୍ତି ଯେ, ପରିସ୍ଥିତି ଉପରେ ଫିଫା ନଜର ରଖିଛି। ଯୁଦ୍ଧ ଲାଗି ରହିଲେ ଏହାର ପ୍ରଭାବ ପ୍ରସ୍ତୁତି ଉପରେ ପଡ଼ିବାର ମଧ ସମ୍ଭାବନା ରହିଛି। ସବୁ ଦିଗ ଉପରେ ଫିଫା ନଜର ରଖିଛି। ଆବଶ୍ୟକ ପଡ଼ିଲେ ଉକ୍ତ ପ୍ରତିଯୋଗିତା ଆଉ କିଛିଦିନ ଘୁଞ୍ଚାଇ ଦିଆଯାଇପାରେ ବୋଲି ଚିର୍ଗି କହିଛନ୍ତି। ଅନ୍ୟ କ୍ରୀଡ଼ାଠାରୁ ବିଶ୍ୱକପ ଭଳି ପ୍ରତିଯୋଗିତା ଆୟୋଜନ କରିବା ସବୁଠାରୁ ବଡ଼ ଆହ୍ୱାନ । ଫିଫା ଅଧିକାରୀ ଆୟୋଜକ ଦେଶମାନଙ୍କ ସହ ନିରନ୍ତର ଯୋଗାଯୋଗ ରେ ରହିଛନ୍ତି। ସହ ଚିର୍ଗି କହିଛନ୍ତି। ଇରାନ ପ୍ରତିଯୋଗିତା ଲାଗି ଯୋଗ୍ୟତା ହାସଲ କରିଥିଲେ ମଧ ଏଥିରୁ ଓହରି ଯିବାକୁ ଘୋଷଣା କରିଛି।

# ଆଜିଠାରୁ କିଟ୍‌ରେ ଜାତୀୟ ଯୁଥ୍ ଭଲିବଲ ଚାମ୍ପିଅନସିପ୍



କଟକ, ୧୪/୩(ନିପ୍ର) : କିଟ୍ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରରେ ଚଳିତ ମାର୍ଚ୍ଚ ୧୫ରୁ ୨୦ ପର୍ଯ୍ୟନ୍ତ ୨୬ତମ ଜାତୀୟ ଯୁଥ୍ ଭଲିବଲ ଚାମ୍ପିଅନସିପ୍ ଆୟୋଜିତ ହେବ। ଓଡ଼ିଶା ଭଲିବଲ ଆସୋସିଏସନ, ଭାରତୀୟ ଭଲିବଲ ସଂଘ ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ୨୬ତମ ଜାତୀୟ ଯୁଥ୍ ଭଲିବଲ ଚମ୍ପିଆନସିପ ଆୟୋଜିତ ହେବ। ପ୍ରଥମ ଥର ପାଇଁ ଜାତୀୟ ପ୍ରତିଯୋଗିତା ୬ଟି ଇନ୍‌ଡୋର କୋର୍ଟରେ ଖେଳାଯିବ। ଯାହା ପୂର୍ବରୁ କେବେହେଲେ ଜାତୀୟ ପ୍ରତିଯୋଗିତାରେ ଦେଖିବାକୁ ମିଳିନଥିଲା। ଏଫ୍‌ଆଇଭିବି ଭଲିବଲ ବିଚ୍ ପ୍ରୋ ଟୁର ଚ୍ୟାଲେଞ୍ଜ-୨୦୨୬ର ସଫଳ ଆୟୋଜନ ପରେ କିଟ୍‌ରେ ଆଉ ଏକ ଜାତୀୟ ପ୍ରତିଯୋଗିତା ଆୟୋଜିତ ହେବାକୁ ଯାଉଛି। ଏଥିରେ ୩୦ଟି ରାଜ୍ୟ ଓ ୨ଟି ପ୍ରତିଷ୍ଠାନର ପୁରୁଷ ଓ ମହିଳା ଦଳ ଅଂଶଗ୍ରହଣ କରିବେ। ଦୁଇଟି ପ୍ରତିଷ୍ଠାନ ଦଳ ହେଲେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଓ ସର୍ଭିସେସ। ୧୨୦୦ ଖେଳାଳି ଓ ଅଫିସିଆଲ ଭାଗ ନେବେ। ପୂର୍ବରୁ କିଟ୍‌ରେ ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତ କ୍ରମାଗତ ୩ବର୍ଷ ୬୮,୬୯ ଓ ୭୦ତମ ଜାତୀୟ ସିନିୟର ଭଲିବଲ ଚମ୍ପିଆନସିପ୍ ଓ ୩୪ତମ ଫେଡେରେସନ କପ ଭଲିବଲ ସଫଳତାର ସହିତ ଆୟୋଜିତ ହୋଇଛି। ଜାତୀୟ ଯୁଥ୍ ଭଲିବଲ ଚମ୍ପିଆନସିପ୍‌କୁ ସଫଳ ଆୟୋଜନ ନେଇ ଆମେ ପ୍ରସ୍ତୁତ ବୋଲି କିଟ୍ ଓ କିସର ପ୍ରତିଷ୍ଠାତା ତଥା ଓଡ଼ିଶା ଭଲିବଲ ସଂଘ ସଭାପତି ଡ. ଅଚ୍ୟୁତ ସାମନ୍ତ କହିଛନ୍ତି। ଜାତୀୟ ଯୁଥ୍ ଭଲିବଲ ଚମ୍ପିଆନସିପ୍ ପ୍ରଥମ ଥର ପାଇଁ ୬ଟି ଇନଡୋର କୋର୍ଟ। ଖେଳାଯିବ। ଏଥିପାଇଁ ଓଡ଼ିଶା ଭଲିବଲ ଆସୋସିଏସନ ଓ କିଟ୍ ପ୍ରସ୍ତୁତ ବୋଲି ସମ୍ପାଦକ ଡ. ଗଗନେନ୍ଦୁ ଦାଶ କହିଛନ୍ତି।

## ବରିଷ୍ଠ ଆଇପିଏସ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ରଥଯାତ୍ରା ଦାୟିତ୍ୱ



ଭୁବନେଶ୍ୱର, ୧୪ ।୩(ନିପ୍ର): ବରିଷ୍ଠ ଆଇପିଏସ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଆସନ୍ତା ରଥଯାତ୍ରା ଦାୟିତ୍ୱ ଦିଆଯାଇଛି। ଶୃଙ୍ଖଳିତ ରଥଯାତ୍ରା ପାଇଁ ପୋଲିସ ମୁଖ୍ୟାଳୟ ସୂତ୍ରରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଇନଶୃଙ୍ଖଳା, ଟ୍ରାଫିକ, ମନ୍ଦିର ଭିତର ଓ ବାହାରର ବ୍ୟବସ୍ଥା ଉପରେ ସେ ନଜର ରଖିବେ ।

## କାର ଧକ୍କାରେ ଜଣେ ମୃତ, ୯ ଗୁରୁତର

କୁଚିଣ୍ଡା, ୧୪/୩(ନିପ୍ର): ମହୁଲପାଲି ଥାନା ଅନ୍ତର୍ଗତ ଟାଇଁସର ପଞ୍ଚାୟତ କଦୋପଡା ଛକ ନିକଟରେ ଶୁକ୍ରବାର ରାତି ପ୍ରାୟ ସାଢ଼େ ୯ଟା ସମୟରେ ଘରକୁ ଫେରୁଥିବା ସମୟରେ ୧୦ ଜଣଙ୍କ ଉପରେ ଏକ ଦ୍ରୁତଗାମୀ କାର ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଦ୍ୱାରା ସମସ୍ତଙ୍କୁ ଚିକିତ୍ସା ପାଇଁ କୁଚିଣ୍ଡା ଡ଼ାକ୍ତରଖାନାକୁ ନେଇଥିଲେ। ମାତ୍ର କଦୋପଡାର କଞ୍ଚନୀ ପଟେଲ(୬୦)ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ୯ ଜଣଙ୍କୁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ମୁଣ୍ଡରେ ଆଘାତ ଲାଗିଥିବା ୪ ଜଣ ଗୁରୁତରଙ୍କୁ ବୁର୍ଲା ଭିମସାର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା।

## ଯୋଗାଣ ବିଭାଗର ଚଢ଼ଉ: ୯୮ଗ୍ୟାସ ସିଲିଣ୍ଡର ଜବତ

ଝାରସୁଗୁଡ଼ା, ୧୪/୩(ନିପ୍ର): ଜିଲ୍ଲାରେ ରନ୍ଧନ ଗ୍ୟାସ୍, ପେଟ୍ରୋଲ ଓ ଡିଜେଲର ସ୍ଥିତି ଏବଂ ସୁଷମ ବଣ୍ଟନକୁ ନେଇ ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକରେ ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣର ଇନ୍ଧନ ମହଜୁଦ ଥିବା ସୂଚନା ଦିଆଯିବା ସହ କଳାବଜାରୀ ରୋକିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା। ଏହି କ୍ରମରେ ଯୋଗାଣ ବିଭାଗ ପକ୍ଷରୁ ଏକ ବଡ଼ ଧରଣର ଚଢ଼ଉ କରାଯାଇ ବେନିୟମ ଭାବେ ଗଚ୍ଛିତ ୯୮ଟି ସିଲିଣ୍ଡର ଜବତ କରାଯାଇଛି। ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ସ୍ପଷ୍ଟ କରିଥିଲେ ଯେ, ଅନାବଶ୍ୟକ ଭାବେ ଗ୍ୟାସ୍ ସିଲିଣ୍ଡର ବା ତୈଳ ମହଜୁଦ ରଖିବା କିମ୍ବା କୃତ୍ରିମ ଅଭାବ ସୃଷ୍ଟି କରି କଳାବଜାରୀ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସାଧାରଣ ଖାଉଟି, ଡାକ୍ତରଖାନା, ଆହାର କେନ୍ଦ୍ର, ମଧାହ୍ନ ଭୋଜନ ଓ ଆଶ୍ରମ ସ୍କୁଲଗୁଡ଼ିକୁ ଗ୍ୟାସ୍ ଯୋଗାଣ କ୍ଷେତ୍ରରେ ପ୍ରାଥମିକତା ଦେବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ଗୋହିରାଟିକିରି ମଠରେ ଅସନ୍ତୋଷ

## ମହନ୍ତଙ୍କ ବ୍ୟବହାରକୁ ନେଇ ବିବାଦ ତେଜିଲା



ଧାମନଗର, ୧୪/୩(ନିପ୍ର): ଓଡ଼ିଶାର ଇତିହାସ ସହ ଜଡ଼ିତ ଧାମନଗର ବ୍ଲକ ଦୋବଲ ନିକଟସ୍ଥ ମୁସ୍ତାଫାପୁର ପଞ୍ଚାୟତର ପ୍ରସିଦ୍ଧ ଗୋହିରାଟିକିରି ମଠ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଓଡ଼ିଶାର ଶେଷ ସ୍ୱାଧୀନ ରାଜା ଗଜପତି ମୁକୁନ୍ଦ ଦେବଙ୍କ ବୀରତ୍ୱ ଓ ଆତ୍ମବଳିର ସ୍ମୃତି ବହନ କରୁଥିବା ଏହି ପର୍ଯ୍ୟଟନ ସ୍ଥଳୀରେ ଏବେ ଅଶାନ୍ତିର ବାତାବରଣ ଦେଖାଦେଇଛି। ମଠର ମହନ୍ତଙ୍କ ଅସଦାଚରଣ ଓ ସ୍ଥାନୀୟ ଲୋକଙ୍କ ସହ ବିବାଦକୁ ନେଇ ଜନଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ମଠର ବର୍ତ୍ତମାନର ମହନ୍ତ ବିଭିନ୍ନ ସମୟରେ ଭକ୍ତ ଓ ପର୍ଯ୍ୟଟକଙ୍କୁ ଉଚିତ ସମ୍ମାନ ପ୍ରଦାନ କରୁନାହାନ୍ତି। ଏହି ଘଟଣାକୁ ନେଇ ମଠ ମହନ୍ତ ଓ ଗ୍ରାମବାସୀଙ୍କ ମଧ୍ୟରେ ଦୀର୍ଘଦିନ ହେବ ତିକ୍ତତା ଲାଗି ରହିଛି। ସ୍ଥିତି ଏପରି ହୋଇଛି ଯେ, ଏହି ବିବାଦ ଏବେ ଧାମନଗର ଥାନାର ଦ୍ୱାରସ୍ଥ ହୋଇଛି। ଏହି ଐତିହାସିକ ପୀଠର ସୁରକ୍ଷା ଓ ଗାରିମା ରକ୍ଷା ପାଇଁ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି।

## କ୍ରୀଡ଼ା ଭିତ୍ତିଭୂମି ନିର୍ମାଣ ପାଇଁ କଳିକେଶଙ୍କ ଦାବି

ବଲାଙ୍ଗିର, ୧୪/୩(ନିପ୍ର): ବଲାଙ୍ଗୀର ଜିଲ୍ଲାର ଯୁବକ/ଯୁବତୀମାନେ ବିଭିନ୍ନ କ୍ରୀଡାକ୍ଷେତ୍ରରେ ଜାତୀୟସ୍ତରରେ ଉଲ୍ଲେଖନୀୟ ସଫଳତା ପାଉଛନ୍ତି । ତେଣୁ ସେମାନଙ୍କୁ ଆହୁରି ଆଗକୁ ନେବାକୁ କ୍ରୀଡା ଭିତ୍ତିଭୂମିର ଆବଶ୍ୟକତା ରହିଛି । ସରକାର ଏଥିପାଇଁ ପଦକ୍ଷେପ ନେଉଛନ୍ତି କି ଓ ବଲାଙ୍ଗୀରରେ ଜାତୀୟସ୍ତରୀୟ ହାଫମାରାଥନ କରିବେ ବୋଲି ବିଧାନସଭାରେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ପ୍ରଶ୍ନ କରିଛନ୍ତି । ଏହାର ଉତ୍ତରରେ କ୍ରୀଡା ଓ ଯୁବବ୍ୟାପାର ବିଭାଗର ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ କହିଛନ୍ତି ଯେ, ରାଜ୍ୟ ସରକାର କ୍ରୀଡା ଭିତ୍ତିଭୂମି ନିର୍ମାଣ ପାଇଁ ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ୪,୧୨୪ କୋଟି ଟଙ୍କାର ବଜେଟ ଧରିଛନ୍ତି । ବଲାଙ୍ଗୀର ଜିଲ୍ଲାରେ ଖପ୍ରାଖୋଲରେ ୧୬ କୋଟି ୪୨ ଲକ୍ଷ ୩୬ ହଜାର ଟଙ୍କା ଓ ପାଟଣାଗଡଠାରେ ୧୯ କୋଟି ୮୬ ଲକ୍ଷ ୪୬ ହଜାର ଟଙ୍କାର ଅନୁଦାନରେ ଦୁଇଟି ମଲ୍ଟିପର୍ପୋସ ଷ୍ଟାଡିୟମ ନିର୍ମାଣ କରିବାକୁ ଯାଉଛନ୍ତି । ଅନ୍ୟ ବ୍ଲକଗୁଡିକରେ ମଧ ଜମି ଖୋଜା ଚାଲିଛି । ଏହା ସହିତ ଗ୍ରାମାଞ୍ଚଳରେ ୧୪ଟି ସ୍ଥାନ ଓ ସହରାଞ୍ଚଳରେ ୫ଟି ସ୍ଥାନରେ ୨୦ ଲକ୍ଷ ଟଙ୍କା ଲେଖାଏଁ ଖର୍ଚ୍ଚରେ ଖେଳପଡିଆ ଉନ୍ନତିକରଣ କାମ କରାଯାଇଛି ।

### ■ ଦୁର୍ଘଟଣାରେ କର୍ମଚାରୀଙ୍କ ମୃତ୍ୟୁ

## ମୁଖ୍ୟମନ୍ତ୍ରୀଙ୍କ ଶୋକ, ୪ଲକ୍ଷ ସହାୟତା ଘୋଷଣା

ଭୁବନେଶ୍ୱର, ୧୪/୩(ନିପ୍ର): ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ତହସିଲର ବିଜୟ ଦାସ (ପିତା - ନଟବର ଦାସ) ଙ୍କର ଦୁଃଖଦ ଦୁର୍ଘଟଣାରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି (ସିଏମଆରଏଫ) ରୁ ୪ ଲକ୍ଷର ସହାୟତା ଘୋଷଣା କରିଛନ୍ତି ।

## କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ

ବଲାଙ୍ଗିର, ୧୪/୩(ନିପ୍ର): ବଲାଙ୍ଗିର ଜେଲ୍ ଭିତରେ ଜଣେ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। କଏଦୀ ଜଣକ ବଲାଙ୍ଗିର ସଦର ଥାନା କୁଶଙ୍ଗ ଗାଁର ଭୀଷ୍ମଦେବ ସାହୁ ଓରଫ ଗୋପାଳ (୩୭) ବୋଲି ଜଣାପଡ଼ିଛି। ଗତ ୨୦୨୧ରେ ସ୍ତ୍ରୀକୁ ହତ୍ୟା ଅଭିଯୋଗରେ ସେ ଜେଲ୍ ଯାଇଥିଲେ। ବର୍ଷେ ତଳେ ଭୀଷ୍ମଦେବଙ୍କୁ କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ମଧାହ୍ନରେ ଜେଲ କର୍ତ୍ତୃପକ୍ଷ ଝୁଲନ୍ତା ଅବସ୍ଥାରେ ଭୀଷ୍ମଦେବଙ୍କ ମୃତଦେହ ଉଦ୍ଧାର କରିଥିଲେ। ଭୀଷ୍ମଦେବଙ୍କ କୁଶଙ୍ଗ ଗାଁରେ ଥିବା ପରିବାର ଲୋକଙ୍କୁ ଭୀଷ୍ମ ଜେଲ୍ ଭିତରେ ଆତ୍ମହତ୍ୟା କରିଥିବା ଖବର ଦେଇଥିଲେ ଜେଲ କର୍ତ୍ତୃପକ୍ଷ। ଭୀମଭୋଇ ମେଡିକାଲ କଲେଜକୁ ମୃତଦେହ ବ୍ୟବଚ୍ଛେଦ କରିବା ପାଇଁ ଅଣାଯାଇଛି। ଜେଲ୍ ଭିତରେ ଚତୁରତାର ସହିତ ଭୀଷ୍ମଦେବଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ।

### ନାବାଳିକାକୁ ଅସଦାଚରଣ ଉଦ୍ୟମରୁ ବିକ୍ଷୋଭ

# ପୁଲିସ-ଜନତା ଖଣ୍ଡଯୁଦ୍ଧ: ୩୮ ଗିରଫ



**ବହଳଦା, ୧୪/୦୩(ନିପ୍ର):** ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ତଥା ବହଳଦା ବ୍ଲକ ଅନ୍ତର୍ଗତ ବିଞ୍ଝୁଆ ଗ୍ରାମ ପାଲଟିଥିଲା ରଣକ୍ଷେତ୍ର । ଜଣେ ସଂଖ୍ୟାଲଘୁ ଯୁବକ ଜନୈକା ଆଦିବାସୀ ନାବାଳିକାକୁ ଅସଦାଚରଣ ଉଦ୍ୟମ କରିବାରୁ ତାଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ ଭିଆଇଛନ୍ତି ଲଙ୍କାକାଣ୍ଡ । ବିକ୍ଷୋଭ ବେଳେ ପୁଲିସ ଜନତା ଖଣ୍ଡଯୁଦ୍ଧ ଭୟଙ୍କର ରୂପ ନେଇଥିଲା । ଆକ୍ରୋଶ ଚରମ ସୀମାରେ ପହଞ୍ଚିବା ପରେ ଲୋକେ ପୁଲିସକୁ ଠେଙ୍ଗା ବାଡ଼ି ଓ ଢେଲାମାଡ଼ କରି ଗୁରୁତର କରିପକାଇଛନ୍ତି । ଘଟଣାରେ ୧୨ରୁ ଅଧିକ ପୁଲିସ କର୍ମଚାରୀ ଲହୁଲୁହାଣ ହୋଇଛନ୍ତି । ହାତରେ ଲାଠି ଓ ଦେହରେ ସୁରକ୍ଷା ଜ୍ୟାକେଟ ଥାଇ ବି ପୁଲିସ ନାକେଦମ ହୋଇଛି । ଘଟଣା ଅନୁଯାୟୀ ବିଶୋଇ ଥାନା ଅନ୍ତର୍ଗତ ମହୁଭଣ୍ଡାର ନିକଟସ୍ଥ ବାଉତିବେଡା ଗ୍ରାମର ଜନୈକଙ୍କ ନାବାଳିକା ଝିଅ ସନାପୋଷି ଗ୍ରାମର ପଡାଗ୍ରାମ ଇଚାଘୁଟୁ ଗ୍ରାମରେ ନିଜ ମାମୁ ଘରକୁ ବାହାପର୍ବ ଅବସରେ ଆସିଥିଲେ । ଗୁରୁବାର ଅପରାହ୍ନ ୫ଟାରେ ବିଞ୍ଝୁଆ ଗ୍ରାମରେ ଥିବା ଜନସେବା କେନ୍ଦ୍ରରୁ ଆଧାର ଯୋଗେ ଟଙ୍କା କାଢି ଫେରୁଥିବା ସମୟରେ ଗାଁ ମୁଣ୍ଡରେ ଥିବା ସ୍କୁଲ ନିକଟରେ ବିଞ୍ଝୁଆ ଗ୍ରାମର ସଂଖ୍ୟାଲଘୁ ସମ୍ପ୍ରଦାୟର ସେକ୍ ଇସମାଇଲଙ୍କ ପୁଅ ସେକ୍ ଛୋଟୁ ନାବାଳିକାକୁ ଅସଦାଚରଣ କରିଥିଲା । ନାବାଳିକା ଚିତ୍କାର କରିବାରୁ ପାଟି ଶୁଣି ଗାଁ ଲୋକେ ଦୌଡି ଆସିବାରୁ ଅଭିଯୁକ୍ତ ଘଟଣାସ୍ଥଳରୁ ଖସି ପଳାଇଥିଲା । ଘଟଣାକୁ ନେଇ ଉତ୍ତ୍ୟକ୍ତ ଗ୍ରାମବାସୀମାନେ ଅଭିଯୁକ୍ତଙ୍କ ଘରକୁ ଆସି ଗଣ୍ଡଗୋଳ ଆରମ୍ଭ କରିଥିଲେ । ଘଟଣା ସ୍ଥଳରେ ରାତି ତମାମ ଉତ୍ତେଜନା ମୂଳକ ପରିସ୍ଥିତି ଲାଗି ରହିଥିବାବେଳେ ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନା ଓ ଏସଡିପିଓ ବିରେନ୍ଦ୍ର କୁମାର ସେନାପତି ସହିତ ପୁଲିସ ବଳ ଉପସ୍ଥିତ ରହି ସ୍ଥିତି ନିୟନ୍ତ୍ରଣ କରିଥିଲେ । ହେଲେ ସକାଳ ସୁଦ୍ଧା କୌଣସି ସମାଧାନ ହୋଇପାରିନଥିଲା । ଫଳରେ ଉତ୍ତ୍ୟକ୍ତ ଗ୍ରାମବାସୀ ବହଳଦା ମୁର୍ମୁ ଛାକରେ ୨୨୦ ନଂ ରାଜପଥ ଅବରୋଧ କରିଥିଲେ । ପୁଲିସ ଅଭିଯୁକ୍ତକୁ ଗିରଫ କରିଥିବା ନେଇ ସୂଚନା ଦେବା ପରେ ମଧ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ଆଣିବା ଦାବିରେ ଅଡି ବସିଥିଲେ । ଏହାକୁ ନେଇ ପୁଲିସ ଲାଠି ଚାଳନା କରିବାରୁ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଥିଲା ।

### କାନଭାସ୍‌ରେ ଜୀବନ୍ତ ହେଲେ ୬୪ ଯୋଗିନୀ

## ଭୁବନେଶ୍ୱରରେ 'ଏକା- ଦି ୱାନ' ଜାତୀୟ କଳା ପ୍ରଦର୍ଶନୀ



ଭୁବନେଶ୍ୱର, ୧୪/୩(ନିପ୍ର): ଭୁବନେଶ୍ୱର ସ୍ଥିତ ବୁଦ୍ଧ ଆର୍ଟ ଗ୍ୟାଲେରୀଠାରେ ଏକ ନିଆରା ଜାତୀୟ ଭ୍ରାମ୍ୟମାଣ କଳା ପ୍ରଦର୍ଶନୀ 'ଏକା-ଦି ୱାନ' ଉଦ୍‌ଘାଟିତ ହୋଇଯାଇଛି। କଳାକାର ତଥା ସାମାଜିକ ଉଦ୍ୟୋଗୀ ଡ. ବୀଣା ଉନ୍ନିକ୍ରିଷ୍ଣନ୍‌ଙ୍କ ପରିକଳ୍ପନାରେ ପ୍ରସ୍ତୁତ ଏହି ତିନି ଦିନିଆ ପ୍ରଦର୍ଶନୀ ଆସନ୍ତା ମାର୍ଚ୍ଚ ୧୬, ୨୦୨୬ ପର୍ଯ୍ୟନ୍ତ ଦର୍ଶକଙ୍କ ପାଇଁ ଖୋଲା ରହିବ। ଏହି ପ୍ରଦର୍ଶନୀଟି ମୁଖ୍ୟତଃ ଭୁବନେଶ୍ୱର ଉପକଣ୍ଠ ହୀରାପୁରସ୍ଥିତ ପ୍ରସିଦ୍ଧ 'ଚଉଷଠି ଯୋଗିନୀ ମନ୍ଦିର'ର ଆଧାତ୍ମିକ ଐତିହ୍ୟ ଦ୍ୱାରା ଅନୁପ୍ରାଣିତ। ଏଥିରେ ୬୪ ଯୋଗିନୀଙ୍କର ଏକ ଶକ୍ତିଶାଳୀ ଏବଂ ସମସାମୟିକ ଚିତ୍ରଣ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ଲଳିତ କଳା ଏକାଡେମୀର ସଚିବ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ-ନିର୍ଦ୍ଦେଶିକା ଦେବଯାନୀ ଭୂୟାଁ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରିଛନ୍ତି। ସେ ଡ. ଉନ୍ନିକ୍ରିଷ୍ଣନ୍‌ଙ୍କ ଏହି ଅନନ୍ୟ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ପ୍ରଦର୍ଶନୀ ସମ୍ପର୍କରେ ସୂଚନା ଦେଇ ଡ. ବୀଣା ଉନ୍ନିକ୍ରିଷ୍ଣନ କହିଛନ୍ତି ଯେ, "ଏହା ଦେଶର ୧୬ଟି ରାଜ୍ୟରେ ୧୦,୦୦୦ କିଲୋମିଟରରୁ ଅଧିକ ଅତିକ୍ରମ କରୁଥିବା ମହତ୍ୱାକାଂକ୍ଷୀ'୬୪ ଯୋଗିନୀ ଟ୍ରେଲ୍'ର ଏକ ଅଂଶବିଶେଷ। ଚେନ୍ନାଇରୁ ଆରମ୍ଭ ହୋଇ ଏହି ଯାତ୍ରା କେରଳ ଏବଂ କୋଏମ୍ବାଟୁର ଦେଇ ଭୁବନେଶ୍ୱରରେ ପହଞ୍ଚିଛି।" ଭାରତର ପ୍ରାଚୀନ ନାରୀ-ଶକ୍ତି ପରମ୍ପରାକୁ ଆଧୁନିକ ଯୁଗର ଦୃଶ୍ୟକଳା ସହ ଯୋଡ଼ିବା ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ।

### ■ ବିଆଇପିଏଫ୍‌ର ସାମାଜିକ ପ୍ରଭାବର ୧୫ ବର୍ଷ ପୂରଣ

## ପରିବର୍ତ୍ତନକାରୀମାନଙ୍କୁ ଶାମ୍ଭବୀ ପୁରସ୍କାର ୨୦୨୬ରେ ସମ୍ମାନିତ



ଭୁବନେଶ୍ୱର, ୧୪/୩(ନିପ୍ର): ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ ( ବିଆଇପିଏଫ୍ ) ସାମାଜିକ ବିକାଶରେ ଏହାର ଯାତ୍ରାର ୧୫ ବର୍ଷର ସ୍ମୃତିଚାରଣ କରି ଶାମ୍ଭବୀ ପୁରସ୍କାରର ୧୩ତମ ସଂସ୍କରଣ ପ୍ରଦାନ କରିଛି, ଯାହା ଓଡ଼ିଶାରେ ତୃଣମୂଳ ସ୍ତରର ସାମାଜିକ କାର୍ଯ୍ୟରେ ଉତ୍କର୍ଷତା ଏବଂ ନବସୃଜନକୁ ସ୍ୱୀକୃତି ପ୍ରଦାନ କରିଥାଏ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ, ତାଙ୍କ ସହିତ ମ୍ୟାଜିକ୍ ବସ୍ ଇଣ୍ଡିଆ ଫାଉଣ୍ଡେସନର ଗ୍ଲୋବାଲ୍ ସିଇଓ ଜୟନ୍ତ ରସ୍ତୋଗୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ସମାରୋହ ଭୁବନେଶ୍ୱରର ମେଫେୟାର କନ ଭେନସନରେ ଅନୁଷ୍ଠିତ ହୋଇଥିଲା। ବିଗତ ୧୫ବର୍ଷ ମଧ୍ୟରେ, ବିଆଇପିଏଫ୍ ଓଡ଼ିଶାର ଛଅଟି ଜିଲ୍ଲାରେ ଏକ ଅର୍ଥପୂର୍ଣ୍ଣ ପ୍ରଭାବ ସୃଷ୍ଟି କରିଛି, ୬୯୦ ଗ୍ରାମ ପର୍ଯ୍ୟନ୍ତ ପହଞ୍ଚିଛି ଏବଂ ଏହାର ସମ୍ପ୍ରଦାୟ-ନେତୃତ୍ୱାଧୀନ ବିକାଶ ପଦକ୍ଷେପ ମାଧ୍ୟମରେ ୨.୭ ନିୟୁତରୁ ଅଧିକ ଲୋକଙ୍କ ଜୀବନକୁ ସକାରାତ୍ମକ ଭାବରେ ସ୍ପର୍ଶ କରିଛି। ଏହି ମାଇଲଖୁଣ୍ଟକୁ ସ୍ମରଣୀୟ କରିବା ପାଇଁ, ପ୍ରତିଷ୍ଠାନର ଯାତ୍ରା ଉପରେ ଏକ କଫି ଟେବୁଲ୍ ପୁସ୍ତକ ପ୍ରଭାତୀ ପରିଡାଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ୨୦୧୩ ମସିହାରେ ପ୍ରତିଷ୍ଠା ହୋଇଥିବା ଶାମ୍ଭବୀ ପୁରସ୍କାର ଓଡ଼ିଶାରେ ପରିବର୍ତ୍ତନକାରୀ ସାମାଜିକ ପ୍ରଭାବ ସୃଷ୍ଟି କରିବା ପାଇଁ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ବ୍ୟକ୍ତି ଏବଂ ସଂଗଠନଗୁଡ଼ିକୁ ପାଳନ କରେ।

## ୨୯ରେ ମା' ମଝିଘରିଆଣୀଙ୍କ ଚୈତ୍ର ଯାତ୍ରା

ରାୟଗଡ଼ା , ୧୪ ।୩ : ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ଚୈତ୍ର ପର୍ବ ମାର୍ଚ୍ଚ ୨୯ରୁ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଶୁକ୍ରବାର ମନ୍ଦିର ପରିସରରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଚୈତ୍ର ଯାତ୍ରା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ ହୋଇଛି। ୨୯ରେ ମାଙ୍କ ପାଦ ଉଠାଣ ଓ ଘଟ ସ୍ଥାପନ ସହ ସୂର୍ଯ୍ୟପୂଜା, ଶାଳାପୂଜା, ଚଣ୍ଡୀପାଠ, ଷୋଡଶ ଉପଚାର ପୂଜା ଇତ୍ୟାଦି ଅନୁଷ୍ଠିତ ହେବ। ୩୦ରୁ ୨ ତାରିଖ ଯାଏଁ ପ୍ରତିଦିନ ମା'ଙ୍କ ସୂର୍ଯ୍ୟପୂଜା, ଶାଳାପୂଜା, ଚଣ୍ଡୀପାଠ, ଷୋଡଶ ଉପଚାର ପୂଜା, ଚଣ୍ଡୀପାଠ, ମୁଖ୍ୟ ଦେବୀଙ୍କ ମହାସ୍ନାନ, ଷୋଡଶ ଉପଚାର ପୂଜା ଅନୁଷ୍ଠିତ ହେବ । ୨ ତାରିଖରେ ମାଙ୍କ ଝାମୁଯାତ୍ରା ପାଇଁ ଅଗ୍ନି ସଂଯୋଗ, ପୂଜକଙ୍କ କଣ୍ଟାଦୋଳି ଝୁଲଣ ଏବଂ ଅଗ୍ନି ଗମନାଗମନ କାର୍ଯ୍ୟକ୍ରମ ରହିଛି । ମନ୍ଦିରର ପୂଜକ ଚନ୍ଦ୍ର ପୂଜାରୀ, ରାଜ ପୁରୋହିତ ବିରଞ୍ଚିତ୍ ଦାଶଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମନ୍ଦିର ଟ୍ରଷ୍ଟ ବୋର୍ଡର ଅଧ୍ୟକ୍ଷ ରାଇସିଂ ବିଡିକି, ଟ୍ରଷ୍ଟି ସଦସ୍ୟ ଇପିଲି ରାଜୁ, ପି.ବାସୁ, ଦେବ ବେହେରା, ବାବୁ ଦଳେଇ, ଶ୍ରୀନିବାସ ରାଓ, ମାଙ୍ଗା ହୁଇକା, ଅଫିସ ସୁପରିନଟେଣ୍ଡେଟ ଜାନକୀ ବଲ୍ଲଭ ମହାନ୍ତି, ଭେଙ୍କେଟ ରାଓ ପ୍ରମୁଖ ଶୁଭଖୁଣ୍ଟି ସ୍ଥାପନ ସମୟରେ ଉପସ୍ଥିତ ଥିଲେ ।

## ଦନ୍ତା ଆକ୍ରମଣରେ ୩ ମୃତ

ଫୁଲବାଣୀ, ୧୪ ।୩: ଦନ୍ତା ହାତୀ ଆକ୍ରମଣରେ ପୁଣି ୩ ଜଣଙ୍କ ଜୀବନ ଯାଇଛି । ମାତ୍ର ୧୦ ଘଣ୍ଟା ଭିତରେ ଏସବୁ ଘଟିଛି । କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବନାଞ୍ଚଳର ପାବୁରିଆ ସେକ୍ସନରେ ଏଭଳି ଅଭାବନୀୟ ଘଟଣା ଘଟିଛି । ଡ଼ାମ୍ପା ଗାଁର ୨ ଜଣ ଓ ପାବୁରିଆ ଗାଁର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକମାନେ ବାସୁଦେବ ପ୍ରଧାନ, କୀର୍ତ୍ତନ ବଗର୍ତ୍ତି ଓ ଦୁରୀ ପ୍ରଧାନ। ଏହି ତିନି ଜଣ ବ୍ୟକ୍ତି ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ । ଖବର ପାଇ ବନ ବିଭାଗ ଟିମ୍ ଘଟଣା ସ୍ଥଳରେ ପହଞ୍ଚିଛି । ଦନ୍ତା ହାତୀର ଏଭଳି ଆକ୍ରମଣ ପରେ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି।

**AFFIDAVIT**

By virtue of an affidavit sworn before The Executive Magistrate, Naktideul affidavit no.20 dated on 16.02.2026, I, Kuna Naik S/o-Sunyabali Naik, At-Sahebi, Po/Ps-Naktideul, dist-Sambalpur, Pin-768106 do hereby declare that I have changed my name from Kunu Suna to Kuna Naik. Henceforth I shall be known as Kuna Naik for all purposes.

Sd/-KUNA NAIK

**OFFICE OF THE MUNICIPAL COUNCIL, TALCHER**
**DIST:- ANGUL** 13001/645/2526
**Phone No.- (06760) 240259 E-Mail ID: e.o.talcher@gmail.com**

**QUOTATION CALL NOTICE**

The Executive Officer, Talcher Municipality on behalf of Talcher, Dist- Angul invites sealed Quotations from the intending registered firms/ authorized dealers/ distributors/ suppliers and manufacturers of "Supply of Dustbin & wheel barrow - iron & fiber (Sanitation works purpose) to Talcher Municipality". The prescribed Quotation schedule can be obtained from the Cashier section of Talcher Municipality on payment of Rs. 2500 /- (Rupees two thousand five Hundred) only including GST@18% (non-refundable) in shape of cash / bank draft / banker's cheque drawn in favour of the Executive Officer, Talcher Municipality payable at Talcher from any nationalized bank from Dt.12.03.2026 to Dt.20.03..2026 up to 1.00 PM. during office hour except holidays.

The Quotation paper along with all documents should reach the undersigned by Regd. Post /Speed Post/Courier Service or by person on or before 20.03.2026 up to 1.30 PM. And this office will in no way, be responsible for any delay in receipt of the Quotation documents. The Quotation will be opened on the same date at 3.00 PM in presence of the Quotationer or their authorized representative if any. EMD shall be made in shape of cash / DD duly pledged in favour of the Executive Officer, Talcher Municipality Rs. 10,000/- (Ten thousand) only (refundable) .The original EMD, Money Receipt shall be attached with the quotation paper, failing which the quotation shall not be taken into consideration. The Quotation received beyond the schedule date and time will not be considered at all.

All terms and conditions may be seen in the Quotation proforma. The undersigned has rights to accept, cancel or reject any or all the Quotations without assigning any reason thereof.

Executive Officer
Talcher Municipality

OIPR 13001/13077/1/25-26/0019

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ